# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୦/୨୦୨୦ (୧୬ପୃଷ୍ଠା) | Sambalpur, Tuesday, November 10/2020 | ★★

୧୬ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ରାଧା ଯାଦବଙ୍କ ରେକର୍ଡ**

ମହିଳା ଟି୨୦ ଚ୍ୟାଲେଞ୍ଜରେ ପ୍ରଥମ ଖେଳାଳିଭାବେ ୫ ଉଇକେଟ ହାସଲ କରିଛନ୍ତି ସୁପରନୋଭାସ୍‌ର ରାଧା ଯାଦବ।

୧୬

୧୨

**ହନିମୁନ୍ ଟ୍ରିପ୍‌ରେ କାଜଲ**

ଅଭିନେତ୍ରୀ କାଜଲ ଅଗ୍ରୱାଲ ତାଙ୍କ ସ୍ୱାମୀ ଗୌତମ କିଚ୍‌ଲୁଙ୍କ ସହ ମାଳଦ୍ୱୀପରେ ସମୟ ବିତାଉଛନ୍ତି। ଏନେଇ ନିଜ ଇନ୍‌ଷ୍ଟାରେ ଫଟୋ ଶେୟାର କରିଛନ୍ତି।



# ଅନିଶ୍ଚିତତାରେ ଗଡୁନି ବସ୍

## ନଷ୍ଟହେବାକୁ ବସିଲାଣି ୧୨ ହଜାର

**ଭୁବନେଶ୍ୱର, ୯।୧୧ (ବ୍ୟୁରୋ)**

କରୋନା ସଂକ୍ରମଣ ଭୟ ରହିଥିବାରୁ ସାଧାରଣ ପରିବହନକୁ ଆପଣାଇବାକୁ ଯାତ୍ରୀମାନେ କୁଣ୍ଠାବୋଧ କରୁଛନ୍ତି। ଫଳରେ ବସ୍ ସେବା ସବୁଠାରୁ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ଏଥିଯୋଗୁ ୧୪ ହଜାର ଘରୋଇ ବସ୍ ମଧ୍ୟରୁ ପ୍ରାୟ ୧୨ ହଜାର ଖତ ଖାଇବା ଅବସ୍ଥାକୁ ଆସିଗଲାଣି। ଯଦିଓ ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି କଟକଣା ନାହିଁ, ତେବେ ଯାତ୍ରୀ ଅଭାବ ବସ୍ ମାଲିକଙ୍କ ସମସ୍ୟା ବଢ଼ାଇ ଦେଇଛି। ଏବେ ଯେତିକି ବସ୍ ରାସ୍ତାରେ ଗଡୁଛି, ତାହା ମଧ୍ୟ ଅନିଶ୍ଚିତତାରେ ଚାଲୁଛି। କାରଣ ଶାରୀରିକ ଦୂରତା ରକ୍ଷା କରି ଯାତ୍ରୀଙ୍କୁ ନେବା ସହ ରୋଡ୍ ଟ୍ୟାକ୍ସ ଓ ବୀମା ଅର୍ଥ ଦେବାକୁ ପଡୁଛି। ଫଳରେ ବସ୍‌ର ଖର୍ଚ୍ଚ ଉଠିବା କଷ୍ଟସାଧ୍ୟ ହୋଇପଡିଛି। ଯଦି ଆଗକୁ ପରିସ୍ଥିତି ନ ସୁଧୁରିବ ତେବେ ଚଳାଚଳ କରୁଥିବା ବସ୍ ପୁଣି ବନ୍ଦ ହୋଇଯିବା ଆଶଙ୍କା ରହିଛି।

ବସ୍ ମାଲିକଙ୍କ ଉପରୁ ଆର୍ଥିକ ବୋଝ କମାଇବାକୁ ରାଜ୍ୟ ସରକାର ଏପ୍ରିଲରୁ ଜୁନ୍ ଯାଏ ରୋଡ୍ ଟ୍ୟାକ୍ସ ସମ୍ପୂର୍ଣ୍ଣ ଛାଡ଼ କରି ଦେଇଥିଲେ। ସେହିପରି ଚାଲୁଥିବା ବସ୍‌ଗୁଡିକରୁ ଜୁଲାଇରେ ୨୫%, ଅଗଷ୍ଟରେ ୫୦ ଓ ସେପ୍ଟେମ୍ବରରେ ୭୫% ଟିକସ ଛାଡ଼ କରାଯାଇଛି। ଅକ୍ଟୋବରରୁ ବସ୍‌ଗୁଡିକୁ



ସମ୍ପୂର୍ଣ୍ଣ ଟିକସ ଦେବାକୁ ପଡୁଛି। ରାଜ୍ୟରେ ଏବେ ମାତ୍ର ୨ହଜାର ବସ୍ ଚଳାଚଳ କରୁଛି। ବସ୍‌ଗୁଡିକ ଉପରେ ପ୍ରାୟ ୪୫ ହଜାର କର୍ମଚାରୀ ନିର୍ଭର କରୁଛନ୍ତି। ସେମାନଙ୍କ ପରିବାରକୁ ମିଶାଇଲେ ବସ୍ ପରିବହନ ଉପରେ ପ୍ରାୟ ୨.୫ ଲକ୍ଷ ଲୋକ ନିର୍ଭରଶୀଳ। ତେବେ ଗତ ମାର୍ଚ୍ଚରୁ ଏହି କ୍ଷେତ୍ରରେ ଜୀବିକା ଧୂଳିସାତ୍ ହୋଇଯାଇଛି। ବସ୍ ଗଡ଼ିଲା ମାତ୍ରେ ମାଲିକଙ୍କୁ ସମସ୍ତ ଖର୍ଚ୍ଚ ମିଶାଇ ଦୈନିକ ଅତି କମ୍‌ରେ ୧୫ ହଜାର ଟଙ୍କା ଖର୍ଚ୍ଚ ବହନ କରିବାକୁ ପଡୁଛି। ଯାତ୍ରୀ ସଂଖ୍ୟା କମ୍ ରହୁଥିବାରୁ ମାଲିକଙ୍କ ଉପରେ ଆର୍ଥିକ ବୋଝ ବଢ଼ିଚାଲିଛି। କେବଳ ସେତିକି ନୁହେଁ, ବସ୍ ପାଇଁ ବାର୍ଷିକ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କାର ବୀମା ଭରିବାକୁ ପଡୁଛି। ଏ ସବୁକୁ ଦେଖି ଅନେକ ବସ୍ ମାଲିକ ଯାତ୍ରୀ ପରିବହନ ବ୍ୟବସାୟକୁ ସବୁଦିନ ଲାଗି ବନ୍ଦ କରିବାକୁ ନିଷ୍ପତ୍ତି ନେଲେଣି।

ସ୍କୁଲ, କଲେଜ, ଧର୍ମାନୁଷ୍ଠାନ ବନ୍ଦ ରହିବା ଯୋଗୁ ଯାତ୍ରୀ ପରିବହନ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁରୀ ଶ୍ରୀମନ୍ଦିର ବନ୍ଦ ଥିବାରୁ ପୁରୀକୁ ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଚଳାଚଳ ହେଉ ନ ଥିବାରୁ ବସ୍‌ଗୁଡିକ ନଷ୍ଟ ହେବାକୁ ବସିଲାଣି। ମାଲିକମାନେ ଋଣ କରି ବସ୍ କିଣିଛନ୍ତି। ଫଳରେ କିସ୍ତି ଦେଇ ନ ପାରି ସେମାନେ ଦେବାଳିଆ ଅବସ୍ଥାକୁ ଆସିଗଲେଣି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାର ପରିସ୍ଥିତି ସ୍ୱାଭାବିକ ନ ହେବା ଯାଏ ସମ୍ପୂର୍ଣ୍ଣ ଟିକସ ଛାଡ଼ କରିବା ସହ ବୀମା ଅବଧି ବଢ଼ାଇବାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

କେବଳ ବସ୍ ନୁହେଁ, ରାଜ୍ୟରେ ପ୍ରାୟ ୪ ଲକ୍ଷ ଅଟୋରିକ୍ସା, ୧ ଲକ୍ଷରୁ ଊର୍ଦ୍ଧ୍ୱ ଟ୍ୟାକ୍ସି ପ୍ରଭାବିତ ହୋଇଛି। ଅଟୋ ଚାଳକ ବିଦ୍ୟାଧର ସାହୁ କହିଛନ୍ତ, ଋଣରେ ଅଟୋ କିଣି ଚଳାଉଛି। ଦିନକୁ ସବୁ ଖର୍ଚ୍ଚ ଯାଇ ୫୦୦ ଟଙ୍କା ହେଉଥିଲା। କରୋନା ଯୋଗୁ ୩ ମାସ ବସି ରହିଲୁ। କିସ୍ତି ଶୁଝିବା ବଡ଼ କଷ୍ଟ ହୋଇଛି। ଲକ୍‌ଡାଉନ ଖୋଲିବା ପରେ ଦିନକୁ ୨୦୦ ଟଙ୍କା ରୋଜଗାର କରିବା କଷ୍ଟକର ହୋଇପଡିଛି। ☞ପୃଷ୍ଠା-୪

**କରୋନା ପ୍ରହାର**

- ପର୍ଯ୍ୟଟନ ଋତୁ ଖାଁ ଖାଁ
- ବସ୍ ପରିବହନ ଉପରେ ୨.୫ ଲକ୍ଷ ଲୋକ ନିର୍ଭରଶୀଳ
- ଟିକସ ଛାଡ଼, ବୀମା ଅବଧି ବଢ଼ାଇବାକୁ ସଂଘର ଦାବି

# ଫାଇଜର କୋଭିଡ୍ ଟିକା ୯୦% ପ୍ରଭାବୀ

**ନୂଆଦିଲ୍ଲୀ, ୯।୧୧**



ଆମେରିକୀୟ ଫାର୍ମା କମ୍ପାନୀ ଫାଇଜର ଏବଂ ଜର୍ମାନ ସହଯୋଗୀ ବାୟୋଏନ୍‌ଟେକ୍ ମିଳିତ ଭାବେ ପ୍ରସ୍ତୁତ କରିଥିବା କୋଭିଡ୍-୧୯ ଟିକା ତୃତୀୟ ପର୍ଯ୍ୟାୟ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ପ୍ରଭାବ ପକାଉଥିବା ସାବ୍ୟସ୍ତ ହୋଇଛି। ସୋମବାର ଫାଇଜର ପକ୍ଷରୁ ଏହା ଘୋଷଣା କରାଯାଇଛି। ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ କରୋନା ରୋଗୀଙ୍କଠାରେ ପ୍ରଥମ ଡୋଜ୍ ଟିକା ଦିଆଯିବାର ୨୮ ଦିନ ଏବଂ ଦ୍ୱିତୀୟ ଡୋଜ୍‌ର ୭ ଦିନ ପରେ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥାଏ। ତୃତୀୟ ପର୍ଯ୍ୟାୟ ପରୀକ୍ଷାର ପ୍ରଥମ ଫଳାଫଳରୁ ତାହା ଜଣାପଡ଼ିଥିବା ଫାଇଜର୍‌ର ଅଧ୍ୟକ୍ଷ ତଥା ସିଇଓ ଆଲବର୍ଟ ବୋର୍ଲା କହିଛନ୍ତି। ବିଶ୍ୱରେ ଦେଖାଦେଇଥିବା ସ୍ୱାସ୍ଥ୍ୟ ସଙ୍କଟ ଦୂର ଲାଗି ଟିକା ଆଣିବାରେ ଆମେ ସଫଳତାର ନିକଟବର୍ତ୍ତୀ ହୋଇଛୁ ବୋଲି ସେ ଦାବି କରିଛନ୍ତି। ଯେତେବେଳେ ସମଗ୍ର ପୃଥିବୀ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ପଡ଼ିଛି, ସେତେବେଳେ ଆମର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିଷ୍ଠା କରିବା ଦିଗରେ ଅଗ୍ରସର ହୋଇଛି। ଚାରିଆଡ଼େ କୋଭିଡ୍-୧୯ ସଂକ୍ରମଣ ହାର ରେକର୍ଡ ଛୁଇଁବା ସହ ଡାକ୍ତରଖାନାଗୁଡ଼ିକର ଆଇସିୟୁ ରୋଗୀଙ୍କ ଦ୍ୱାରା ଭର୍ତ୍ତି ହେବା ଓ ମୃତ୍ୟୁ ହାର ବୃଦ୍ଧି ପାଇବାରେ ଲାଗିଛି। ତେଣୁ କମ୍ପାନୀ ଚଳିତ ବର୍ଷ ଶେଷ ସୁଦ୍ଧା ୫ କୋଟି ଏବଂ ୨୦୨୧ ବେଳକୁ ୧୩୦ କୋଟି ଡୋଜ୍ ଟିକା ଯୋଗାଇଦେବା ଲାଗି ଆଶା ରଖିଛି।

ଆମେରିକାର ବାୟୋଟେକ୍ ଫାର୍ମ ମଡର୍ନା, ଚାଇନାର ☞ପୃଷ୍ଠା-୪

# ଆଜି ଭୋଟ ଗଣତି

## ବାଲେଶ୍ୱର, ତିର୍ତ୍ତୋଲ ଉପନିର୍ବାଚନ

**ଭୁବନେଶ୍ୱର, ୯।୧୧ (ବ୍ୟୁରୋ)**

ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ ପାଇଁ ମଙ୍ଗଳବାର ଭୋଟ ଗଣତି ହେବ। ଏଥିପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସକାଳ ୮ଟାରୁ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲଟ୍ ଭୋଟ ଗଣନା କରାଯିବ। ଏହାର ଅଧଘଣ୍ଟା ପରେ ଇଭିଏମ୍ ଭୋଟ ଗଣନା ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନୀ କହିଛନ୍ତି। ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲୋହାନୀ କହିଛନ୍ତି ଯେ, ଭୋଟ ଗଣନା ପୂର୍ବରୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଲେଶ୍ୱର ଉପନିର୍ବାଚନ ଭୋଟ ଗଣତି ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସେହିପରି ତିର୍ତ୍ତୋଲ ଉପନିର୍ବାଚନ ଭୋଟ ଗଣତି ଏସ୍‌ଭିଏମ୍ କଲେଜରେ ହେବ। କୋଭିଡ୍-୧୯ ପରିସ୍ଥିତିକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶୂନରୁ ଆରମ୍ଭ ହେଉ





* Under TVSM internal conditions. # Terms & conditions apply. ^ Ex-showroom price. *5 yr. warranty without any additional charges.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph: 8114372182, 8114372181, Guru Gobind TVS, Ph: 9776280601, 9437203299; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph: 6370700730, 6370700732; BHAWANIPATNA: Raj Rajeswari TVS, Ph: 7682809880. Authorised Dealers: Rengali, Ph.: 9437052831; Deogarh, Ph: 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Raj Khariar, Ph: 9439144433; Muniguda, Ph: 9583860028; Dharmagarh, Ph: 9938883405; Kutra, Ph: 6370312667, 7796501441; Belpahar, Ph.: 9238581791; Attabira, Ph: 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph: 9861265188; Khariar Road, Ph.: 9938098888; Sohela, Ph.: 9938739550; Bhatli, Ph: 9090140103; Boudh, Ph.: 9439238768; Kantabanji, Ph: 9437210599; Gaisilat, Ph: 9937408645; Jaipatna, Ph: 9178280401; Sambalpur, Ph: 9337016000; Bamra, Ph: 9437535172; Kuchinda, Ph: 9437058129; Redhakhol: Ph: 7978349822; Saintala: Ph: 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph: 9938119999, 9777822622; Laikera, Ph: 9938465363 Bheden, Ph: 7008024042, 7008822177; Godbhaga, Ph: 6372444931, 6372445813; Bangamunda, Ph: 9937526500; Tusura, Ph: 9437890955, 9439581200; Bandhabahal, Ph: 6371909005; Bagdehi, Ph: 7008977491; Udanbandh, Ph: 7326042333, 7326042335; Lathor, Ph: 7008086417; Kantamal, Ph: 7008225996; Diptipur, Ph: 7894726957, 9937219913; Dhama, Ph: 7735079641; Birmaharajpur, Ph: 8018860710.

dentsuindia/dhr sam/05/20



ତେଲୁଗୁ ମେଗାଷ୍ଟାର ଚିରଞ୍ଜୀବୀ (୬୫) ସୋମବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। କୋଭିଡ୍ ୧୯ ପରୀକ୍ଷା ପରେ ରିପୋର୍ଟ ପଜିଟିଭ୍ ଆସିବାରୁ ଶୁଟିଂ ସେଟ୍‌କୁ ନ ଯାଇ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଜଣାପଡ଼ିଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସହ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି କରୋନା ପରୀକ୍ଷା କରାଇନେବାକୁ ସେ ଅନୁରୋଧ କରିଛନ୍ତି।



# କୋଭିଡ୍, ଆର୍ôଥିକ ସୁଧାରକୁ ପ୍ରାଥମିକତା

## ବର୍ଣ୍ଣଗତ ସମାନତା, ଜଳବାୟୁ ପରିବର୍ତ୍ତନ ବାଇଡେନ୍ ପ୍ରଶାସନର ଫୋକସ୍‌ରେ

**ୱାଶିଂଟନ, ୯।୧୧(ପି.ଟି.)**

କୋଭିଡ୍-୧୯ ମହାମାରୀର ମୁକାବିଲା, ଦେଶରେ ଦେଖାଦେଇଥିବା ଆର୍ଥିକ ସଙ୍କଟରେ ସୁଧାର ଆଣିବା, ବର୍ଣ୍ଣଗତ ସମାନତା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ସର୍ବାଧିକ ପ୍ରାଥମିକତା ଦେବ। ବାଇଡେନ୍ ଓ ନବନିର୍ବାଚିତ ଉପରାଷ୍ଟ୍ରପତି କମଳା ହାରିସ୍ ଦେଶରେ ଅନେକ ପରିବର୍ତ୍ତନ ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ସେମାନଙ୍କ ଟିମ୍ ସୂତ୍ରରୁ ଜଣାପଡିଛି।

ନିର୍ବାଚନ ଫଳାଫଳକୁ ନେଇ କିଛିଦିନର ଉତ୍କଣ୍ଠା ଓ ଉତ୍ତେଜନା ପରେ ଶନିବାର ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ବାଇଡେନ୍ ପେନ୍‌ସିଲଭାନିଆରେ ବିଜୟୀ ହୋଇ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ତାଙ୍କ ସହଯୋଗୀ କମଳା ପ୍ରଥମ ମହିଳା ଭାବେ ଉପରାଷ୍ଟ୍ରପତି ହୋଇ ଇତିହାସ ସୃଷ୍ଟି କରିଛନ୍ତି। ଏବେ ବାଇଡେନ୍‌ଙ୍କ ଟିମ୍ ୱେବ୍‌ସାଇଟରେ ପରିବର୍ତ୍ତନ କରି ଆଗାମୀ ପ୍ରଶାସନ ୪ଟି ନୀତି କୋଭିଡ୍-୧୯, ଆର୍ଥିକ ସୁଧାର, ଜାତିଗତ ସମାନତା ଓ ଜଳବାୟୁ ପରିବର୍ତ୍ତନକୁ ସର୍ବାଧିକ ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଛନ୍ତି। ପୂର୍ବ କାର୍ଯ୍ୟକୁ ଜାରି ନ ରଖି ଯାହା ସବୁଠୁ ଭଲ ହେବ ତାହା କରାଯିବ ବୋଲି ବାଇଡେନ୍-ହାରିସ୍ ଟ୍ରାଞ୍ଜିଶନ ଟିମ୍ ସୂଚନା ଦେଇଛନ୍ତି। ତଦନୁଯାୟୀ ଶପଥ ଗ୍ରହଣ ପରେ କରୋନା କବଳରୁ କିପରି ଦେଶବାସୀ ମୁକ୍ତ ହେବେ ତାହା ଉପରେ ନୂଆ ନେତୃତ୍ୱ ଧ୍ୟାନ ଦେବେ। କରୋନା ମହାମାରୀରେ ଆମେରିକା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ପାଖାପାଖି ୧ କୋଟି ଲୋକ ସଂକ୍ରମିତ ହୋଇଥିବାବେଳେ ୨ ଲକ୍ଷ ୩୭ ହଜାର ଲୋକଙ୍କ ଜୀବନ ଗଲାଣି। ସେହିପରି ଆର୍ଥିକ ସୁଧାରକୁ ଦ୍ୱିତୀୟ ପ୍ରାଥମିକତା ଦିଆଯିବ। ନବନିର୍ବାଚିତ ରାଷ୍ଟ୍ରପତି ଲକ୍ଷାଧିକ ନୂତନ ନିଯୁକ୍ତି ସୃଷ୍ଟି କରିବା ଲାଗି ଯୋଜନା କରୁଛନ୍ତି। କର୍ମଚାରୀମାନଙ୍କୁ ସଂଘ ଗଢ଼ିବା ଓ ସମ୍ମିଳିତ ଭାବେ ମୂଲଚାଲ କରିବା ଲାଗି ସୁଯୋଗ ମିଳିବ। ନିଯୁକ୍ତି ସଙ୍କଟ ଟାଳିବାକୁ ହେଲେ ପ୍ରଥମେ ଜନସ୍ୱାସ୍ଥ୍ୟ ସଙ୍କଟର ସମାଧାନ କରିବାକୁ ହେବ ବୋଲି ବାଇଡେନ୍ କହିଛନ୍ତି। ଦେଶରେ ବଢ଼ୁଥିବା ଆର୍ଥିକ ଅସମାନତାକୁ ଦୂର କରିବାକୁ ହେବ।

ଦେଶର ଅଣଶ୍ୱେତାଙ୍ଗ ଓ ଧୂସର (ବ୍ରାଉନ୍) ସମ୍ପ୍ରଦାୟର ଆର୍ଥିକ ବିକାଶ ଲାଗି ବାଇଡେନ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବେ। ପ୍ରତି ଆମେରିକୀୟ ଯେପରି କାର୍ଯ୍ୟକ୍ଷେତ୍ରକୁ ଫେରିବେ ଓ ଆଗକୁ ଯିବା ଲାଗି ସମାନ ସୁଯୋଗ ପାଇବେ ଅର୍ଥନୀତିକୁ ସେହିଭଳି ପ୍ରସ୍ତୁତ କରିବା ଦିଗରେ ବାଇଡେନ୍ ପ୍ରଶାସନ କାର୍ଯ୍ୟ କରିବ। ଜଳବାୟୁକୁ ନେଇ ବିଶ୍ୱରେ ଯେଉଁଭଳି ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି ତାହାର ସମାଧାନରେ ନୂତନ ରାଷ୍ଟ୍ରପତି ନେତୃତ୍ୱ ନେବେ। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନଠାରୁ ନୂତନ ପ୍ରଶାସନକୁ କିପରି ସୁରୁଖୁରୁରେ କ୍ଷମତା ହସ୍ତାନ୍ତର ହେବ ସେହି ଦାୟିତ୍ୱ ଟ୍ରାଞ୍ଜିଶନ ଟିମ୍‌କୁ ଦିଆଯାଇଛି।


ଜୋ ବାଇଡେନ୍

### ବାଣିଜ୍ୟ ଯୋଜନା ଓ ଭାରତ ଉପରେ ପ୍ରଭାବ

ବାଇଡେନ୍ ପ୍ରଶାସନ ଏହାର କେତେକ ନୀତିକୁ ଅନୁମୋଦନ କରାଇବାରେ ସିନେଟ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସେଥିପାଇଁ ତାଙ୍କୁ ଡୋନାଲ୍ଡ ଟ୍ରମ୍ପଙ୍କ କେତେକ ନୀତି ସହ କାର୍ଯ୍ୟ କରିବାକୁ ପଡ଼ିପାରେ। ତେବେ ଭାରତର କେତେକ ସେକ୍ଟରରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବା ଆଶା କରାଯାଉଛି। ଭାରତୀୟ ଶେୟାର ବଜାରରେ ୱାଲ ଷ୍ଟ୍ରିଟ୍‌ର ଅନୁକୂଳ ପ୍ରଭାବ ପଡ଼ିବ। ଅନିଶ୍ଚିତତାର ଅନ୍ତ ହୋଇଥିବାରୁ ନିବେଶ ମନୋଭାବ ବୃଦ୍ଧି ପାଇବ। ଭାରତ ସହ ରଣନୀତି, ଆର୍ଥିକ ଓ ବାଣିଜ୍ୟ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଆମେରିକାର ନୀତି କାଏମ ରହିବାକୁ ଥିବାରୁ ଚାଇନା ସହ ବାଣିଜ୍ୟ ଯୁଦ୍ଧ ବଢ଼ିପାରେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବାଇଡେନ୍ ପ୍ରଶାସନ ଅଧିକ ନିବେଶ କରିବାକୁ ଥିବାରୁ ଭାରତର ଫାର୍ମା ସେକ୍ଟର ଲାଭବାନ ହୋଇପାରନ୍ତି।

ଭିଜା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ବାଇଡେନ୍‌ଙ୍କ ପ୍ରସ୍ତାବିତ ଏଚ୍-୧ବି ଭିଜା ସଂସ୍କାର ଯୋଗୁ ଆଇଟି କମ୍ପାନୀଗୁଡ଼ିକ ଆଶ୍ୱସ୍ତ ହେବେ। ଆମେରିକା ବାଣିଜ୍ୟ ନୀତିରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ। ତେଣୁ ଭାରତ ଟ୍ରାନ୍ସ-ପାସିଫିକ୍ ପାର୍ଟନରଶିପ୍ ଚୁକ୍ତିନାମାରେ ସାମିଲ ହେବାକୁ ବାଧ୍ୟ ହୋଇପାରେ ବୋଲି କୁହାଯାଉଛି। ଚାଇନାରୁ ଯୋଗାଣ ଶୃଙ୍ଖଳକୁ ବଦଳାଇବାକୁ ଆମେରିକା ଚାହୁଁଥିବାରୁ ଏଥିରୁ ଭାରତ ଲାଭବାନ ହୋଇପାରେ। ବାଇଡେନ୍ ପ୍ରଶାସନ ଜଳବାୟୁ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବାକୁ ଥିବାରୁ ଆର୍ଥିକ ସହାୟତା ଦୃଷ୍ଟିରୁ ଭାରତ ଲାଭରେ ରହିବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଏସ୍‌ସିଓ ସମିଟ୍ ଆଜି

**ନୂଆଦିଲ୍ଲୀ,୯।୧୧:** ପୂର୍ବ ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ରକ୍ତାକ୍ତ ସଂଘର୍ଷ ପରେ ମଙ୍ଗଳବାର ବିଂଶତମ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ଭର୍ଚୁଆଲ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଉଛନ୍ତି। ଏହି ସମିଟ୍ ଅଢ଼େଇ ଘଣ୍ଟା ଧରି ଚାଲିବ। ଚାଇନା ରାଷ୍ଟ୍ରପତି ଶି. ଜିନ୍‌ପିଙ୍ଗ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ଅନ୍ୟ ୪ କେନ୍ଦ୍ର ଏସୀୟ ରାଷ୍ଟ୍ର ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ପ୍ରଥମ ଥର ଲାଗି ମୋଦି-ଜିନ୍‌ପିଙ୍ଗ ଏକାଠି ହେବେ। ପ୍ରକାଶଥାଉ କି, ଏହା ପରେ ନଭେମ୍ବର ୧୭ରେ ବ୍ରିକ୍ସ ଭର୍ଚୁଆଲ ସମିଟ୍ ଓ ନଭେମ୍ବର ୨୧ରେ ଜି-୨୦ ଭର୍ଚୁଆଲ ସମିଟ୍ ହେବ। ଏଥିରେ ମଧ୍ୟ ମୋଦି- ଜିନ୍‌ପିଙ୍ଗ ବୈଠକରେ ଏକାଠି ହେବାର କାର୍ଯ୍ୟକ୍ରମ ରହିଛି।

### କେବିସି-୧୨ର ପ୍ରଥମ କୋଟିପତି


ନାଜିଆ ନସିମ୍

**ମୁମ୍ବାଇ ୯।୧୧:** କୌନ୍ ବନେଗା କରୋଡ୍‌ପତି (କେବିସି)ର ଦ୍ୱାଦଶ ସଂସ୍କରଣର ପ୍ରଥମ ପ୍ରତିଯୋଗୀ ଭାବେ ଦିଲ୍ଲୀର ନାଜିଆ ନସିମ୍ ୧ କୋଟି ଟଙ୍କା ପୁରସ୍କାର ଜିତିବାକୁ ଯାଉଛନ୍ତି। ଏହି ଅଧ୍ୟାୟ ୧୧ ତାରିଖରେ ପ୍ରସାରିତ ହେବ। ସେପ୍ଟେମ୍ବର ୨୮ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ହେଁ କୌଣସି ପ୍ରତିଯୋଗୀ ଏପର୍ଯ୍ୟନ୍ତ ୧ କୋଟି ପୁରସ୍କାର ନିକଟରେ ପହଞ୍ଚି ପାରି ନ ଥିଲେ। ତେବେ ସୋନି ଟିଭି ଏହାର ଟୁଇଟର ଆକାଉଣ୍ଟରେ ନୂଆ ପ୍ରମୋ ଶେୟାର କରିବା ଅବସରରେ ଚଳିତ ସିଜନ୍‌ର ପ୍ରଥମ କୋଟିପତିଙ୍କୁ ଖୁବ୍ ଶୀଘ୍ର ଉପସ୍ଥାପନ କରାଯିବ ବୋଲି ସୂଚନା ଦେଇଥିଲେ। ଶେଷରେ ଏହି ପୁରସ୍କାର ଜିତିବାକୁ ଯୋଗ୍ୟ ବିବେଚିତ ହୋଇଥିବା ନାଜିଆଙ୍କୁ ଶୋ'ର ଉପସ୍ଥାପକ ଅମିତାଭ ବଚ୍ଚନ ଅଭିନନ୍ଦନ ଜଣାଇଛନ୍ତି।

### ବିଜୟ ଦାବିକଲା ସୁ କୀଙ୍କ ଦଳ

**ୟାଙ୍ଗୁନ୍, ୯।୧୧:** ମ୍ୟାନ୍‌ମାରରେ ଶାସନରେ ଥିବା ଅଙ୍ଗ୍ ସାନ୍ ସୁ କୀଙ୍କ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି ପାର୍ଟି (ଏନ୍‌ଏଲ୍‌ଡି) ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ କ୍ଷମତା ବଜାୟ ରଖିବା ଲାଗି ଯଥେଷ୍ଟ ଆସନ ଜିତିଥିବା ସୋମବାର ଦାବି କରିଛି। ମ୍ୟାନ୍‌ମାର ପାର୍ଲାମେଣ୍ଟ ଲାଗି ରବିବାର ମତଦାନ ହୋଇଥିଲା। ତେବେ ନିର୍ବାଚନ କମିଶନ ଏପର୍ଯ୍ୟନ୍ତ ଫଳାଫଳ ଘୋଷଣା କରିନାହାନ୍ତି। ୬୪୨ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ଏନ୍‌ଏଲ୍‌ଡି ୩୨୨ରୁ ଯଥେଷ୍ଟ ଅଧିକ ଆସନ ଜିତିଥିବା ଦଳ ମୁଖପାତ୍ର ମୋନିୱା ଅଙ୍ଗ ଶିନ୍ କହିଛନ୍ତି। ତାଙ୍କ ଦଳ ୩୭୭ ଆସନ ଜିତିବା ଲକ୍ଷ୍ୟ ରଖିଥିଲେ ହେଁ ଫଳାଫଳ ଏହାଠାରୁ ଅଧିକ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## କ୍ଷମତା ହସ୍ତାନ୍ତର ଲାଗି କାର୍ଯ୍ୟ କରିବାକୁ ଟ୍ରମ୍ପଙ୍କ ଉପରେ ଚାପ

**ୱିଲମିଙ୍ଗଟନ୍, ୯।୧୧**

ଆଗାମୀ ଜାନୁୟାରୀରେ ନୂଆ ପ୍ରଶାସନକୁ ସୁରୁଖୁରୁରେ କ୍ଷମତା ହସ୍ତାନ୍ତର ଲାଗି ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଟିମ୍ ସହ ଏକାଠି କାର୍ଯ୍ୟ କରିବା ନିମନ୍ତେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଚାପ ପଡୁଛି। ବାଇଡେନ୍ ରାଷ୍ଟ୍ରପତି ନିର୍ବାଚିତ ବୋଲି ଜେନେରାଲ ସର୍ଭିସେସ୍ ଆଡମିନିଷ୍ଟ୍ରେଶନ ଆନୁଷ୍ଠାନିକ ଭାବେ ଘୋଷଣା କରିବେ, ଯେଉଁଠୁ କ୍ଷମତା ହସ୍ତାନ୍ତର ପର୍ବ ଆରମ୍ଭ ହେବ। ତେବେ ଉକ୍ତ ସଂସ୍ଥାରେ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀ ଏମିଲି ମୁରଫି ଏପର୍ଯ୍ୟନ୍ତ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ଏହା ସ୍ପଷ୍ଟ ହେଉ ନ ଥିବାରୁ ରାଷ୍ଟ୍ରପତି ଟ୍ରମ୍ପ ସର୍ବସାଧାରଣରେ ବାଇଡେନ୍‌ଙ୍କ ବିଜୟକୁ ସ୍ୱୀକୃତି ଦେବାକୁ ରାଜି ନ ଥିବା ନେଇ ପ୍ରଶ୍ନ ଉଠିଛି। କ୍ଷମତା ହସ୍ତାନ୍ତର ପାଇଁ ଥିବା ଉପଦେଷ୍ଟା ବୋର୍ଡ ଟ୍ରମ୍ପଙ୍କୁ ତୁରନ୍ତ ନିର୍ବାଚନ ପରବର୍ତ୍ତୀ ଟ୍ରାଞ୍ଜିଶନ ପ୍ରକ୍ରିୟା ଆରମ୍ଭ କରିବାକୁ ଆହ୍ୱାନ ଦେଇଛି।


ଡୋନାଲ୍ଡ ଟ୍ରମ୍ପ

## ବିବେକ ମୂର୍ତ୍ତିଙ୍କୁ କୋଭିଡ୍ ଟାସ୍କଫୋର୍ସ ଦାୟିତ୍ୱ

**ନୂଆଦିଲ୍ଲୀ, ୯।୧୧**

ମହାମାରୀର ମୁକାବିଲା ଲାଗି ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତୀୟ ବଂଶୋଦ୍ଭବ ବିବେକ ମୂର୍ତ୍ତିଙ୍କୁ କୋଭିଡ୍ ଟାସ୍କଫୋର୍ସ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବତନ ସର୍ଜନ ଜେନେରାଲ ବିବେକ ଏହାର ଅଧ୍ୟକ୍ଷତା କରିବେ। ଏଥିରେ ପୂର୍ବତନ ଖାଦ୍ୟ ଓ ଡ୍ରଗ ପ୍ରଶାସନ କମିଶନର ଡାଭିଡ୍ କେଶଲରଙ୍କୁ ମଧ୍ୟ ନିଆଯାଇଛି। ବିବେକ ହେଉଛନ୍ତି କର୍ଣ୍ଣାଟକର ମୂଳ ବାସିନ୍ଦା। ସେ ଆମେରିକାର ହାର୍ଭାର୍ଡ ଓ ୟାଲେ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତି ପରେ ହାର୍ଭାର୍ଡ ମେଡିକାଲ ସ୍କୁଲ୍‌ରେ ଶିକ୍ଷକତା କରିଥିଲେ। ବାରାକ ଓବାମାଙ୍କ ପ୍ରଶାସନରେ ସେ ଦେଶର ୧୯ତମ ସର୍ଜନ ଜେନେରାଲ ନିଯୁକ୍ତ ହୋଇଥିଲେ। ପରେ ଟ୍ରମ୍ପ ପ୍ରଶାସନ ତାଙ୍କୁ ବରଖାସ୍ତ କରିଥିଲା।



## ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେଲେ ପଞ୍ଚଦଶ ଅର୍ଥ କମିଶନ

**ନୂଆଦିଲ୍ଲୀ, ୯।୧୧**

ଅଧ୍ୟକ୍ଷ ଏନ୍.କେ. ସିଂଙ୍କ ନେତୃତ୍ୱରେ ପଞ୍ଚଦଶ ଅର୍ଥ କମିଶନ ଏହାର ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚୂଡ଼ାନ୍ତ ରିପୋର୍ଟ ସୋମବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପ୍ରଦାନ କରିଛି। ଏହାର ନାମ ରଖାଯାଇଛି 'ଫାଇନାନ୍ସ କମିଶନ ଇନ୍ କୋଭିଡ୍ ଟାଇମ୍ସ'। ୪ଟି ପୁସ୍ତିକାରେ ଏହି ରିପୋର୍ଟ ପ୍ରକାଶ ପାଇଛି।

ପାରମ୍ପରିକ ଟିକସ ହସ୍ତାନ୍ତର ସୂତ୍ର ସମ୍ପର୍କରେ ସୁପାରିସ୍ କରିବା ସହ ଏଥର ଅର୍ଥ କମିଶନଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ଆଗାମୀ ୫ ବର୍ଷ କେନ୍ଦ୍ର ସରକାରଙ୍କ ପାଇଁ ଆର୍ଥିକ ସୁଦୃଢ଼ୀକରଣ ସୂତ୍ର ବାହାର କରିବାକୁ କୁହାଯାଇଥିଲା। ଏହା ବ୍ୟତୀତ ପ୍ରତିରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା ନିମନ୍ତେ ପାଣ୍ଠି ଯୋଗାଣ ଲାଗି ଅଲଗା ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ଯାଞ୍ଚ କରିବାକୁ ମଧ୍ୟ କମିଶନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ରାଜ୍ୟଗୁଡ଼ିକ ପାଇଁ ଶକ୍ତି କ୍ଷେତ୍ରରେ ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ, ଶୁଷ୍କ ବର୍ଜ୍ୟ ପରିଚାଳନା ଆଦି ଉପରେ ସୁପାରିସ୍ କରିବାକୁ କୁହାଯାଇଥିଲା। ରିପୋର୍ଟର ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ପ୍ରଦାନ କରାଯିବ। ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନରେ ଏହାକୁ ଉପସ୍ଥାପନ କରାଯିବା ପରେ ସର୍ବସାଧାରଣରେ ପ୍ରକାଶ କରାଯିବ। କମିଶନ ତାଙ୍କ ସୁପାରିସ୍ ଅକ୍ଟୋବର ୩୦ ସୁଦ୍ଧା ଦାଖଲ କରିବାର ଥିଲା। ଗତବର୍ଷ କମିଶନ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଦାଖଲ କରିଥିବା ରିପୋର୍ଟକୁ କେନ୍ଦ୍ର ସରକାର ଗ୍ରହଣ କରିଥିଲେ ଓ ଏହା ଜାନୁୟାରୀ ୩୦ରେ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିଲା।



## ବିହାର ନେତାଙ୍କ ଭାଗ୍ୟ ନିର୍ଣ୍ଣୟ ଆଜି

**ପାଟନା/ନୂଆଦିଲ୍ଲୀ,୯।୧୧**

୨୪୩ ଆସନ ଲାଗି ତିନି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ବିହାର ବିଧାନସଭା ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇବ। ଭୋଟଗଣତି ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ସୁଦ୍ଧା ସବୁ ସ୍ପଷ୍ଟ ହୋଇଯିବ ବୋଲି ଆଶା ରହିଛି। ନିର୍ବାଚନ ରଣାଙ୍ଗନରେ ମୋଟ ୩,୭୫୫ ପ୍ରାର୍ଥୀ ଏଥର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟଗଣତି ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଛି। ୩୮ ଜିଲାରେ ୫୫ ଗଣତି କେନ୍ଦ୍ର ଓ ୪୧୪ ଗଣତି ହଲ୍ ପ୍ରସ୍ତୁତ ରହିଛି। ମହାମାରୀ କରୋନା ଯୋଗୁ ମାସ୍କ ସହ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ଭୋଟ ଗଣତି କରାଯିବ। ଷ୍ଟ୍ରଙ୍ଗରୁମ୍ ଲାଗି ସିସିଟିଭି ଓ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ଏଚ୍.ଆର୍. ଶ୍ରୀନିବାସ କହିଛନ୍ତି।

ଭୋଟ ଫଳାଫଳ ପୂର୍ବରୁ ବିଭିନ୍ନ ଦଳର ନେତାମାନେ ଭଗବାନଙ୍କ ନିକଟରେ ସୋମବାର ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଅପରପକ୍ଷରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ୩୧ ବର୍ଷରେ ପଦାର୍ପଣ କରିଥିବାରୁ ସୋମବାର ତାଙ୍କର ଜନ୍ମଦିନ ଉତ୍ସବ ପାଳନ କରାଯାଇଛି। ଜନମତ ସର୍ଭେରେ ମହାମେଣ୍ଟକୁ ସର୍ବାଧିକ ଭୋଟ ମିଳିବ ବୋଲି କୁହାଯାଇଥିବାବେଳେ ଫଳାଫଳ କ'ଣ ହେବ ତାହା ସମୟ କହିବ।

## ଅର୍ଣ୍ଣବଙ୍କ ଜାମିନ ଆବେଦନ ଖାରଜ



**ମୁମ୍ବାଇ, ୯।୧୧:** ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ମାମଲାରେ ଗିରଫ ରିପବ୍ଲିକାନ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କ ଅନ୍ତରୀଣ ଜାମିନ ଆବେଦନକୁ ସୋମବାର ବମ୍ବେ ହାଇକୋର୍ଟ ଖାରଜ କରିଦେଇଛନ୍ତି। ୨୦୧୮ରେ ଇଣ୍ଟେରିୟର ଡିଜାଇନର ଅନ୍ୱୟ ନାଏକ ଓ ତାଙ୍କ ମା' ଆତ୍ମହତ୍ୟା ମାମଲାରେ ଅର୍ଣ୍ଣବ ଏବଂ ଅନ୍ୟ ଦୁଇ ଅଭିଯୁକ୍ତ ଫିରୋଜ ଶେଖ୍ ଓ ନୀତୀଶ ସାରଦାଙ୍କୁ ଆଲିବାଗ୍ ପୋଲିସ ଗତ ୪ ତାରିଖରେ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ କମ୍ପାନୀ ଅନ୍ୱୟଙ୍କୁ ପ୍ରାପ୍ୟ ପୈଠ ନ କରିବାରୁ ସେ ଓ ତାଙ୍କ ମାଆ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଅର୍ଣ୍ଣବ ସେସନ୍ସ କୋର୍ଟରେ ନିୟମିତ ଜାମିନ ପାଇଁ ଆବେଦନ କରିପାରିବେ ବୋଲି ଜଷ୍ଟିସ୍ ଏସ୍.ଏସ୍. ସିନ୍ଦେ ଏବଂ ଏମ୍.ଏସ୍. କାର୍ନିକଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଜାମିନ ଆବେଦନ ମଧ୍ୟ ହାଇକୋର୍ଟରେ ଖାରଜ ହୋଇଯାଇଛି। ଅର୍ଣ୍ଣବ ଆଲିବାଗ୍ ସେସନ୍ସ କୋର୍ଟରେ ନିୟମିତ ଜାମିନ ପାଇଁ ଆବେଦନ କରିଛନ୍ତି। ଗତ ବୁଧବାର ଅର୍ଣ୍ଣବ ଗିରଫ ହେବା ପରେ ଆଲିବାଗ୍ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିଲେ।

## ସୁରକ୍ଷାକୁ ନେଇ ରାଜ୍ୟପାଳଙ୍କ ଉଦ୍‌ବେଗ

**ମୁମ୍ବାଇ, ୯।୧୧**

ବିଚାର ବିଭାଗୀୟ ହାଜତରେ ଥିବା ଅର୍ଣ୍ଣବ ଗୋସ୍ୱାମୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶୟାରୀ ଚିନ୍ତା ପ୍ରକଟ କରିବା ସହ ଏନେଇ ରାଜ୍ୟ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ସହ ଆଲୋଚନା କରିଛନ୍ତି। ପରିବାର ସଦସ୍ୟମାନଙ୍କୁ ଅର୍ଣ୍ଣବଙ୍କ ସହ ସାକ୍ଷାତ କରିବାକୁ ସୁଯୋଗ ଦେବା ଲାଗି ସେ ମନ୍ତ୍ରୀଙ୍କୁ କହିଛନ୍ତି। ଅର୍ଣ୍ଣବଙ୍କୁ ରବିବାର ଆଲିବାଗ୍‌ରୁ ତଲୋଜା ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ ଜେଲ୍ କର୍ମଚାରୀ ମାଡ଼ ମାରିଥିବା ସେ ଅଭିଯୋଗ କରିଥିଲେ।

# ଦିଲ୍ଲୀ- ଏନ୍‌ସିଆର୍‌ରେ ବାଣ ମନା

**ନୂଆଦିଲ୍ଲୀ,୯।୧୧**

**୩୦ ପର୍ଯ୍ୟନ୍ତ ଏନ୍‌ଜିଟି କଟକଣା**

ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣର ମାତ୍ରା ଭୟଙ୍କର ରୂପ ଧାରଣ କରିଛି। ଏହାକୁ ଦୃଷ୍ଟିରେ ରଖି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ବାଣ ବିକ୍ରି ଓ ଫୁଟାଯିବା ଉପରେ ନଭେମ୍ବର ୩୦ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। ଏଥିସହ ଏନ୍‌ଜିଟି ପକ୍ଷରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ କରାଇଛି। ମହାମାରୀ କରୋନା ସହ ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇବା ବିଷମୟ ପରିସ୍ଥିତି ସୃଷ୍ଟିକରିବ। ତେଣୁ ଏଥିପ୍ରତି ସତର୍କ ରହି ବାୟୁ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଗ୍ରୀନ ବାଣ ବିକ୍ରି କରିବାକୁ କୁହାଯାଇଛି। ଦୀପାବଳି, ଛଟ୍, ନୂଆବର୍ଷ, ବଡ଼ଦିନ ଆଦି ପାଳନ କରିବାବେଳେ ଏହି ବାଣ ଫୁଟାଯାଇପାରିବ ବୋଲି କୁହାଯାଇଛି। ପୂର୍ବରୁ ଏନ୍‌ଜିଟି ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ସିପିସିବି, ଦିଲ୍ଲୀ ପୋଲିସ କମିଶନର, ଡିପିସିସିଠାରୁ ଏନେଇ ଉତ୍ତର ମାଗିଥିଲେ। ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଠାରୁ ମଧ୍ୟ ମତାମତ ଲୋଡ଼ା ଯାଇଥିଲା। ନଭେମ୍ବର ୭ରୁ ୩୦ ମଧ୍ୟରେ ବାଣ ଫୁଟା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯିବାକୁ ପ୍ରସ୍ତାବ ଦେଇଥିଲେ। ଦିନକୁ ଦିନ ପରିବେଶ ପ୍ରଦୂଷଣ ହେବା ଯୋଗୁ ଶେଷରେ ଏନ୍‌ଜିଟି ପକ୍ଷରୁ ଏଭଳି ବାଣଫୁଟା ଉପରେ କଟକଣା ଲଗାଯାଇଛି।


ଉଦ୍‌ବେଗଜନକ ସ୍ଥିତିରେ ଦିଲ୍ଲୀର ବାୟୁ ପ୍ରଦୂଷଣ। ରାଜଧାନୀର ନର୍ଥ ଓ ସାଉଥ୍ ବ୍ଲକ କୁହୁଡ଼ି ଆଚ୍ଛାଦିତ।

### ହେଲ୍‌ଥ ଏମର୍ଜେନ୍ସି ଘୋଷଣା କର

**ସରକାରଙ୍କୁ ୯ ବର୍ଷୀୟ ଜଳବାୟୁ କର୍ମୀଙ୍କ ଆହ୍ୱାନ**

**ନୂଆଦିଲ୍ଲୀ, ୯।୧୧(ଆଇଏଏନ୍‌ଏସ୍)**

ଦିଲ୍ଲୀ ପୁଣିଥରେ ଗୁରୁତର ବାୟୁ ପ୍ରଦୂଷଣର ସମ୍ମୁଖୀନ ହୋଇଛି। ସେଠାରେ ବିଷାକ୍ତ ବାୟୁ ଯୋଗୁ ଜନସାଧାରଣ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଛନ୍ତି। ଦିଲ୍ଲୀରେ ହେଲ୍‌ଥ ଏମର୍ଜେନ୍ସି (ସ୍ୱାସ୍ଥ୍ୟଗତ ଜରୁରୀ ଅବସ୍ଥା) ଘୋଷଣା କରିବାକୁ ଲିସିପ୍ରିୟା କଙ୍ଗୁଜମ୍ ନାମ୍ନୀ ଜଣେ ୯ ବର୍ଷୀୟ ଜଳବାୟୁ କର୍ମୀ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

ଦିଲ୍ଲୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅତ୍ୟଧିକ ନଡ଼ା ପୋଡ଼ି ଯୋଗୁ ଗତ ୫ ଦିନରେ ସେଠାର ବାୟୁର ମାନ ଅତ୍ୟନ୍ତ ଗୁରୁତର। ଏହାର ଇଣ୍ଡେକ୍ସ ବର୍ଗ ଘନମିଟର ପ୍ରତି ୪୭୪ ମାଇକ୍ରୋଗ୍ରାମରେ ପହଞ୍ଚିଛି, ଯାହାକି ବିପଜ୍ଜନକ। ତେଣୁ ଦିୱାଲିରେ ବାଣ ନ ଫୁଟାଇବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତର ଏହି ଶିଶୁ ବିଶ୍ୱର ସର୍ବକନିଷ୍ଠ ପରିବେଶ କର୍ମୀ ଭାବେ ଜଣାଶୁଣା। ୨୦୧୯ରେ ସ୍ପେନ୍‌ର ମାଡ୍ରିଡ୍‌ଠାରେ ସେ ଜାତିସଂଘ ଜଳବାୟୁ ସମ୍ମିଳନୀରେ ବିଶ୍ୱ ନେତାମାନଙ୍କୁ ଉଦ୍‌ବୋଧନ ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଭାରତରେ ଲିସିପ୍ରିୟା ୨ ବର୍ଷ ହେଲା ଜଳବାୟୁ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରି ଆସୁଛନ୍ତି।


ଲିସିପ୍ରିୟା କଙ୍ଗୁଜମ୍


LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
ନୂଆ ଯୁଦ୍ଧ, ନୂଆ ଶୈଳୀ ।
ସବୁଠୁ ସ୍ପୋର୍ଟି 125cc
ରେ ₹3000#/- ପର୍ଯ୍ୟନ୍ତର ସଞ୍ଚୟ
pulsar
₹8580*/- ର ଆକର୍ଷକ ଡାଉନ୍ ପେମେଣ୍ଟ ।
ଭାରିଆଣ୍ଟସ
ଏକ୍ସ ଶୋରୂମ୍ ମୂଲ୍ୟ (ଓଡ଼ିଶା)
125 ସ୍ପ୍ଲିଟ୍ ସୀଟ୍ ଡ୍ରମ୍ ~~₹74 106/-~~ ₹71 106/-
125 ସିଙ୍ଗଲ୍ ସୀଟ୍ ଡ୍ରମ୍ ~~₹72 954/-~~ ₹70 454/-
125 ଡିସ୍କ ଭାରିଆଣ୍ଟସ ~~₹77 754/-~~ ₹75 754/-
ସମସ୍ତ ପଲସର ମଡେଲ୍‌ସର ଫାଇନାନ୍ସ ଉପରେ ₹12 000/- ପର୍ଯ୍ୟନ୍ତର ସଞ୍ଚୟ*।
Call 7219821111 | visit www.bajajauto.com
pulsar
DEFINITELY MALE
Paytm CASHBACK up to ₹5 000/-*
Bank of Baroda Extra 10% Cashback*
citi Extra 5% Cashback*
SCAN FOR CALLBACK
BAJAJ FINANCE LTD - AF
L&T Financial Services Two-wheeler Finance
#ସର୍ତ୍ତ ଓ ନିୟମାବଳୀ ଲାଗୁ । 20 ନଭେମ୍ବର, 2020 ପର୍ଯ୍ୟନ୍ତ ବୈଧ । *ଫାଇନାନ୍ସ ଫାଇନାନ୍ସର୍‌ଙ୍କ ଏକମାତ୍ର ବିଚାରରେ । ସୁଧ ଗଣନା 24 ମାସର ସ୍କିମ୍ ଅବଧି ପାଇଁ 8.99% ସୁଧ ହାରରେ କରାଯାଇଛି । କମ୍ ସୁଧ ହାର 6.99% ଏବଂ 7.99% ଯଥାକ୍ରମେ 12 ମାସ 18 ମାସ ସ୍କିମ୍ ଅବଧି ସହିତ ଉପଲବ୍ଧ । ପଲସର 125 ସିଙ୍ଗଲ୍ ସିଟ୍ ଡ୍ରମ୍ ଭାରିଆଣ୍ଟରେ ଡାଉନ୍ ପେମେଣ୍ଟ ଗଣନା କରାଯାଇଛି । ଅନ୍ୟାନ୍ୟ ବଜାଜ ମଡେଲ୍‌ସରେ ମଧ୍ୟ ଲୋ ଡାଉନ୍ ପେମେଣ୍ଟ ଉପଲବ୍ଧ ଯାହାକି ଫାଇନାନ୍ସର୍ ରୁ ଫାଇନାନ୍ସର୍ ଭିନ୍ନ ହୋଇପାରେ । ପ୍ରଯୁଜ୍ୟ ଅନୁସାରେ ଡିସିସି ଏବଂ ପ୍ରକ୍ରିୟାକରଣ ଶୁଳ୍କ ଅତିରିକ୍ତ । ବଜାଜ ଅଟୋ ପାଖରେ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା ଯେକୌଣସି ବା ସମସ୍ତ ଅଫର୍ସ ପରିବର୍ତ୍ତନ ବା ପ୍ରତ୍ୟାହାର କରିବାର ଅଧିକାର ସଂରକ୍ଷିତ ଅଟେ ।
Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Baragrh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Laikara 9658855530, Jamankira 9437393978 Titilagarh 9437224027, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Rajkhariar 9437072917, Udyanbandh 9668115670, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Laikara 9658855530, Jamankira 9437393978 Deogarh 9437020444, Rajgangpur 8908908901, Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632, Baliguda 7008301945, M Rampur 9337897005, Tusura 8908577144, Tarbha 7008133010.

**ଆଜିର ମନ୍ତବ୍ୟ**
"ମହାରାଷ୍ଟ୍ର ସରକାର ଖବରଦାତା ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଅପମାନିତ କରିଛନ୍ତି, ତାଙ୍କୁ ଶୀଘ୍ର ମୁକ୍ତ କରାଯାଉ।"
– କଙ୍ଗନା ରାନାୱତ୍, ବଲିଉଡ୍ ଅଭିନେତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଦିବ୍ୟଦର୍ଶୀ
ପରିବାରବର୍ଗ


ଶ୍ରେୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୭, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଶ୍ୱ ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଓଡ଼ିଆ ଗବେଷକ

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ବିଶ୍ୱର ଶ୍ରେଷ୍ଠ ଗବେଷକ ତାଲିକାରେ ସ୍ଥାନ ପାଇଛନ୍ତି ଓଡ଼ିଆ ବୈଜ୍ଞାନିକ। ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶ ପାଇଥିବା ଏହି ତାଲିକାରେ ଭାରତର ୭ଜଣ ବୈଜ୍ଞାନିକଙ୍କ ନାମ ରହିଛି। ଏମାନଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ବି.କେ. ମିଶ୍ର। ଡ. ମିଶ୍ର ବର୍ତ୍ତମାନ ଆଇଆଇଟି ଗୋଆର ନିର୍ଦ୍ଦେଶକ ଅଛନ୍ତି। ସେହିଭଳି ଆଇଆଇଟି ଗୋଆର ୩ଜଣ ବୈଜ୍ଞାନିକ ଥିବାବେଳେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନୋଗ୍ରାଫି (ଏନ୍‌ଆଇଓ)ର ୩ଜଣ ଓ ପରିବେଶବିତ୍ ମାଧବ ଗାଡଗିଲ୍ ରହିଛନ୍ତି।
୨୦୧୯ ପର୍ଯ୍ୟନ୍ତ ଯେଉଁ ବୈଜ୍ଞାନିକମାନେ ଗବେଷଣା କରିଛନ୍ତି, ସେମାନଙ୍କ ତଥ୍ୟ ସଂଗ୍ରହ କରି ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଏହି ତାଲିକା ପ୍ରକାଶ କରିଛି। ସବୁଠାରୁ ବଡ଼କଥା ହେଉଛି ଏକମାତ୍ର ଓଡ଼ିଆ ଭାବେ ଏଥିରେ ସ୍ଥାନ ପାଇଛନ୍ତି ବୈଜ୍ଞାନିକ ବି.କେ. ମିଶ୍ର। ଖଣି ଓ ଧାତୁ କ୍ଷେତ୍ରରେ ଗବେଷଣା ପାଇଁ ମିଶ୍ର ଏହି ଅନ୍ତର୍ଜାତୀୟ ତାଲିକାର ୧୧ ନମ୍ବର ସ୍ଥାନରେ ରହିଛନ୍ତି। ମେଟାଲିଜ୍ ଓ ପାଉଡର ଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ମିଶ୍ର ଏହା ପୂର୍ବରୁ ଲୁହାପଥର ଖନନ ଦ୍ୱାରା ଗୋଆର ପରିବେଶ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଆକଳନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିର ସଦସ୍ୟ ଭାବେ ନିଯୁକ୍ତ ହୋଇଥିଲେ। ୧୯୮୧ ସେ ଏନ୍‌ଆଇଟି ରାଉରକେଲାରେ ମେଟାଲର୍ଜିକାଲ ଇଞ୍ଜିନିୟରିଂରେ ବିଏସ୍‌ସି ଶେଷ କରିବା ପରେ ଆମେରିକାରେ ଏମ୍‌ଏସ୍‌ସି ଓ ପିଏଚ୍‌ଡି ହାସଲ କରିଥିଲେ। ୨୦୦୫ରୁ ୨୦୧୭ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ।


ବି.କେ. ମିଶ୍ର

ତେବେ ବିଶ୍ୱ ଶ୍ରେଷ୍ଠ ଗବେଷକ ତାଲିକାରେ ପ୍ରଥମଥର ପାଇଁ ଏତେ ସଂଖ୍ୟକ ଭାରତୀୟଙ୍କୁ ଦେଖିବା ଗର୍ବର ବିଷୟ ବୋଲି ମିଶ୍ର ଏହି ଅବସରରେ କହିଛନ୍ତି। ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଗୋଆ ଏନ୍‌ଆଇଓର ପୂର୍ବତନ ନିର୍ଦ୍ଦେଶକ ଏସ୍.ଡବ୍ଲ୍ୟୁ.ଏ ନକ୍‌ଭି ଏବଂ ଏସ. ଆର. ସେଟି ସ୍ଥାନ ପାଇଛନ୍ତି। ଏହି ଦୁଇ ବୈଜ୍ଞାନିକ ପାଣିପାଗ ବିଜ୍ଞାନ ଓ ବାୟୁମଣ୍ଡଳ ବିଜ୍ଞାନ ଉପରେ ଗବେଷଣା କରୁଥିଲେ। ସେହିଭଳି ଅନ୍ୟଜଣେ ବରିଷ୍ଠ ବୈଜ୍ଞାନିକ ସି.ରଘୁ କୁମାରଙ୍କୁ ସାମୁଦ୍ରିକ ଜୀବ ବିଜ୍ଞାନ ଓ ହାଇଡ୍ରୋବାୟୋଲୋଜି ବର୍ଗରେ ସଫଳତା ମିଳିଛି।

# ଥାନାରେ ହାଜର ହେଲେ ଓଏଏସ୍ ଅଫିସର

**ବାଲିଚନ୍ଦ୍ରପୁର,୯।୧୧(ସ୍ୱ.ପ୍ର.)**

### ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଓଏଏସ୍ ଅଫିସର ପ୍ରମୋଦ ପୃଷ୍ଟି ରବିବାର ବିଳମ୍ବିତ ରାତିରେ ଥାନାରେ ହାଜର ହୋଇଛନ୍ତି। ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିବା ଥାନା ପକ୍ଷରୁ କୁହାଯାଇଛି। ପ୍ରମୋଦ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଜୋନାଲ ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ବାସଭବନରେ ପୀଡ଼ିତା ଘରୋଇ ସହାୟିକା ଥିଲେ। ପ୍ରମୋଦଙ୍କ ଶ୍ୱଶୁର ପ୍ରଫୁଲ୍ଲ କୁମାର ମହାପାତ୍ର ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଗତ ୨ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ୩୦୬/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ନାବାଳିକାଙ୍କୁ ଘରେ ରଖି କାର୍ଯ୍ୟ କରାଇବା ନେଇ ପୋଲିସ ପ୍ରମୋଦଙ୍କୁ ନୋଟିସ୍ କରିଥିଲା। ଅନ୍ୟପକ୍ଷରେ ପୋଲିସ ଅଭିଯୁକ୍ତଙ୍କୁ ଏଯାଏ ଗିରଫ କରି ନ ଥିବାବେଳେ ପୀଡ଼ିତାଙ୍କୁ ନେଇ ପ୍ରମୋଦଙ୍କ ଘରେ ରଖାଇଥିବା କଟକ ମାହାଙ୍ଗା ଥାନା ଅଧୀନ ଜଇପୁର ଅଞ୍ଚଳର ବ୍ରହ୍ମାନନ୍ଦ ଜେନାଙ୍କୁ ମଧ୍ୟ ଜେରା ପରେ ଛାଡ଼ି ଦେଇଛି। ଫଳରେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ ଯେ, ନାବାଳିକାଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜିତ କରିବା ଆଇନଗତ ଅପରାଧ। ଏଥିପାଇଁ ଆଇନ ଅନୁସାରେ ଦଣ୍ଡବିଧାନ ରହିଛି।

## କାଳୀପୂଜା ପାଇଁ କଟକଣା

**କଟକ ଅଫିସ,୯।୧୧**

କରୋନା ଯୋଗୁ କଟକରେ ଦୁର୍ଗା ପୂଜା ଯେଉଁଭଳି କଟକଣା ମଧ୍ୟରେ ହେଲା ସେହିପରି ଆସନ୍ତା କାଳୀପୂଜା ମଧ୍ୟ ପାଳନ କରାଯିବ ବୋଲି କଟକ ଡିସିପି ପ୍ରତୀକ୍ ସିଂ ସୋମବାର ସୂଚନା ଦେଇଛନ୍ତି। କାଳୀ ମୂର୍ତ୍ତିଙ୍କ ଉଚ୍ଚତା ୪ଫୁଟର ରହିବ। ୭ଜଣ କର୍ମକର୍ତ୍ତା ମଣ୍ଡପରେ ରହି ପୂଜା କରିବେ। ଭସାଣି ମଧ୍ୟ ନିରାଡ଼ମ୍ବର ଭାବେ କରାଯିବ। ଏଥିପାଇଁ ୧୧ଟି ଅସ୍ଥାୟୀ ପୋଖରୀ ତିଆରି କରାଯିବ। ପୂଜାକୁ ଶାନ୍ତି ଶୃଙ୍ଖଳାରେ ଶେଷ କରିବା ପାଇଁ ସହରରେ ୧୫ ପ୍ଲାଟୁନ ପୋଲିସ ଓ ୫୦ ଅଧିକାରୀ ନିୟୋଜିତ ହେବେ ବୋଲି ଡିସିପି ସିଂ ସୂଚନା ଦେଇଛନ୍ତି। ସମସ୍ତ ପୂଜାମଣ୍ଡପର କର୍ମକର୍ତ୍ତାମାନେ ଏହି ନିଷ୍ପତ୍ତିକୁ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଲକୁ ସଳଖେ ହଳ ଲଙ୍ଗଳ ଲୋ**
**ହିଡ଼କୁ ସଳଖେ କୋଡ଼ି**
**ମୂର୍ଖକୁ ସଳଖେ କହୁଣି ଚିହ୍ନିଲୋ**
**ଛଚିନ୍ଦ୍ରା ସଳଖେ ଗୋଡ଼ି।**

ହଳ ଲଙ୍ଗଳ ସାହାଯ୍ୟରେ ବିଲକୁ ସମତୁଲ କରାଯାଏ। କୋଡ଼ି ସାହାଯ୍ୟରେ ମାଟି ପକାଇ ସିଧା କରାଯାଏ। ସେହିପରି ମୂର୍ଖ ଲୋକଙ୍କୁ ମାଡ଼ରେ ଶାସନ କରାଯିବା ବା ବାଟକୁ ଆଣିବା ଭଳି ଛଚିନ୍ଦ୍ରାରେ ଗୋଡ଼ି ବାନ୍ଧି ତାକୁ ସିଧା କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବଛାବଛି ପରିବା**
**ଭାବିଚିନ୍ତି କରିବା**
**ମାଆ ଯାହାର ଲାଜକୁଳୀ**
**ତା' ଝିଅକୁ ବରିବା।**

କଥାରେ ଅଛି ମା' ଗୁଣେ ଝିଅ। ମା' ଯଦି ଲଜ୍ଜାଶୀଳା, ଭଲଗୁଣ ଓ ସଂସ୍କାରି ହୋଇଥାଏ ତା' ଝିଅ ମଧ୍ୟ ମା'ଠାରୁ ସେଭଳି ଶିକ୍ଷା ପାଇ ଉତ୍ତମ ଚରିତ୍ର ହୋଇଥିବାର ସମ୍ଭାବନା ରହିଥାଏ। ସେହି ଦୃଷ୍ଟିରୁ ସେଭଳି ଝିଅକୁ ଚୟନ କରିବାରେ କିଛି ବାରଣ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅର୍ଜୁନ ରାମପାଲ୍‌ଙ୍କ ଘରେ ଏନ୍‌ସିବି ଚଢ଼ାଉ

**ମୁମ୍ବାଇ, ୯।୧୧**

### ଡ୍ରଗ୍ସ କାରବାର ଘଟଣା



ଅଭିନେତା ଅର୍ଜୁନ ରାମପାଲ୍‌ଙ୍କର ମୁମ୍ବାଇର ଅନ୍ଧେରି, ବାନ୍ଦ୍ରା ଓ ଖାର୍ ଅଞ୍ଚଳରେ ଥିବା ବାସଭବନ ଉପରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ସୋମବାର ଚଢ଼ାଉ କରାଯାଇଛି। ଡ୍ରଗ୍ କାରବାର ମାମଲାରେ ପୂର୍ବରୁ ଏନ୍‌ସିବି ଅର୍ଜୁନ୍‌ଙ୍କ ସହଯୋଗୀ ଗାବ୍ରିଏଲା ଡିମେଟ୍ରିଆଡସ୍‌ଙ୍କ ଭାଇ ଆଗିସିଲାଓସ୍ ଡିମେଟ୍ରିଆଡସ୍‌ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ହାଶିଶ ଓ ଆଲପ୍ରାଜୋଲମ୍ ଟାବଲେଟ ଜବତ କରିଥିଲା। ଶନିବାର ଚଳଚ୍ଚିତ୍ର ପ୍ରଯୋଜକ ଫିରୋଜ ନଦିଆଦୱାଲାଙ୍କ ଘର ଉପରେ ଚଢ଼ାଉ ବେଳେ ଡ୍ରଗ୍ସ ଜବତ ହୋଇଥିଲା। ରବିବାର ଫିରୋଜଙ୍କ ସ୍ତ୍ରୀ ଶାବାନା ସୟିଦ ଓ ଅନ୍ୟ ୪ ଜଣଙ୍କୁ ଏନ୍‌ସିବି ଗିରଫ କରିଥିଲା। ସୋମବାର ସେମାନଙ୍କୁ ୨୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଅନିଶ୍ଚିତତାରେ...

ପର୍ଯ୍ୟଟନ ସମୟ ଆସିଥିଲେ ମଧ୍ୟ ବାହାରୁ ପର୍ଯ୍ୟଟକ ଆସୁନାହାନ୍ତି। ଯାତ୍ରୀ ସଂଖ୍ୟା ନ ବଢ଼ିଲେ ଅଟୋ ଚଳାଇବା ସମ୍ଭବ ହେବ ନାହିଁ ବୋଲି ସେ କହିଛନ୍ତି। ଟ୍ରାଭେଲ୍ସ ବ୍ୟବସାୟ କରି ଚଳୁଥିବା ବାଦଲ ସ୍ୱାଇଁ କହିଛନ୍ତି, ଗତ ୫ ମାସ ହେବ ବ୍ୟବସାୟ ନାହିଁ କହିଲେ ଚଳେ। ନିଜର ଦୁଇଖଣ୍ଡ ଗାଡ଼ି ଥିବା ବେଳେ ବାହାର ଲୋକମାନେ ଟ୍ରାଭେଲ୍ସରେ ଗାଡ଼ି ଲଗାଉଥିଲେ। କରୋନା ଯୋଗୁ ଗାଡିର ଡିମାଣ୍ଡ ନାହିଁ। ପର୍ଯ୍ୟଟନ ଋତୁରେ ଭଲ ବ୍ୟବସାୟ ହୋଇଥାଏ। ଚଳିତ ବର୍ଷ କରୋନା କଟକଣା ଯୋଗୁ ତାହା ମଧ୍ୟ ହେଲା ନାହିଁ। ଏଭଳି ପରିସ୍ଥିତି ଆଉ କିଛି ମାସ ରହିଲେ ଏହି ବ୍ୟବସାୟକୁ ବନ୍ଦ କରିବାକୁ ପଡିବ ବୋଲି ସେ କହିଛନ୍ତି। ପରିବହନ ବିଭାଗ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି ଯେ, ଦୂରଗାମୀ ବସ୍ ଚଳାଚଳ କରୁଛି। ସ୍କୁଲ, କଲେଜ ବନ୍ଦ ଯୋଗୁ ଯାତ୍ରୀ ସଂଖ୍ୟା ହ୍ରାସ ପାଇଛି। ଶିକ୍ଷାନୁଷ୍ଠାନ ଖୋଲିବା ପରେ ସ୍ୱଳ୍ପ ଗାମୀ ଯାନବାହନ ସେବାରେ ସୁଧାର ଆସିଯିବ ବୋଲି ସେ କହିଛନ୍ତି।

### ଆଜି ଭୋଟ...

- ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣନା
- ଭିଭିପିଏଟି ପାଇଁ ୭, ପୋଷ୍ଟାଲ ପାଇଁ ଗୋଟିଏ ଟେବୁଲ
- ଗଣନା କାର୍ଯ୍ୟରେ ନିୟୋଜିତ ହେବେ ୧୧୦ କାଉଣ୍ଟିଂ କର୍ମଚାରୀ, ୫୭ ମାଇକ୍ରୋ ଅବ୍‌ଜରଭର

ଦେଖି ଭାରତର ନିର୍ବାଚନ କମିଶନଙ୍କ ଅନୁମୋଦନକ୍ରମେ ନିର୍ବାଚନମଣ୍ଡଳୀ ଗୁଡ଼ିକରେ ଭୋଟ ଗଣତି କରାଯିବ। ଭୋଟ ଗଣତି ପାଇଁ ସର୍ବାଧିକ ୩ଟି ହଲ୍ କରାଯାଇଛି। ଦୁଇଟି ଇଭିଏମ୍/ଭିଭିପିଏଟି କାଉଣ୍ଟିଂ ହଲ୍ ଏବଂ ଗୋଟିଏ ପୋଷ୍ଟାଲ ବାଲଟ୍ ଗଣନା ହଲ୍ କରାଯାଇଛି। ଇଭିଏମ୍/ଭିଭିପିଏଟି ଗଣତି ପାଇଁ ୭ଟି ଲେଖାଏଁ ଟେବୁଲ କରାଯାଇଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଗୋଟିଏ ଟେବୁଲ ପ୍ରସ୍ତୁତ କରାଯାଇଛି ବୋଲି ଲୋହାନୀ କହିଛନ୍ତି। ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୩ ଜଣ ଏବଂ ତିର୍ତ୍ତୋଲ ପାଇଁ ୨ ଜଣ ଅତିରିକ୍ତ ସହକାରୀ ରିଟର୍ନିଂ ଅଫିସର (ଏଆରଓ)ଙ୍କୁ ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ କରାଯାଇଛି। ପ୍ରତ୍ୟେକ ଟେବୁଲ ପାଇଁ ୩ ଜଣ ଗଣନାକାରୀ ରହିବେ। ସେମାନଙ୍କ ମଧ୍ୟରେ ଜଣେ କାଉଣ୍ଟିଂ ଆସିଷ୍ଟାଣ୍ଟ, ଜଣେ ସୁପରଭାଇଜର ଏବଂ ଜଣେ ମାଇକ୍ରୋ ସୁପରଭାଇଜର ରହିବେ। ଭୋଟ ଗଣନା କାର୍ଯ୍ୟରେ ସମୁଦାୟ ୧୧୦ ଜଣ କାଉଣ୍ଟିଂ କର୍ମଚାରୀ ଏବଂ ୫୭ ଜଣ ମାଇକ୍ରୋ ଅବ୍‌ଜରଭର ନିୟୋଜିତ ହେବେ। ସେମାନଙ୍କୁ ପୂର୍ବରୁ ଏଥିପାଇଁ ତାଲିମ ଦିଆଯାଇଛି ବୋଲି ଲୋହାନୀ କହିଛନ୍ତି।

ପ୍ରତ୍ୟେକ ଟେବୁଲ ପାଇଁ ଜଣେ ଲେଖାଏଁ କାଉଣ୍ଟିଂ ଏଜେଣ୍ଟ ରହିବେ। ଏହାଛଡ଼ା ରିଟର୍ନିଂ ଅଫିସରଙ୍କ ଟେବୁଲ ପାଇଁ ଜଣେ ଏବଂ ପୋଷ୍ଟାଲ ବାଲଟ୍ ପାଇଁ ଜଣେ କାଉଣ୍ଟିଂ ଏଜେଣ୍ଟ ରହିବେ। ସମସ୍ତ ପ୍ରକାର କୋଭିଡ୍ ଗାଇଡ୍‌ଲାଇନ ମଧ୍ୟରେ ଭୋଟ ଗଣନା କାର୍ଯ୍ୟ ହେବ। ହଲ୍‌କୁ ସାନି ସାନିଟାଇଜ୍ କରାଯିବା ସହ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ଫେସ୍ ସିଲ୍ଡ ଲଗାଇବା ବ୍ୟବସ୍ଥା କରାଯାଇଛି। ଭୋଟଗଣତି କେନ୍ଦ୍ରକୁ ଯିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିଙ୍କର ଥର୍ମାଲ ସ୍କାନିଂ କରାଯିବ। ଗଣନା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ଏବଂ ଏଜେଣ୍ଟଙ୍କ ମଧ୍ୟରେ ପଲିଥିନ ସିଟ୍ ଦିଆଯାଇ ପରିସରକୁ ସଂକ୍ରମଣ ମୁକ୍ତ ରଖାଯିବ। କଣ୍ଟ୍ରୋଲ ୟୁନିଟ୍ ନିକଟରେ ଗହଳି ନ କରିବା ପାଇଁ ଏଥର କାଉଣ୍ଟିଂ ଏଜେଣ୍ଟମାନଙ୍କ ପାଇଁ ପ୍ରତି ରାଉଣ୍ଡ ଭୋଟ ଗଣନାର ଫଳାଫଳ ଜାଣିବା ପାଇଁ ପ୍ରତି ଭୋଟଗଣତି ଟେବୁଲ ନିକଟରେ ଏକ ବଡ଼ ମନିଟର/ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। ଫଳରେ ଏଜେଣ୍ଟମାନେ ପ୍ରତି ରାଉଣ୍ଡର ଭୋଟ ଗଣତି ଫଳାଫଳ ବିଷୟରେ ସୂଚନା ପାଇପାରିବେ। ଭୋଟ ଗଣନା ଶେଷରେ ୫ଟି ବୁଥ୍‌ର ଭିଭିପିଏଟି ସ୍ଲିପ୍ ଗଣନା କରାଯିବ ବୋଲି ଲୋହାନୀ କହିଛନ୍ତି। ଉଭୟ ନିର୍ବାଚନମଣ୍ଡଳୀର ଭୋଟ ଗଣନା ଫଳାଫଳ results.eci.gov.inରେ ଉପଲବ୍ଧ ହେବ। ଏଥିସହିତ ଫଳାଫଳ ଗଣନା କେନ୍ଦ୍ର ବାହାରେ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେବ। ଏହାଛଡ଼ା ସିଇଓଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉଭୟ ଟୁଇଟର ଓ ଫେସ୍‌ବୁକ୍‌ରେ ଉପଲବ୍ଧ ହେବ।

ଭୋଟ ଗଣନା ଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ପୋଲିସ, ରାଜ୍ୟ ସୁରକ୍ଷା ବଳ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଗଣନା କେନ୍ଦ୍ରର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ପ୍ରତ୍ୟେକ ଗଣନା କେନ୍ଦ୍ର ଭିତରେ ଗୋଟିଏ ପ୍ଲାଟୁନ ସିଏପିଏଫ ସୁରକ୍ଷା ବଳ ରହିଥିବା ବେଳେ ମଧ୍ୟ ଭାଗକୁ ରାଜ୍ୟ ସଶସ୍ତ୍ର ସୁରକ୍ଷା ବାହିନୀ ସୁରକ୍ଷାରେ ରଖାଯାଇଛି। ବାଲେଶ୍ୱର ପାଇଁ ୭ ପ୍ଲାଟୁନ ଏବଂ ତିର୍ତ୍ତୋଲ ପାଇଁ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଭୋଟ ଗଣନା କେନ୍ଦ୍ର ବାହାରେ ରାଜ୍ୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ସ୍ୱୀକୃତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭୋଟ ଗଣତି ହଲ୍‌କୁ ଛଡ଼ାଯିବ। ତେବେ ସେମାନେ ଭୋଟ ଗଣନାକୁ କ୍ୟାମେରା ଜରିଆରେ ଉତ୍ତୋଳନ କରିପାରିବେ ନାହିଁ ବୋଲି ଲୋହାନୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଉଭୟ ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୫ ଜଣ ନିର୍ବାଚନ ଲଢୁଛନ୍ତି।

### ଫାଇଜର କୋଭିଡ୍...

କେତେକ ସରକାରୀ ପରୀକ୍ଷାଗାର, ୟୁରୋପର ଅକ୍ସଫୋର୍ଡ ୟୁନିଭର୍ସିଟି ଓ ଆଷ୍ଟ୍ରାଜେନେକା ସଫଳ ଟିକା ବାହାର କରିବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ରୁଷିଆର ଦୁଇଟି ଟିକା କ୍ଲିନିକାଲ ପରୀକ୍ଷା ଶେଷ ହେବା ପୂର୍ବରୁ ବ୍ୟବହାର ଲାଗି ପଞ୍ଜୀକୃତ ହୋଇଥିଲେ ହେଁ ତାହା ଦେଶ ବାହାରେ ବିଶେଷ ଆଦୃତ ହୋଇନାହିଁ। ବିଏନ୍‌ଟି୧୬୨ବି୨ ଟିକା ଚୂଡ଼ାନ୍ତ ପର୍ଯ୍ୟାୟ ପରୀକ୍ଷା ଜୁଲାଇ ଶେଷ ଭାଗରେ ଆରମ୍ଭ ହୋଇଥିଲା। ସେଥିରେ ଭାଗନେବାକୁ ୪୩,୫୩୮ ଜଣ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ନଭେମ୍ବର ୮ ସୁଦ୍ଧା ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଚୂଡ଼ାନ୍ତ ଡୋଜ୍ ପରେ ଫାଇଜର ଦୁଇମାସର ସୁରକ୍ଷାଜନିତ ତଥ୍ୟ ସଂଗ୍ରହ କରିଛି। ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନର ଆବଶ୍ୟକତା ଅନୁଯାୟୀ ଏହି ଟିକା ସମସ୍ତ ନିୟମ ପୂରଣ କରିପାରିଲେ ନଭେମ୍ବର ତୃତୀୟ ସପ୍ତାହ ସୁଦ୍ଧା ବଜାରରେ ଏହା ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ରଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଅଶାନ୍ତିର ସମ୍ଭାବନା ଦେଖାଦେଇପାରେ। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିବ। ନୂତନ ଯାନବାହନ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**ବୃଷ** – ମଘା ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ସନ୍ଦେହୀ ମନ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅଶାନ୍ତ ରହିବ। ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ ଓ ସଫଳତା ମଧ୍ୟ ମିଳିପାରେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନିର ଆଶଙ୍କାକୁ ଏଡିହେବ ନାହିଁ। ଯାତ୍ରା କାଳରେ କୌଣସି ଖଳଲୋକ ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ମିଥୁନ** – ଶନିଦୃଷ୍ଟ ବୁଧଙ୍କ ଯୋଗୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାରୁ ମନ ଅଶାନ୍ତ ହୋଇପାରେ। ଅତୀତର ଅପୂର୍ଣ୍ଣ କାମକୁ ଆଜି ଅନ୍ୟମାନଙ୍କ ସାହାଯ୍ୟ ନେଇ ସମ୍ପୂର୍ଣ୍ଣ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ଭାବରେ ଟେନ୍ସନ ସୃଷ୍ଟି କରିବ। ପରିବାରରେ ପିଲାଙ୍କ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ** – ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର କାରଣରୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଭଡ଼ା ସୂତ୍ରରୁ କିମ୍ବା ଦୀର୍ଘ ଦିନରୁ ପାଉ ନ ଥିବା ବକେୟା ଟଙ୍କା ପାଇପାରନ୍ତି।

**ସିଂହ** – ରାଶିରେ ଜନ୍ମଚନ୍ଦ୍ର ପ୍ରଭାବରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ଚିନ୍ତା ପ୍ରକଟ କରିପାରନ୍ତି। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ। ଅବହେଳିତ କାମ ଜନିତ କର୍ମକ୍ଷେତ୍ରରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** – ଧନସ୍ଥାନରେ ରବି ଓ ବୁଧଙ୍କ ଯୋଗୁ ଆର୍ଥିକ ଅନଟନ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ଅପେକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟିଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଅଧିକ କିଛି ଆଶା କରି କିମ୍ବା ବନ୍ଧୁଙ୍କ କଥାରେ ଭରସା କରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି।

**ତୁଳା** – ପୂର୍ବରୁ ପାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଜି ଅର୍ଥ ଓ ସମ୍ମାନ ପାଇବେ। ଆନୁଷ୍ଠାନିକ କାମରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଆଲୋଚନା କିମ୍ବା ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** – କାର୍ଯ୍ୟବ୍ୟସ୍ତତା କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପିଲାମାନଙ୍କ ଅସାବଧାନତା ଦ୍ୱାରା ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ପ୍ରେସ୍, ପବ୍ଲିକେଶନ, ସଭାସମିତି, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** – ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଭଲ ହେବ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ସମାଲୋଚିତ ହେବାକୁ ପଡିପାରେ। ଜମିଜମା କାରବାରଜନିତ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ବନ୍ଧୁମିଳନଜନିତ ଆଳାପ ଆଲୋଚନାରେ ଅଧିକ ସମୟ କଟାଇବେ।

**ମକର** – ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ଆଶଙ୍କା ରହିଛି।

**କୁମ୍ଭ** – ଆଶା କରୁଥିବା କୌଣସି ଶୁଭଖବର ପାଖ, ପଡୋଶୀଙ୍କ ନିକଟରୁ ପାଇ ଖୁସି ହେବେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାରମ୍ବାର ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ।

**ମୀନ** – କର୍ମକ୍ଷେତ୍ରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମନାନ୍ତର ଦେଖାଦେଇପାରେ। ଅର୍ଥ ସଂଗ୍ରହର ପ୍ରଚେଷ୍ଟା କଦାପି ନିଷ୍ଫଳ ହେବ ନାହିଁ, ତଥାପି ଏଥିପାଇଁ ବହୁତ ଶ୍ରମ କରିବାକୁ ପଡିବ। କଳା, ସାହିତ୍ୟ, ସାମ୍ବାଦିକତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି କାର୍ତ୍ତିକ କୃଷ୍ଣ ଦଶମୀ ମଙ୍ଗଳବାର, ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ମକର ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୫୭ମି. ଗତେ ଘ.୦୬.୪୦ମି. ମଧ୍ୟେ, ଘ.୦୭.୨୫ମି. ଗତେ ଘ.୧୧.୦୮ମି. ମଧ୍ୟେ, ରାତ୍ରି ଘ.୦୭.୩୯ମି. ଗତେ ଘ.୦୮.୩୦ମି. ମଧ୍ୟେ ଅମୃତବେଳା। ସନ୍ଧ୍ୟା ଘ.୦୫.୦୪ମି. ଗତେ ଘ.୦୭.୩୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୨.୧୭ମି. ଗତେ ଘ.୦୩.୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198

3BHK under construction duplex for sale near SUM Hospital. 56 lakh. Buyers contact- 6370446556 (No Broker) D-70016

G.A plot for sale at Ghatikia 2400 (60x40) Contact only genuine buyer. Phone- 7978627900 D-67763

1500 sqft (12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165 D-18838

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

ଘରବାଡ଼ି ପ୍ଲଟ ପିଚୁରୋଡ଼କୁ ଲାଗି ସାଇମନ୍ଦିର ପାଖରେ 50% ଦେଇ Registration ନେଇ ବାକି କିସ୍ତିରେ ଦିଅନ୍ତୁ। 9556794241 D-69196




Godown space available near Puri bypass area 18000/-, open space 15000/-. 9938125254 D-18598

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Monalisa massage club : All types body massage with hiprofile smart lady rooms service available 9708545108. D-18831

Swarna SPA newly open positively health benefits with expert therapist. 9556978408. D-70010

Get refreshment body massage by expert therapist contact for 7205084157. D-70011

Refreshing your mind & body with best therapy at Lotus Spa. 8018234866 D-69577

Newly open relaxing massage male/ female therapist. Contact- 9861193818, 8018656899 D-59970

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013




୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

**AFFIDAVIT**

By virtue of an affidavit before Executive Magistrate Khordha, as my actual name is Diptimayee Rautaray instead of Kamini Kanchan Rautaray. Henceforth I shall be known as Diptimayee Rautaray for all purposes. D-18914

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୦୯,୭୨,୮୧୭ | ୧୨,୬୫,୧୦୭ | ୩,୫୯,୧୫,୧୦୬ |
| ଭାରତ | ୮୫,୭୭,୬୮୯ | ୧,୨୬,୮୬୪ | ୭୯,୪୧,୦୯୪ |
| ଓଡ଼ିଶା | ୩,୦୨,୭୯୩ | ୧୪୪୧(+୫୩) | ୨,୮୯,୬୮୯ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମୋବାଇଲରେ ଜଳସେଚନ ସମସ୍ୟାର ସମାଧାନ

ଭୁବନେଶ୍ୱର,୯।୧୧(ବ୍ୟୁରୋ)



ଜଳ ସମ୍ପଦ ବିଭାଗର ୪ ଅନ୍‌ଲାଇନ ସେବାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରୁଛନ୍ତି। ପାଖରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ

- ଜଳ ସମ୍ପଦ ବିଭାଗର ୪ ଅନ୍‌ଲାଇନ ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଚାଷୀ ଜଳ ସମ୍ପଦ ବିଭାଗର ସର୍ବବୃହତ୍ ହିତାଧିକାରୀ: ମୁଖ୍ୟମନ୍ତ୍ରୀ
- ଶିଳ୍ପ ପାଇଁ 'ଗୋ ସୁଇଫ୍ଟ'

ଚାଷକାମ ଛାଡ଼ି ଜଳସେଚନ ସମସ୍ୟା ପାଇଁ ଚାଷୀମାନଙ୍କୁ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ମୋବାଇଲ୍ ଫୋନରେ ଫଟୋ ଓ ଭିଡିଓ ଜରିଆରେ ଚାଷୀମାନେ ଜଳସେଚନ ସମସ୍ୟା ସମ୍ପର୍କରେ ସିଧା ଜଳସେଚନ ବିଭାଗକୁ ଜଣାଇପାରିବେ। ମୋବାଇଲ୍ ଫଟୋରୁ ସମସ୍ୟାର ସମାଧାନ କରାଯିବ। ଅନ୍‌ଲାଇନ ଅଭିଯୋଗ ପରିଚାଳନା ବ୍ୟବସ୍ଥା 'ସେଚ ସମାଧାନ' ଚାଷୀମାନଙ୍କ ପାଇଁ ଏହି ସୁବିଧା ଆଣିଛି। ସେଚ ସମାଧାନ ସହିତ ବିଜୁ କୃଷକ ଯୋଜନାରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା, ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଜଳ ଆବଣ୍ଟନ ଆବେଦନ ପ୍ରକ୍ରିୟା, ବ୍ୟବସାୟିକ ଓ ଅନ୍ୟାନ୍ୟ ସମସ୍ତ ପାଇଁ ଆବେଦନ ପୋର୍ଟାଲ ଏହିପରି ୪ଟି ଅନ୍‌ଲାଇନ ସେବା ବ୍ୟବସ୍ଥା ଆରମ୍ଭ କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଉକ୍ତ ଅନ୍‌ଲାଇନ ସେବା ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀମାନେ ହେଉଛନ୍ତି ଜଳ ସମ୍ପଦ ବିଭାଗର ସର୍ବବୃହତ୍ ହିତାଧିକାରୀ। ଏହି ଅନ୍‌ଲାଇନ ସେବା ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ଦିଗରେ ବିଶେଷ ସହାୟକ ହେବ। ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ବିଭାଗକୁ ଅଧିକ ଉତ୍ତରଦାୟୀ ଓ ସ୍ୱଚ୍ଛ ସେବା ପ୍ରଦାନରେ ସହାୟକ ହେବ। ଏଥିସହିତ ବିଜୁ କୃଷକ ଯୋଜନାର ଆବେଦନ ପ୍ରକ୍ରିୟାକୁ ମଞ୍ଜୁର କରିବାରେ ମଧ୍ୟ ସମୟୋଚିତ ପଦକ୍ଷେପ ନିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ କରାଯାଇଥିବା ଅନ୍‌ଲାଇନ ସେବା ମଧ୍ୟ ସେମାନଙ୍କ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଲୋକଙ୍କୁ ନିଜ ଘର ପାଖରେ ସରକାରୀ ସେବା ଯୋଗାଇବା ପାଇଁ ଥିବା ଲକ୍ଷ୍ୟ ପୂରଣରେ ଏହା ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସେବା ବିଷୟରେ ବହୁଳ ଜନସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୫-ଟି ଲକ୍ଷ୍ୟ ଡିଜିଟାଲ ମଷ୍ଟର ରୋଲ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଜଳ ସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରଶାସନକୁ ଦକ୍ଷ ଓ ଉତ୍ତରଦାୟୀ କରିବା ପାଇଁ ଜଳ ସମ୍ପଦ ବିଭାଗ ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ୫-ଟି ଲକ୍ଷ୍ୟ ପୂରଣ କରିବା ସହିତ ଚାଷୀମାନଙ୍କୁ ଉନ୍ନତ ସେବା ଯୋଗାଇ ଦେବେ ବୋଲି କହିଛନ୍ତି।

ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ବିଭାଗ ପ୍ରମୁଖ ସଚିବ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ପ୍ରମୁଖ ଉପସ୍ଥିତ ଥିଲେ।

ସେଚ ସମାଧାନ ଏକ ଦ୍ୱି-ଭାଷୀୟ ମୋବାଇଲ ଆପ୍। ଏହି ପଦ୍ଧତିରେ ଚାଷୀ ଜଳ ସମ୍ପଦ ବିଭାଗ ଅଫିସକୁ ନ ଆସି ତାଙ୍କ ଅଭିଯୋଗ ଫଟୋ ବା ଭିଡିଓ ମୋବାଇଲ ଜରିଆରେ ପଠାଇଲେ ତାଙ୍କୁ ଅଭିଯୋଗର ସ୍ଥିତି ସମ୍ପର୍କରେ ଏସ୍‌ଏମ୍‌ଏସ୍ ଜରିଆରେ ସୂଚନା ଦିଆଯିବ। ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ। ସେହିପରି ଶିଳ୍ପ କ୍ଷେତ୍ରକୁ ଜଳ ଆବଣ୍ଟନ ପାଇଁ ଜଳ ସମ୍ପଦ ବିଭାଗ ତରଫରୁ 'ଗୋ ସୁଇଫ୍ଟ' ପୋର୍ଟାଲକୁ ବିକଶିତ କରାଯାଇଛି। ଏହା ଜରିଆରେ ସେମାନେ ଅନ୍‌ଲାଇନ ଆବେଦନ କରିପାରିବେ। ବାଣିଜ୍ୟିକ ଓ ଅନ୍ୟ ସଂସ୍ଥା ଜଳ ଆବଣ୍ଟନ ପାଇଁ ମଧ୍ୟ ଜଳ ସମ୍ପଦ ବିଭାଗ ତରଫରୁ ଅନ୍‌ଲାଇନ ପୋର୍ଟାଲ water allocationod.nic.in ବିକଶିତ କରାଯାଇଛି। ଏହି ପୋର୍ଟାଲ ଜରିଆରେ ଆବେଦନକାରୀମାନଙ୍କୁ ଜଳର ଆବଣ୍ଟନ, ପରିମାଣ ହ୍ରାସ ଓ ବୃଦ୍ଧି ଇତ୍ୟାଦି ବିଷୟରେ ବିଭାଗ ତରଫରୁ ଅବଗତ କରାଯାଇଛି।

## ସଂକ୍ଷେପରେ

### ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୯।୧୧(ବ୍ୟୁରୋ): ରାଜ୍ୟ ସରକାର ଓଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ(ବିଏମ୍‌ସି)ର ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କୁ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାର ସୋମବାର ଏନେଇ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ସେହିପରି କୃଷି ବିଭାଗର ଅତିରିକ୍ତ ସଚିବ ବନାନୀ ମହାନ୍ତିଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଦାୟିତ୍ୱ ଦିଆଯାଇଛି। ଶ୍ରବଣୀ ପଟ୍ଟନାୟକଙ୍କୁ ଓରେରାର ଯୁଗ୍ମ ସଚିବ ପଦରେ ଦାୟିତ୍ୱ ମିଳିଛି। ଶରତ ଚନ୍ଦ୍ର ବେହେରାଙ୍କୁ ଯାଜପୁର ଜିଲାର ଉପ ଜିଲାପାଳ କରାଯାଇଛି। ବାସୁଦେବ ମାହାରୀଙ୍କୁ ଦେଓଗଡ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କରାଯାଇଛି।

# ସବୁଠୁ ଥଣ୍ଡା ସୋନପୁର

- ୧୫ ଡିଗ୍ରୀ ତଳେ ୧୦ ସହର
- ୧୧ରେ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୧୧(ବ୍ୟୁରୋ): ରାଜ୍ୟକୁ ଉତ୍ତର-ପୂର୍ବ ଦିଗର ଥଣ୍ଡାବାୟୁ ପ୍ରବାହିତ ହେଉଛି। ଫଳରେ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ୧୦ ସହରରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଯାଇଛି। ଏପରିକି କେତେକ ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସୋନପୁରରେ ସର୍ବନିମ୍ନ ତାପାମାତ୍ରା ୯.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୯.୫, ଫୁଲବାଣୀ ୧୦, ଅନୁଗୋଳ ୧୧, କୋରାପୁଟ ୧୧.୨, ଭବାନୀପାଟଣା ୧୧.୪, ତାଳଚେର ୧୩.୫, କେନ୍ଦୁଝର ୧୪.୪, ଝାରସୁଗୁଡ଼ା ୧୩.୪, ମାଲକାନଗିରି ୧୪.୫ ଏବଂ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୬.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବା ସହ ଶୀତର ପ୍ରକୋପ ଜାରି ରହିବ।

ତେବେ ଆସନ୍ତା ୧୧ ତାରିଖରୁ ଦୁଇଦିନ ଦକ୍ଷିଣ ଉପକୂଳ ଓଡ଼ିଶା, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ୧୪ ତାରିଖରୁ ଶୀତର ପ୍ରକୋପ ବୃଦ୍ଧି ପାଇବ। ପାରଦ ଆହୁରି ତଳକୁ ଖସିବ। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଚିତ୍ରଶିଳ୍ପୀ ଶିବ ପାଣିଗ୍ରାହୀଙ୍କ ପରଲୋକ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)



ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡ଼େମୀର ପୂର୍ବତନ ସଭାପତି ଶିବ ପାଣିଗ୍ରାହୀଙ୍କର ସୋମବାର ପରଲୋକ ହୋଇଛି। କଟକ ସିଡିଏ ସେକ୍ଟର-୬ସ୍ଥିତ ବାସଭବନରେ ଅପରାହ୍ନ ୨ଟା ୩୦ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ୧୯୪୫ରେ ମୟୂରଭଞ୍ଜ ଜିଲାରେ ଜନ୍ମଗ୍ରହଣ କରିଥିବା ପାଣିଗ୍ରାହୀ ରାଜ୍ୟର ସର୍ବପୁରାତନ କଳାଶିକ୍ଷା ଅନୁଷ୍ଠାନ ଖଲ୍ଲିକୋଟ ଆର୍ଟ କଲେଜରୁ ଚିତ୍ରକଳାରେ ଡିପ୍ଲୋମା ହାସଲ କରିଥିଲେ। ଏହାପରେ ସେ ବିଭୂତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ସେଠାରୁ ଅବସର ଗ୍ରହଣ କରିବା ପରେ ସେ କଟକରେ ଅବସ୍ଥାନ କରିବା ସହ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ଭାବେ ୩ବର୍ଷ କାର୍ଯ୍ୟ କରିଥିଲେ। ଚିତ୍ରକଳା କ୍ଷେତ୍ରରେ ଉତ୍କୃଷ୍ଟ କୃତି ନିମନ୍ତେ ସେ ଏକାଡେମୀରୁ ୩ଥର ରାଜ୍ୟ ପୁରସ୍କାର ହାସଲ କରିଥିଲେ। ୨୦୦୬ରେ ସ୍ୱତନ୍ତ୍ରଭାବେ ସମ୍ମାନିତ ହୋଇଥିବାବେଳେ ନିଜର କଳାତ୍ମକ ଉତ୍କର୍ଷ ଲାଗି ସେ ବହୁ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ଲଳିତ କଳା ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାର ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଏକାଧିକଥର ସମ୍ମାନିତ ହୋଇଛନ୍ତି। ଏହି ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ବିୟୋଗରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଆୟୋଜିତ ଶୋକସଭାରେ ଏକାଡ଼େମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ, ଏକାଡେମୀ ଓଏସ୍‌ଡି ମନସ୍ୱିନୀ ସାହୁ, ସଚିବ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବହୁ ବରିଷ୍ଠ ଚିତ୍ରଶିଳ୍ପୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ଗୋଠଛଡ଼ା ଦନ୍ତା ଅସୁସ୍ଥ

ବାରିପଦା ଅଫିସ,୯।୧୧: ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜରେ ପ୍ରବେଶ କରିଥିବା ଝାଡ଼ଖଣ୍ଡି ହାତୀପଲ ମଧ୍ୟରୁ ଏକ ଦନ୍ତାହାତୀ ଅସୁସ୍ଥ ହୋଇ ଗୋଠଛଡା ହୋଇ ବୁଲୁଛି। ହାତୀର ଆଗ ଗୋଡ଼ରେ ସାମାନ୍ୟ କ୍ଷତ ଥିବା ବେଳେ ରବିବାର ସନ୍ଧ୍ୟାରେ ଖାଇବାକୁ ଆସି ମୁଖ୍ୟଦଳକୁ ଫେରି ନ ଥିଲା। ସୋମବାର ସକାଳ ୯ଟା ପର୍ଯ୍ୟନ୍ତ ବେତନଟୀ ରେଞ୍ଜ ଅଧୀନ କୁରାଡ଼ିକ ଗ୍ରାମ ନିକଟ ଧାନ କ୍ଷେତରେ ଅଟକି ରହିଥିଲା। ଏନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଥିବା ବେଳେ ବନବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି।

# ପବ୍ଲିକ ଆକାଉଣ୍ଟସ୍, ଷ୍ଟାଣ୍ଡିଂ କମିଟି ବୈଠକ

### ୩ ବିଭାଗ ଉପରେ ଆଲୋଚନା

ଭୁବନେଶ୍ୱର, ୯।୧୧(ବ୍ୟୁରୋ): ପବ୍ଲିକ୍ ଆକାଉଣ୍ଟସ୍ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଧାନସଭାର ୫୯ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଦ୍ୟ ଯୋଗାଣ, ହସ୍ତତନ୍ତ ଏବଂ ବୟନଶିଳ୍ପ, ସମବାୟ ବିଭାଗ ବିଷୟରେ ଆଲୋଚନା ହୋଇଛି। କୋଭିଡ୍ କଟକଣା ଯୋଗୁ ଭିଡ଼ିଓ କନ୍‌ଫରେନ୍ସରେ ହୋଇଥିବା ବୈଠକରେ ବିଧାନସଭା ସଭ୍ୟ ବଦ୍ରିନାରାୟଣ ପାତ୍ର, ଅରବିନ୍ଦ ଢାଲି, ସତ୍ୟନାରାୟଣ ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ପ୍ରଦୀପ କୁମାର ଦିଶାରୀ ଓ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଭାଗୀୟ ଷ୍ଟାଣ୍ଡିଂ କମିଟି ମଧ୍ୟ ସମାନଭାବେ ଅନୁଷ୍ଠିତ ହୋଇଛି। ଷ୍ଟାଣ୍ଡିଂ କମିଟିରେ ମଧ୍ୟ ଉପରୋକ୍ତ ୩ ବିଭାଗ ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା।

# କୃଷି ଆଇନ ବିରୋଧରେ କଂଗ୍ରେସର ଟ୍ରାକ୍ଟର ରାଲି

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

- ବିଜେଡି, ଭାଜପା ଏକ: ପିସିସି ସଭାପତି
- କଂଗ୍ରେସ ଭବନରୁ ଟ୍ରାକ୍ଟରରେ କଟକ ଯାତ୍ରା

କେନ୍ଦ୍ରର କୃଷି ଆଇନକୁ ପଞ୍ଜାବ ଏବଂ ହରିୟାଣାରେ ଜୋରଦାର ବିରୋଧରେ ପରେ ଓଡିଶାରେ ମଧ୍ୟ କଂଗ୍ରେସ ସମାନ ପନ୍ଥା ଆପଣାଇଛି। ଏହାକୁ ବିରୋଧ କରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କ୍ଷେତ ବଞ୍ଚାଓ ଯାତ୍ରା କରାଯାଇଛି। ଏହାକୁ ନେଇ ସୋମବାର ଭୁବନେଶ୍ୱରରୁ ଦଳର ନେତା ଓ କର୍ମୀମାନେ ଏକ ଟ୍ରାକ୍ଟର ରାଲି କରିଛନ୍ତି। ଏକାଧିକ ଟ୍ରାକ୍ଟର ଯୋଗେ କଂଗ୍ରେସ ଭବନରୁ ନେତା ଓ କର୍ମୀମାନେ ବାହାରି କଟକ କଂଗ୍ରେସ ଅଫିସରେ ପହଞ୍ଚିଥିଲେ। ଏଥିରେ ଓଡିଶା ପ୍ରଭାରୀ ଏ ଚେଲ୍ଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଦେଶର କୃଷି, କୃଷକ ଓ ଶ୍ରମିକମାନଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା


କଂଗ୍ରେସ ପକ୍ଷରୁ ବାହାରିଥିବା ଟ୍ରାକ୍ଟର ରାଲି।

ସହ ୩ ବିଧେୟକ ପାର୍ଲାମେଣ୍ଟରେ ଗୃହୀତ କରି ଆଇନ୍‌ରେ ପରିଣତ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ କହିଥିଲେ, ଯଦି ଚାଷୀଙ୍କ ପ୍ରତି ସରକାରଙ୍କ ଆନ୍ତରିକତା ଅଛି, ତେବେ ଛତିଶଗଡ ସରକାରଙ୍କ ଭଳି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓଡିଶାରେ ୨୫୦୦ ଟଙ୍କା କରାଯାଉ। ୨୫୦୦ ଟଙ୍କା ତଳକୁ ଯିଏ କିଣିବ ବା ବିକ୍ରି କରିବ, ସେମାନଙ୍କ ପ୍ରତି ଜେଲ୍ ସହିତ ଅର୍ଥ ଦଣ୍ଡାଦେଶର ନିୟମ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା କୃଷି ବିଧେୟକରେ ଆଣାଯିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟବାସୀ ଜାଣିସାରିଲେଣି, ବିଜେଡି ଓ ଭାଜପା ଏବେ ମିଶି ଏକ। ସେମିତି ହୋଇ ନ ଥିଲେ କେନ୍ଦ୍ର ସରକାରଙ୍କ ଯେ କୌଣସି ପ୍ରସ୍ତାବକୁ ବିଜେଡି ସମର୍ଥନ କରନ୍ତା ନାହିଁ ବୋଲି ନିରଞ୍ଜନ କହିଛନ୍ତି। କଟକ କଂଗ୍ରେସ କାର୍ଯ୍ୟାଳୟରେ ରାଲି ପହଞ୍ଚିବା ପରେ ନୂତନ କାର୍ଯ୍ୟାଳୟକୁ ଚେଲାକୁମାର ଉଦ୍‌ଘାଟନ କରିଥିଲେ।

# ଓଡ଼ିଶାରେ ହେଉ ୫ ବିମାନବନ୍ଦର

ଭୁବନେଶ୍ୱର,୯।୧୧(ବ୍ୟୁରୋ): କେନ୍ଦ୍ର ସରକାର ଆଞ୍ଚଳିକ ଯୋଗାଯୋଗକୁ ବ୍ୟାପକ ଓ ବିକଶିତ କରିବା ସହ ସମସ୍ତଙ୍କ ପାଇଁ ଆକାଶପଥକୁ ସୁଗମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାସହ ଅର୍ଥନୈତିକ ଅଭିବୃଦ୍ଧି ନେଇ ଉଡ଼ାଣ ଯୋଜନାରେ ଦେଶରେ ୧୦୦ ଏୟାରଷ୍ଟ୍ରିପକୁ ବିକଶିତ କରିବାକୁ ଯୋଜନା କରିଛନ୍ତି। ଓଡ଼ିଶାରେ ମଧ୍ୟ ୩ଟି ଏୟାରଷ୍ଟ୍ରିପ୍ ପାଇଁ ଯୋଜନା ଅଛି, ହେଲେ ଆଉ ୫ଟି ବିମାନବନ୍ଦର ରଙ୍ଗେଇଲୁଣ୍ଡା, କୋଣାର୍କ, କଳିଙ୍ଗନଗର, ପାରାଦ୍ୱୀପ ଓ ରାସଗୋବିନ୍ଦପୁରରେ କରିବାକୁ ଓଡ଼ିଶା ନାଗରିକ ସମାଜ, ଆମ ଜନତା ଅଧିକାର ଓ ମୁମ୍ବାଇ ଓଡ଼ିଆ ଯୁବ ସଂଗଠନ ଦାବି କରିଛି। ସୋମବାର ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସଂଘ ସଦସ୍ୟମାନେ କହିଥିଲେ ରାଜ୍ୟର ଆଉ ୫ ସ୍ଥାନରେ ବିମାନ ଚଳାଚଳ ଆରମ୍ଭ ହେଲେ ଓଡ଼ିଶାର ଅର୍ଥନୈତିକ ବିକାଶ ସହ ପର୍ଯ୍ୟଟନ ବିକାଶରେ ଏକ ମାଇଲଖୁଣ୍ଟ ହେବ। ସପ୍ତାଶ୍ୱାର୍ଯ୍ୟ କୋଣାର୍କ ଓ ପୁରୀ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ପରିଚୟ ପାଇବ। କଳିଙ୍ଗ ନଗର ଶିଳ୍ପ, ଖଣିର ବିକାଶ ସହ ଯାଜପୁର ଜିଲାର ବୌଦ୍ଧକୀର୍ତ୍ତିର ପ୍ରଚାର ଓ ପ୍ରସାରରେ ସହାୟକ ହେବ। ରଙ୍ଗେଇଲୁଣ୍ଡା ଯୋଗୁ ଗୋପାଳପୁର ବନ୍ଦର, ବେଳାଭୂମି, ବାଣିଜ୍ୟ ଓ ପର୍ଯ୍ୟଟନ ବିକାଶ ସହ ପଡ଼ୋଶୀ ରାଜ୍ୟ ମଧ୍ୟ ଲାଭ ପାଇବ। ଗଞ୍ଜାମ ତଥା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରୁ ଯାଇ କାମ କରୁଥିବା ଲକ୍ଷାଧିକ ପ୍ରବାସୀ ଓଡ଼ିଆ ଏଥିରେ ଉପକୃତ ହେବେ। ପାରାଦ୍ୱୀପ ବନ୍ଦର ସହ ଅନେକ ବଡ଼ ବଡ଼ ଶିଳ୍ପ କାରଖାନାରେ ଏହା ବେଶ୍ ସହାୟକ ହେବ। ସେହିପରି ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ ଶିମିଳିପାଳ ଅଭୟାରଣ୍ୟ, ଖଣିଖାଦାନ ବିକାଶ, ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ଓଡ଼ିଶାର ଆଦିବାସୀ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଆମ ଜନତା ଅଧିକାରର ରାଜ୍ୟ ଆବାହକ ମନୋଜ ଜେନା, ଓଡ଼ିଶା ନାଗରିକ ସମାଜର ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ମୁମ୍ବାଇ ଓଡ଼ିଆ ଯୁବ ସଂଗଠନର ଅଧ୍ୟକ୍ଷ ନିଳାଞ୍ଚଳ ପାତ୍ର ପ୍ରମୁଖ ଏହି ଦାବି କରିଛନ୍ତି। ଏଥିସହ ଏକ ପ୍ରତିନିଧିମଣ୍ଡଳ ରାଜଭବନ ଯାଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ମାଧ୍ୟମରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ମଧ୍ୟ ଅନୁରୂପ ଦାବି କରାଯାଇଥିବା ସଙ୍ଗଠନ ପକ୍ଷରୁ ପ୍ରକାଶ ପାଇଛି।

# ଆଜିଠୁ ଖୋଲିବ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର

ଭୁବନେଶ୍ୱର, ୯।୧୧(ବ୍ୟୁରୋ): ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମଙ୍ଗଳବାରଠାରୁ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲୁଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କୋଭିଡ୍ ନିର୍ଦ୍ଦେଶାବଳୀକୁ ଅବଲମ୍ବନ କରାଯାଇ ଏହା ଧୀରେ ଧୀରେ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ। ବିଜ୍ଞାନ କେନ୍ଦ୍ରଟି ସକାଳ ୯ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଓ ଟିକେଟ୍ କାଉଣ୍ଟର ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ସବିଶେଷ ତଥ୍ୟ ପାଇଁ ଦର୍ଶକମାନେ ବିଜ୍ଞାନ କେନ୍ଦ୍ରର ୱେବ୍‌ସାଇଟ୍ www.rscbhubaneswar.orgକୁ ଯାଇ ପାଇପାରିବେ ବୋଲି ସୋମବାର ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ସୂଚନା ଦେଇଛନ୍ତି।

# ଖୋର୍ଦ୍ଧାରେ ଦୈନିକ ସଂକ୍ରମଣ ଶହେ ତଳକୁ ଖସିଲା

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

### ରାଜ୍ୟରେ ଆଉ ୧,୨୧୯ ଆକ୍ରାନ୍ତ, ୧୬ ମୃତ

ରାଜ୍ୟରେ କରୋନା ଗ୍ରାଫ୍ ନିମ୍ନଗାମୀ ହେବାରେ ଲାଗିଛି। ହେଲେ ମୃତ୍ୟୁ ସଂଖ୍ୟା ଏବେ ବି ଅଧିକ ରହୁଥିବାରୁ ସଂକଟ ଟଳିନାହିଁ। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧୬ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ କେନ୍ଦୁଝରରୁ ୩ଜଣ ଲେଖାଏ ଥିବାବେଳେ ସମ୍ବଲପୁରରୁ ୨, ବାଲେଶ୍ୱର, ବରଗଡ଼, ବୌଦ୍ଧ, କଟକ, ଯାଜପୁର, ମୟୂରଭଞ୍ଜ, ନୟାଗଡ଼ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁସଂଖ୍ୟା ୧,୪୪୧କୁ ବୃଦ୍ଧି ପାଇଛି। ତେବେ ହଟ୍‌ସ୍ପଟ୍ ଜିଲା ଖୋର୍ଦ୍ଧାରେ ମୃତ୍ୟୁସଂଖ୍ୟା ଅଧିକ ରହୁଥିଲେ ମଧ୍ୟ ସଂକ୍ରମଣ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଛି। ଦୀର୍ଘଦିନ ପରେ ଦୈନିକ ଆକ୍ରାନ୍ତ ସଂଖ୍ୟା ଶହେ ତଳକୁ ଖସିଛି। ରାଜ୍ୟରେ ୧,୨୧୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ମାତ୍ର ୯୨ଜଣ ରହିଛନ୍ତି। ପୂର୍ବରୁ ଏହି ଜିଲାରେ ସର୍ବାଧିକ ଆକ୍ରାନ୍ତ ବାହାରୁଥିଲେ। ଏବେ କିନ୍ତୁ ଏଠାରେ ମହାମାରୀ ପ୍ରକୋପ ଅନ୍ୟ କେତେକ ଜିଲାଠାରୁ କମ୍ ରହିଛି। ସେହିପରି ବାଲେଶ୍ୱର ଓ ସୁନ୍ଦରଗଡ଼ରେ ସବୁଠୁ ଅଧିକ ୧୦୭ଜଣ ଲେଖାଏ ନୂଆ ଆକ୍ରାନ୍ତ ରହିଥିବାବେଳେ କଟକରୁ ୧୦୬ଜଣ ଚିହ୍ନଟ ହୋଇଛନ୍ତି। ପାଞ୍ଚଟି ଜିଲାରେ କରୋନା ସଂକ୍ରମଣ ଏକ ଅଙ୍କରେ ସୀମିତ ରହିଛି। ଏଥିମଧ୍ୟରେ ଗଜପତି ଓ ଦେବଗଡ଼ରୁ ୯ଜଣ ଲେଖାଏ ଥିବାବେଳେ ରାୟଗଡ଼ାରୁ ୭, ବୌଦ୍ଧ ଓ ମାଲକାନଗିରିରୁ ୫ଜଣ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୨,୭୯୩ରେ ପହଞ୍ଚିଛି।



ସଙ୍ଗୀତ, ସାହିତ୍ୟ ଓ କଳା ହେଲେ ଆମ୍ଭ ନିମିତ୍ତ ଏକ ପୂର୍ଣ୍ଣ ଶିକ୍ଷା । ଏ ସବୁ ଆମ୍ଭର ଗତିବୃତ୍ତିକୁ ବିଶୁଦ୍ଧ, ନିୟନ୍ତ୍ରିତ, ଗଭୀର ଓ ସଂହତ କରନ୍ତି । ସେଥିପାଇଁ ମାନବ ସମାଜର ଅଗ୍ରଗତି ପଥରେ ଏ ସମସ୍ତ ଅବହେଳିତ ହେବା ଉଚିତ ନୁହେଁ । -ଶ୍ରୀଅରବିନ୍ଦ

# ଶୂନରୁ ଆରମ୍ଭ ହେଉ

ବିମୁଦ୍ରୀକରଣକୁ ୮ ନଭେମ୍ବର ୨୦୨୦ରେ ୪ ବର୍ଷ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ କହିଛନ୍ତି ଯେ, ବିମୁଦ୍ରୀକରଣ କଳାଧନ ରୋକିବାରେ ସହାୟକ ହୋଇଛି। ଏହାଦ୍ୱାରା ଟିକସ ଅନୁପାଳନ ବଢ଼ିବା ସହ ଅର୍ଥ ବ୍ୟବସ୍ଥା ଅଧିକ ପାରଦର୍ଶୀ ହୋଇପାରିଛି ବୋଲି ସେ କହିଛନ୍ତି। କିନ୍ତୁ ପାରଦର୍ଶିତାର ସୁଫଳ ଭାରତୀୟମାନେ ପାଇ ନ ଥିବା ନିମ୍ନଗାମୀ ହୋଇଥିବା ଅର୍ଥ ବ୍ୟବସ୍ଥାରୁ ବୁଝି ହେଉଛି। ୮ ନଭେମ୍ବର ୨୦୧୬ରେ ଦେଶ ଉପରେ ଏହି ଅର୍ଥନୈତିକ ଅସ୍ତ୍ରକୁ ନିଜେ ମୋଦି ପ୍ରୟୋଗ କରିଥିବାରୁ ତାହାକୁ ସେ କଦାପି ଭୁଲ କହିବେ ନାହିଁ ବୋଲି ସମସ୍ତେ ବୁଝୁଥିବେ। ଏବେ ମନେପଡୁଛି ସେତେବେଳେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିମୁଦ୍ରୀକରଣ ଯୋଗୁ ଅର୍ଥ ବ୍ୟବସ୍ଥାକୁ ମୁଖ୍ୟତଃ ୩ ପ୍ରକାର ସୁବିଧା ମିଳିପାରିବ। ସେଗୁଡ଼ିକ ହେଲା-କଳାଧନ ରୋକିବା, ନକଲି ନୋଟ୍ ପ୍ରସାରଣ ଉପରେ ରୋକ ଲାଗିବା ଏବଂ ଆତଙ୍କବାଦ ଲାଗି ପାଣ୍ଠି ଯୋଗାଣ ବନ୍ଦ ହୋଇପାରିବ। ପରବର୍ତ୍ତୀ ସମୟରେ ବିମୁଦ୍ରୀକରଣ ଯୋଗୁ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ମୁକାବିଲା କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ତତ୍କାଳୀନ ଅର୍ଥନୈତିକ ବ୍ୟାପାର ସଚିବ ଶକ୍ତିକାନ୍ତ ଦାସ ଟେଲିଭିଜନରେ ବାହାରି ନୂଆ ନୂଆ ନିୟମ ଘୋଷଣା କରିଚାଲିଲେ। ଫଳରେ ଜନସାଧାରଣ ହଇରାଣ ହେବା ସହିତ ବିମୁଦ୍ରୀକରଣର ମୂଳ ଲକ୍ଷ୍ୟ ବାଟବଣା ହୋଇଗଲା। କୁହାଗଲା ଯେ, ନୂଆ ଟଙ୍କା ଆସିଲେ ଏବଂ ପୁରୁଣା ଟଙ୍କା ବ୍ୟାଙ୍କକୁ ଚାଲିଗଲେ ସବୁ ଆର୍ଥିକ ସମସ୍ୟା ଦୂର ହୋଇଯିବ। ଏଥିସହିତ ନଗଦବିହୀନ (କ୍ୟାଶ୍‌ଲେସ୍) ଅର୍ଥନୀତି ଏବଂ ଡିଜିଟାଲ କାରବାର କରାଯାଇପାରିଲେ ଭବିଷ୍ୟତରେ କଳାଧନ ସୃଷ୍ଟି ହେବ ନାହିଁ। ଏଭଳି ଏକ ମାରାତ୍ମକ ନିଷ୍ପତ୍ତି ବିରୋଧରେ କୌଣସି ବ୍ୟକ୍ତି ସ୍ୱର ଉତ୍ତୋଳନ କରିବାକୁ ସାହସ କଲେ ନାହିଁ। ପରିସ୍ଥିତି ଏଭଳି ସୃଷ୍ଟି କରିଦିଆଗଲା ଯେ ସମସ୍ତଙ୍କ ମନରେ ଭୟ ଜନ୍ମିଲା। ମୋଦିଙ୍କ ଏହି ପଦକ୍ଷେପକୁ ବିରୋଧ କଲେ ସେହି ବିରୋଧୀ କେବଳ ଯେ କଳାଧନ ରଖିଛନ୍ତି ତାହା ନୁହେଁ, ତାଙ୍କ କାର୍ଯ୍ୟକଳାପ ଦେଶ ବିରୋଧରେ ଯାଉଛି ବୋଲି ଗଣାଗଲା। ହାତଗଣତି ରାଜନେତା ଯଥା ମମତା ବାନାର୍ଜୀ ଓ ରାହୁଲ ଗାନ୍ଧୀଙ୍କୁ ବାଦ୍ ପକାଇଲେ ଅନ୍ୟ କାହାର ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ହେଲା ନାହିଁ। ୨୦୧୬ରେ ଭାଜପା ଏବଂ ବିଶେଷକରି ମୋଦି ସମର୍ଥକଙ୍କ ତାଉ ଅତ୍ୟଧିକ ମାତ୍ରାରେ ଜଳୁଥିବା ହେତୁ ଅର୍ଥନୀତିଜ୍ଞମାନେ ମଧ୍ୟ ଚୁପ୍ ରହିବାକୁ ପସନ୍ଦ କଲେ। ସେହି ତ୍ରୁଟିପୂର୍ଣ୍ଣ ପଦକ୍ଷେପର କୁଫଳ ତତ୍କ୍ଷଣାତ୍ ଦେଖିବାକୁ ମିଳିଲା ଯେତେବେଳେ ଧନୀ ପରିବର୍ତ୍ତେ ଗରିବ ହେଲା ହନ୍ତସନ୍ତ। କଳାଧନ ରଖିଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ବିଭିନ୍ନ ଉପାୟରେ ଏବଂ ଅଳ୍ପ କିଛି କମିଶନ ଦେଇ ନୂତନ ଟଙ୍କା ହାତେଇ ନେଲେ। ଅନ୍ୟପଟେ ଧାଡ଼ିରେ ଠିଆ ହୋଇ ବ୍ୟାଙ୍କରେ ନୋଟ୍ ବଦଳାଇବାକୁ ଅପେକ୍ଷାରତ ସାଧାରଣ ନାଗରିକଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଲା। ସେଥିପାଇଁ କେତେ ଜଣଙ୍କ ପ୍ରାଣହାନି ହେଲା ସେହି ତଥ୍ୟ କେବେହେଲେ ମିଳିବ ନାହିଁ। ଭାରତ ସରକାର ଏଭଳି ଏକ ବ୍ୟବସ୍ଥା, ଯେଉଁଥିରେ କୌଣସି ଡାଟା ବା ତଥ୍ୟକୁ ସମ୍ମାନ ଦେଇ ରଖାଯାଇ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ଇଚ୍ଛାକୃତ ବ୍ୟବସ୍ଥା। କୌତୂହଳର ବିଷୟ ହେଲା ଯେ ଶେଷରେ ଯେତେବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଫେରିଥିବା ପୁରୁଣା ଟଙ୍କାର ହିସାବ କରାଯାଇ ପରିମାଣ ଘୋଷଣା କରାଗଲା ତାହା ୯୯.୩ ପ୍ରତିଶତ ବୋଲି ଜଣାପଡ଼ିଥିଲା। ଏହି ଗୋଟିଏ ପରିସଂଖ୍ୟାନରୁ ଜଣାପଡ଼ିଲା ଯେ, ସତେ ଯେମିତି ଭାରତରେ କୌଣସି କଳାଧନ ନାହିଁ। ଏହା ବିଶେଷକରି ଅନେକ ବୁଦ୍ଧିଜୀବୀଙ୍କୁ ବାଧିଲା କାରଣ ବିମୁଦ୍ରୀକରଣ ଘୋଷଣା କରିବାର କିଛିଦିନ ପରେ ପ୍ରଧାନମନ୍ତ୍ରୀ ମୋଦି ଜାପାନ ଗସ୍ତରେ ଗଲେ। ଜାପାନ ମାଟିରୁ ସେଠାକାର ଲୋକଙ୍କ ସାମ୍ନାରେ ମୋଦିଙ୍କ ଭାଷଣ କେବଳ ଭାରତୀୟଙ୍କ ପାଖରେ ଥିବା କଳାଧନ ସମ୍ପର୍କରେ ଉଦ୍ଦିଷ୍ଟ ଥିଲା। ସେହି ଭାଷଣକୁ ଯେଉଁମାନେ ଶୁଣିଥିଲେ ସେମାନଙ୍କ ମନରେ ଦୁଃଖ ଜନ୍ମିଥିଲା ଯେ ଖୋଦ୍ ପ୍ରଧାନମନ୍ତ୍ରୀ ଦେଶର ସବୁ ନାଗରିକଙ୍କୁ ଚୋର ଭଳି ଦେଖୁଥିଲେ। ସତେ ଯେମିତି ସମସ୍ତଙ୍କ ପାଖରେ କଳାଧନ ରହିଛି। ସରକାରୀ ଆକଳନ ଅନୁଯାୟୀ ବିମୁଦ୍ରୀକରଣ ପୂର୍ବରୁ ଭାରତବର୍ଷରେ ୧୫.୪୧ ଲକ୍ଷ କୋଟି ନୋଟ୍ ଟଙ୍କା ବଜାରରେ ଉପଲବ୍ଧ ଥିଲା। ସେଥିରୁ ୧୫.୩୦ ଲକ୍ଷ କୋଟି ବ୍ୟାଙ୍କ ବ୍ୟବସ୍ଥାକୁ ଆସିଲା। ମାର୍ଚ୍ଚ ୨୦୧୯ ତଥ୍ୟ ମୁତାବକ ଦେଶ ମଧ୍ୟରେ ୨୧.୪୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ନୋଟ୍ ପ୍ରଚଳନ ରହିଛି, ଯାହା ବିମୁଦ୍ରୀକରଣ ସମୟଠାରୁ ୧୯.୪୧ ପ୍ରତିଶତ ଅଧିକ। ଯଦି ଏହି ସରକାରୀ ତଥ୍ୟ ସତ୍ୟ ହୋଇଥାଏ ତେବେ ମୋଦିଙ୍କର କଳାଧନ ବିରୋଧୀ ଅଭିଯାନ ଗୋଟିଏ ପଟେ ଆନ୍ତରିକତାବିହୀନ ଥିଲା ଏବଂ ଅନ୍ୟପଟେ ଗରିବ ଓ ଧନୀର ବିଭେଦ ସୃଷ୍ଟି କରି ରାଜନୈତିକ ଫାଇଦା ଉଠାଇବାର ଉଦ୍ଦେଶ୍ୟ ଥିଲା।

ବିମୁଦ୍ରୀକରଣ ଯୋଗୁ ଅନେକ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ଓ ଶିଳ୍ପ ବନ୍ଦ ହୋଇଯିବାରୁ ଅର୍ଥନୀତି ଦବିବା ସହିତ ସାଧାରଣ ଲୋକର ଚାକିରି ଚାଲିଗଲା। ଅନେକ ଲକ୍ଷ ଲୋକଙ୍କ ରୋଜଗାର ପନ୍ଥା ବନ୍ଦ ହୋଇଯିବାରୁ କୁହାଗଲା ଯେ ଏହି ଗୁରୁତ୍ୱପୂର୍ଣ୍ଣ ଲଢ଼େଇରେ ଯେଉଁମାନେ ଭାଗନେଇ କ୍ଷତିଗ୍ରସ୍ତ ହେଉଛନ୍ତି, ସେମାନେ ତାହା ଦେଶର ମଙ୍ଗଳ ପାଇଁ ସହିବା ଦରକାର। ଏହା ସ୍ୱୀକାରଯୋଗ୍ୟ ଯେ, ଅନେକ କୋଟି ଅଶିକ୍ଷିତ ଭାରତୀୟ ସେହି ମିଥ୍ୟା ଉପରେ ଆଧାରିତ ସ୍ଲୋଗାନରେ ଭାସି ଯାଇ ଦେଶପ୍ରେମୀ ଦେଖାଇଲେ। କିନ୍ତୁ ବିମୁଦ୍ରୀକରଣର କୁଫଳ ବାସ୍ତବରେ ଦେଶବାସୀଙ୍କ ପାଖରେ ଏବେ ଆସି ପହଞ୍ଚିଛି। ଅନ୍ୟ ଦେଶଗୁଡ଼ିକ କୋଭିଡ୍-୧୯ ଯୋଗୁ ଅର୍ଥନୀତି ଉପରେ ପଡ଼ିଥିବା ଚାପକୁ ସମ୍ମୁଖୀନ ହୋଇ ଉତ୍ତୀର୍ଣ୍ଣ ହୋଇସାରିଲେଣି। ଭାରତରେ କେବଳ ଅସତ୍ୟ ଉପରେ ନିର୍ଭର କରି ତଥ୍ୟ ଘୋଷଣା କରାଯାଉଥିବାରୁ ବାସ୍ତବରେ ଜାତୀୟ ଅର୍ଥନୀତି ମୁଣ୍ଡ ଟେକିବାରେ ସମର୍ଥ ହେଉନାହିଁ। ବିମୁଦ୍ରୀକରଣ ପରେ ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରି ଅର୍ଥ ବ୍ୟବସ୍ଥାକୁ ଅଧିକ ପଙ୍ଗୁ କରିଦେଇଥିବା ବିଷୟରେ ଅନେକ ଆଲୋଚନା ହୋଇଯାଇଛି। ୨୦୨୦ ମାର୍ଚ୍ଚରୁ ଭାରତରେ କୋଭିଡ୍-୧୯ ମହାମାରୀ ସୁଙ୍କୁସୁଙ୍କୁ ହୋଇ ନିଃଶ୍ୱାସ ନେଉଥିବା ଅର୍ଥ ବ୍ୟବସ୍ଥାକୁ ମୃତବତ୍ କରିଦେଇଛି। ଏଭଳି ସମୟରେ ଫମ୍ପା ବାହୁସ୍ଫୋଟ ମାରି ସରକାରୀ ପରିସଂଖ୍ୟାନକୁ ଏପଟସେପଟ କରିବା ପରିବର୍ତ୍ତେ ବାସ୍ତବ ପଦକ୍ଷେପ ନିଆଯିବା ଦରକାର। ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି ଭାବି ବିଶେଷଜ୍ଞଙ୍କ ମତ ଲୋଡ଼ା ଯାଇ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ସରକାର ଶୂନରୁ ଆରମ୍ଭ କରିବା ଚିନ୍ତାଧାରା ରଖିଲେ ହୁଏତ ପରିବର୍ତ୍ତନ ଆସିପାରନ୍ତା।

# ସତରେ କ'ଣ ଆମେ ଭୋକରେ ରହୁଛେ



ଇଂ. ବିଦ୍ୟାଧର ପଣ୍ଡା

ଦଶହରା ପର୍ବରେ ଗାଁକୁ ଯାଇ ମନ୍ଦିର ଛକ ଜଳଖିଆ ଦୋକାନର ଘୋଡାପଟା ଉପରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମୁଁ ବିନମ୍ରତାର ସହ ପ୍ରଶ୍ନ କଲି, 'ସତରେ କ'ଣ ଆମେ ଭୋକରେ ରହୁଛେ ?' ସେ କହିଲେ, ଅସମ୍ଭବ। ଆଜିକାଲି ଖାଦ୍ୟାଭାବରୁ ଭୋକରେ ରହୁଥିବା କଥା କେହି ସହଜରେ ବିଶ୍ୱାସ କରିବେନି। କାରଣ କଳ କାରଖାନା ବଢ଼ିଛି। ଟଙ୍କିକିଆ ଚାଉଳ ମିଳୁଛି। ମଝିରେ ମଝିରେ ଅଟା, ଡାଲି ଓ ତେଲ ପାଇଁ ବି ସରକାର ସାହାଯ୍ୟ କରୁଛନ୍ତି। କେମିତି କିଏ କାହିଁକି ବା ଭୋକରେ ରହିବ ? କିନ୍ତୁ ମୁଁ ଇଣ୍ଟରନେଟରୁ ଏମିତି ଜାଣିବାକୁ ପାଇଲି ବୋଲି କହି ଅଧିକ ତଥ୍ୟ ପ୍ରଦାନ କଲି। ୨୦୧୭ ଅକ୍ଟୋବରରେ ଅନ୍ତର୍ଜାତୀୟ ଖାଦ୍ୟ ନିୟମ ଅନୁସନ୍ଧାନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ତର୍ଜାତୀୟ ଭୋକିଲା ଦେଶଗୁଡ଼ିକର ସୂଚକାଙ୍କକୁ ଆମେ ସନ୍ଦେହ କରିବା ଅନୁଚିତ। ଏହି ରିପୋର୍ଟ ଅନୁସାରେ ଭାରତ କ୍ରମିକ ସଂଖ୍ୟା ୧୦୦ରେ ଥିବାବେଳେ ପଡୋଶୀ ବାଂଲାଦେଶ ଓ ଇରାକ ୭୮ରେ ଅଛନ୍ତି। ସମୁଦାୟ ୧୧୯ଟି ଦେଶର ସର୍ଭେ ଭିତରେ ଆମ ଦେଶ ୧୦୦ତମ ସ୍ଥାନରେ ରହିବା ଲଜ୍ଜାକର ନୁହେଁ! ଚଳିତ ବର୍ଷ କରାଯାଇଥିବା ଅନ୍ୟ ଏକ ସର୍ବେକ୍ଷଣ ରିପୋର୍ଟରେ ଭାରତ ତିନି ପାଦ ଉପରକୁ ଉଠିଛି। ଶିକ୍ଷକ ଜଣକ ମୋ କଥାକୁ ହଜମ ନ କରିପାରି ଗୁଣୁ ଗୁଣଉଥିଲେ, କାହିଁ ମୋ ନଜରରେ ଏମିତି ଖାଦ୍ୟାଭାବରୁ କିଏ ଭୋକଉପାସରେ ଶୋଉଥିବା କଥା କେବେ ଆସିନି। କାହାଠାରୁ ମୁଁ ଏକଥା ଏଯାଏ କେବେ ଶୁଣିନି। ଏ ବିଷୟରେ ଅଧିକ କିଛି ଜାଣିବା ପାଇଁ ମୋତେ ପଚାରିଲେ, ଆଉ କ'ଣ ସବୁ ଲେଖାଯାଇଥିଲା ସେ ରିପୋର୍ଟରେ। ସେତେବେଳକୁ ଏ ଆଲୋଚନା ଜମି ସାରିଥିଲା। ଅନ୍ୟ କେତେଜଣ ଆମ କଥାକୁ କାନ ଡେରୁଥିଲେ। ଏପରି ଏକ ଗାଉଁଲି ସୁନ୍ଦର ପରିବେଶରେ ମୁଁ ପଢିଥିବା ସମ୍ପୂର୍ଣ୍ଣ ରିପୋର୍ଟକୁ ନିଃସଙ୍କୋଚରେ ପ୍ରକାଶ କରିବାରେ ବହୁତ ଆନନ୍ଦ ଆସିଲା।

ଏହା ପୂର୍ବଥର ସର୍ଭେ ସମୟରେ ଭାରତର କ୍ରମସଂଖ୍ୟା ୫୫ଥିଲା। କିନ୍ତୁ ୨୦୧୪ ପରେ ଏହା ୪୫କ୍ରମ ତଳକୁ ଖସିଛି ବୋଲି ରିପୋର୍ଟରେ ଲେଖା ଅଛି। କିଛି ନେତା କହୁଛନ୍ତି ଯେ, ଅନ୍ୟଦେଶ ପାଇଁ ଏବକାର ଡାଟା ବ୍ୟବହାର କରାଯାଇଥିବା ବେଳେ ଆମ ଦେଶର ପୁରୁଣା ୨୦୧୨-୧୩ ମସିହାର ଡାଟା ବ୍ୟବହାର କରି ଏପରି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ଛାଡନ୍ତୁ ସେ ତର୍କ ବିତର୍କ କଥା। ସେ ରିପୋର୍ଟରେ ଆମ ଭାରତର ସ୍କୋରିଂ ୨୧.୯ ଥିବାବେଳେ ଆମ ରାଜ୍ୟର ୩୧.୪ ଅଛି। ଆମ ତଳକୁ ବିହାର ଅଛି। ନୀତିନିୟମ ତିଆରି କରିବା ଅଧିକାଂଶ ଲୋକ ସହରରେ ରହୁଥିବାରୁ ଆମ ଲୋକେ କିଛି ଭୋକରେ ରହୁଥିବା କଥା ତାଙ୍କର ଆଦୌ ବିଶ୍ୱାସ ହେଉନି। ଆଗରୁ ଯାହା ଥିଲା ଥିଲା, କିନ୍ତୁ କରୋନା ପରେ ଗାଁ ଗହଳିର ଅବସ୍ଥା ଏବେ ଶୋଚନୀୟ। ଅନେକଙ୍କୁ ତିନିଓଳି ପେଟପୂରା ଖାଇବାକୁ ମିଳୁନି। ଦିନ ମଜୁରିଆମାନେ ପ୍ରାୟ ତିନିମାସେ ଘରେ ବସିଯାଇଥିଲେ, ସେମାନଙ୍କୁ ଯାହା ସରକାରୀ ସାହାଯ୍ୟ ମିଳିଲା ତାହା ପରିବାର ପାଇଁ ପର୍ଯ୍ୟାପ୍ତ ନୁହେଁ। ଆମ ଗାଁର ଠିକିନିଖି ଖବର ଜଣାଥିବାରୁ ମୁଁ ପାଠକମାନଙ୍କ ଅବଗତି ନିମନ୍ତେ ପ୍ରକାଶ କରିପାରେ ଯେ ଏବେ ବି ଆମ ଗହଣରେ କିଛି ଲୋକ ଭୋକରେ ଶୋଇବା ଦୃଷ୍ଟାନ୍ତ ନିଶ୍ଚିତ ଭାବରେ ରହିଛି। କଳକାରଖାନାରେ ଦିନମଜୁରିଆ ଭାବେ କାମ କରି ଚଳୁଥିଲେ। ହଠାତ୍ କଳକାରଖାନା ବନ୍ଦ ହୋଇଯିବା ପରେ ସେମାନେ ହାତବାନ୍ଧି ଘରେ ବସିଗଲେ। ତେଣୁ ପରିବାରର ଆର୍ଥିକ ଅବସ୍ଥା ବିଗିଡିଗଲା। ଏବେ ନା ଚାଷ କରିପାରୁଛନ୍ତି ନା କଳକାରଖାନାରେ କାମ ମିଳୁଛି। କେତେକ କାରଖାନା କାମ ଆରମ୍ଭ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ପୁରୁଣା ଅବସ୍ଥାକୁ ଏପର୍ଯ୍ୟନ୍ତ ଫେରିପାରିନି।

ବୋଝ ଉପରେ ନଳିତା ବିଡା ପରି ଆକାଶଛୁଆଁ ଦରଦାମ୍ ଏବେ ଲୋକମାନଙ୍କୁ ବେଶି ହଇରାଣ କରୁଛି। ପରିବାପତ୍ରର ଦାମ୍ ଦୁଇ ତିନିଗୁଣ ବଢ଼ିଯାଇଛି। ଗରିବଙ୍କ ପ୍ରମୁଖ ପରିବା ଆଳୁ କିଲୋ ଚାଳିଶଟଙ୍କା, ପିଆଜ ସତୁରି ଟଙ୍କା, କଞ୍ଚାଲଙ୍କା ପଚାଶ ଗ୍ରାମକୁ ଦଶଟଙ୍କା। ନିକଟ ଭବିଷ୍ୟତରେ ଏହା ତଳକୁ ଆସିବା ପରି ଦିଶୁନି। ସାଧାରଣ ଜିନିଷ ସହ ପିଆଜ ରସୁଣ ଆଳୁ ପରି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ୍ ନିୟନ୍ତ୍ରଣ କଲେ ଗରିବ ଲୋକମାନଙ୍କର ଦୁଃଖ ଅନେକାଂଶରେ ଲାଘବ ହୁଅନ୍ତା। ବିଶ୍ୱବ୍ୟାଙ୍କର ତଥ୍ୟାନୁସାରେ ଏବେ ଆମ ଦେଶରେ ୧୨ ପ୍ରତିଶତ ଏପରି ଅଛନ୍ତି, ଯାହାଙ୍କର ଖାଦ୍ୟାଭ୍ୟାସ ଭିନ୍ନ। ପୁଷ୍ଟିକର କି ନୁହେଁ ତାହା ପରକଥା, ସେଥିରେ କିଛି ଅଖାଦ୍ୟ ଚାକୁଣ୍ଡାଶାଗ, ଟାକୁଆ ଯାଉ ପରି ଜିନିଷ ମଧ୍ୟ ଅଛି। ୨୦୧୫ରେ ଅନ୍ତର୍ଜାତୀୟ ସଂସ୍ଥା 'ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭ୍‌ଲପ୍‌ମେଣ୍ଟ ସର୍ଭିସେସ୍' ସର୍ଭେ କରି ତଥ୍ୟ ରଖିଛନ୍ତି, ଯାହା କି ଚିନ୍ତାଜନକ। ବିଶେଷକରି ଏହା ଅନୁନ୍ନତ ପଛୁଆ ପାହାଡି ଅଞ୍ଚଳ ଏବଂ ଅନୁସୂଚିତ ଜନଜାତିଙ୍କୁ ଅତ୍ୟଧିକ ପ୍ରଭାବିତ କରୁଛି। ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆଦି ଏବେ ଭଲ କାମ କରୁଛନ୍ତି, ତଥାପି ତାଙ୍କ ଅଗୋଚରରେ ନଗଡା ପରି ଅନେକ ଜାଗା ଏବେ ବି ରହିଯାଉଛି। ଯଦି ଖାଦ୍ୟଶସ୍ୟଗୁଡିକର ଦରଦାମ୍ ଏମିତି ଆଗକୁ ସବୁଦିନ ପାଇଁ ରହେ, ତେବେ ଆମ ଦେଶରେ ଆହୁରି ଅନେକ ଲୋକ ଭୋକିଲା ତିଠାରେ ଆପେ ଆପେ ଯୋଡି ହୋଇଯିବେ। ତେଣୁ ସରକାରଙ୍କ ପକ୍ଷରୁ ତୁରନ୍ତ କିଛି ପଦକ୍ଷେପ ଏବେ ନିଆଯିବା ଅନିବାର୍ଯ୍ୟ।

୨୦୧୭ରେ ନୀତି ଆୟୋଗ ଜାତୀୟ ପୁଷ୍ଟିକରଣ ରଣନୀତି ମାଧ୍ୟମରେ ଲୋକମାନଙ୍କର ପୌଷ୍ଟିକ ଖାଦ୍ୟର ବିବରଣୀ ସଂଗ୍ରହ କରିବାକୁ ଆରମ୍ଭ କରି ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ଲୋକଲୋଚନକୁ ଆଣିଲେ। ଏହା ଅନେକ ଜାଗାରେ ଫଳପ୍ରଦ ହେବାରୁ ଶିଶୁମୃତ୍ୟୁ ହାରରେ ମଧ୍ୟ ଫରକ ପଡିଲା। ଗର୍ଭବତୀ ମହିଳାମାନେ ଅନେକାଂଶରେ ଉପକୃତ ହେବାର ଦେଖାଗଲା। ଆଶାଦିଦିମାନେ କେବଳ ମହିଳା ଏବଂ ଛୁଆଙ୍କ ପାଇଁ କାର୍ଯ୍ୟକରି ସେମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଲେ। ଏବେ ଜାତୀୟ ସ୍ତରରେ ୨୦୨୨ ଭିତରେ କୁପୋଷଣମୁକ୍ତ ଭାରତ ନିର୍ମାଣ କରିବା ଦିଗରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଶା କରାଯାଉଛି ଆମେ ଦେଶର ସମସ୍ତ ଜଣସାଧାରଣଙ୍କ ପାଇଁ ଖାଦ୍ୟ ସୁରକ୍ଷା ଦେବାକୁ ସମର୍ଥ ହେବା। ୨୦୨୨ ସରିବାକୁ ମାତ୍ର ଦୁଇବର୍ଷ ବାକି ଅଛି। ଯଦିଓ ଅସମ୍ଭବ ବୋଲିକିଛିନାହିଁ, ତଥାପିଏ କରୋନା କାଳର ଅବ୍ୟବସ୍ଥା ଏବଂ ଗତିବିଧି ଦେଖିଲା ପରେ ମନରେ ସନ୍ଦେହ ହେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ୨୦୧୭ ନଭେମ୍ବର ୩୦ରେ ଏକ ଜାତୀୟ ପୁଷ୍ଟିକରଣ ଲକ୍ଷ୍ୟ ନାଁରେ ନଅ ହଜାର ଛୟାଳିଶ କୋଟି ସତର ଲକ୍ଷ ଟଙ୍କାର ବଜେଟ ସଂରକ୍ଷିତ ରଖାଯାଇ କାମ ଚାଲିଛି। ଗତବର୍ଷ ସୁଦ୍ଧା ତିନିଶହ ପନ୍ଦର ଜିଲାରେ ସୁଫଳ ଆସିଛି ବୋଲି ସରକାରଙ୍କ ତରଫରୁ ଦାବି କରାଯାଉଛି, ଯାହା ପ୍ରାୟ ଅର୍ଦ୍ଧାଧିକ। ବାକି ଅଧାକୁ ଟିକେ ମନ ଲଗେଇ ବାବୁମାନେ ପରିଶ୍ରମ କଲେ ସମ୍ଭବ ହୋଇପାରେ।

୨୦୧୩ ସେପ୍ଟେମ୍ବରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପାରିତ ହୋଇଥିଲା। ଭାରତ ସରକାରଙ୍କ ପକ୍ଷରୁ ଏହା ଥିଲା ପ୍ରଥମ ବଡ଼ ପଦକ୍ଷେପ। ଏହି ଆଇନର ମହତ ଉଦ୍ଦେଶ୍ୟ ଥାଇ ମଧ୍ୟ ସବୁ ରାଜନୈତିକ ଦଳର ଶତ ପ୍ରତିଶତ ସହଯୋଗ ମିଳିଲାନି। କିଛି ପରିବାର ଯୋଗ୍ୟ ଥାଇ ମଧ୍ୟ ସେମାନଙ୍କୁ ଏହି ଆଇନର ପରିସର ଭିତରେ ରଖି ଯଥୋଚିତ ସାହାଯ୍ୟ କରିବାରେ ପ୍ରଶାସନ ସମର୍ଥ ହେଲାନି। ତେଣୁ ସେମାନେ ପ୍ରକୃତ ସୁବିଧା ସୁଯୋଗରୁ ବଞ୍ଚିତ ହେବା ଫଳରେ ଦେଶର ଭୋକିଲା ଏବଂ ପୁଷ୍ଟିହୀନତା ସୂଚକାଙ୍କଗୁଡ଼ିକ ପ୍ରଭାବିତ ହେବା ସ୍ୱାଭାବିକ। ଆଜିର ବିଶ୍ୱ ମାନଚିତ୍ରରେ ଭାରତକୁ ଏକ ଉନ୍ନତ ଦେଶ ବୋଲି ପ୍ରତିଷ୍ଠା କରିବା ପୂର୍ବରୁ ପ୍ରଥମେ ପ୍ରତ୍ୟେକ ନାଗରିକଙ୍କୁ ଏହି ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରି ସୁଷମ ଖାଦ୍ୟର ବିଶେଷ ଅଧିକାର ଦେବା ଅନିବାର୍ଯ୍ୟ। ଆମ ଦେଶରେ ନୀତି ନିୟମ ଯଥେଷ୍ଟ ଅଛି, କିନ୍ତୁ ଏହାକୁ ଲାଗୁକରିବାରେ ସେମିତି ଆନ୍ତରିକତା ଦେଖାଯାଉନି। ଫଳରେ ଭଲ ନିୟମଗୁଡିକର ସୁଫଳ ଆମକୁ ମିଳୁନି। ଓଡିଶାର ଗରିବୀ ସୂଚୀରେ ଏବେ ୩୨.୫୯ଅଙ୍କ, ଯାହା କି ଭାରତ ସନ୍ଦର୍ଭରେ ୨୧.୯୨। ବିହାରରେ ଏହି ସଂଖ୍ୟା ଆମଠାରୁ ଆହୁରି ଖରାପ, ତାହା ୩୩.୭୪। ନେତାମାନେ ଗାଁକୁ ଗଲେ ଏସବୁ ବିଷୟରେ ନିଛକ ସତର ଆଭାସ ମିଳିବ, ଯାହା କି ସେମାନଙ୍କୁ ନୀତି ନିର୍ଦ୍ଧାରଣ କରିବା ଦିଗରେ ସହାୟକ ହେବ। ଏମିତିରେ ସାଧାରଣ ଲୋକଙ୍କର ପ୍ରକୃତ ଅବସ୍ଥା ଜଣାଗଲେ, ସେମାନେ ଉଚିତ ରଣନୀତି ବାହାର କରି ଦେଶକୁ କୁପୋଷଣ ଏବଂ ଭୋକରୁ ମୁକ୍ତ କରିପାରିବେ।

ଏଲ୍-୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା, ଖଣ୍ଡଗିରି, ମୋ- ୯୪୩୯୧୨୮୦୫୦

# ଅନ୍ତରଙ୍ଗ



ସୌମ୍ୟା ପରିଡ଼ା

ବୋଉ ବାପା ଉଭୟ ଅବସରପ୍ରାପ୍ତ ସରକାରୀ ଚାକିରିଆ। ତିନି-ଚାରି ବର୍ଷ ହେବ କ୍ୟାନ୍‌ସର୍‌ରେ ବାପା ଚାଲିଗଲା ପରେ ହଠାତ୍ ଦିନେ ମୁଁ ବୋଉକୁ ପଚାରିବସିଲି। ବୋଉ, ତୋର ଆଉ ବାପାଙ୍କର କ'ଣ କେବେ ବି ଝଗଡ଼ା ହୁଏନି। ଏତେ ବର୍ଷ ଭିତରେ ମୁଁ କାଇଁ କେବେ ତମ ଦିହିଁଙ୍କ ଝଗଡ଼ା କରୁଥିବାର ତ ଦେଖିନି। ବୋଉ କହିଲା ହଁ, ଆମ ଭିତରେ ରାଗରୁଷା, ମନୋମାଳିନ୍ୟ ହୁଏ ହେଲେ ଖୁବ୍ କ୍ୱଚିତ୍। ଆମେ ଦୁହେଁ ନିଷ୍ପତ୍ତି ନେଇଥିଲୁ ପିଲାଙ୍କୁ ଏସବୁରୁ ଦୂରେଇ ରଖିବୁ। ଆମ ରାଗରୁଷା ଯେମିତି ଛୁଆଙ୍କ ପାଖରେ ପହଞ୍ଚିବନି। କଥାଟା ଶୁଣିଲି ସିନା ହେଲେ ସତରେ ଜମାରୁ ବିଶ୍ୱାସ କରିପାରୁ ନ ଥିଲି। ନିଜ ଉପରେ ଏତେ ନିୟନ୍ତ୍ରଣ କେମିତି? ହେଲେ ଏବେ ଆମ କଥା ଭିନ୍ନ। କଥାକଥାକେ ନିଜ ଉପରୁ ନିୟନ୍ତ୍ରଣ ହରାଇବା ଯେମିତି ଗୋଟେ ସାଧାରଣ କଥା। ଆଉ ଛୁଆଙ୍କ ଉପରେ ଆମ କଳିତକରାଳ ଯେ କି ପ୍ରଭାବ ପକାଇବ ସେଇଟା ବି ଚିନ୍ତା କରିବାକୁ ଆମ ପାଖେ ସମୟ ନାହିଁ। ଯେଉଁଠି ସମୟ ଅଛି ସେଠି ପୁଣି ବୁଝିବା ଶକ୍ତିର ଅଭାବ। ନିଜ ସହ ଛୁଆଙ୍କ ଭବିଷ୍ୟତ ସୁରକ୍ଷା କରିବାକୁ ପ୍ରତିଦିନ ମେଶିନ୍ ପରି ଦଉଡ଼। ଆଉ ଏସବୁ ଭିତରେ ଆମ ଅଜାଣତରେ ଆମ ଛୁଆ ପରିବାରରେ ରହି ବି ଆମଠୁ ଦୂରରେ।

ହରି ମଉସା କହନ୍ତି, ''କିଛି ବର୍ଷ ତଳେ ମାଉସୀ ଚାଲିଗଲେ। ଏବେ ମୁଁ ଏକୁଟିଆ ଆଉ ସବୁ ପୁଅଝିଅ ବିଦେଶରେ। ପିଲାଛୁଆ ପାଳିବା, ବାପାମାଆଙ୍କ ଯତ୍ନ ନେବା ଭିତରେ ଚାକିରି ଜୀବନ ସରିଗଲା। ଅବସର ନେଲା ପରେ ସମୟ ମିଳିଥିଲା ଆମ ଦିହିଁଙ୍କ ପାଇଁ। ହେଲେ ସେ ମଉକା ବି ଠାକୁର ମୋଠୁ ଛଡ଼େଇନେଲେ। ଏବେ ମୁଁ ଏକୁଟିଆ ଝୁରି ହେଉଛି। ଆଉ ପିଲାମାନେ ମତେ ପଚାରୁଛନ୍ତି, ବାପା ତମେ କ'ଣ ବୋଉକୁ ସତରେ ଏତେ ଭଲପାଉଥିଲ !'' ଅନୁ କହନ୍ତି, ''ମତେ ଏବେ ପାଖାପାଖି ଚାଳିଶ ବର୍ଷ। ଏ କରୋନାରେ ସବୁଦିନ କିଏ ନା କିଏ ମରୁଥିବା ଶୁଣୁଛି। କିଏ କେତେ ଦିନ ବଞ୍ଚିବ ଜଣାନାହିଁ। ଆଉ ଯେତିକି ବର୍ଷ ବଞ୍ଚିବି ମୁଁ ଭଲରେ ବଞ୍ଚିବାକୁ ଚାହେଁ। ଆଗରୁ ସ୍ୱାମୀଙ୍କ ସହ ଥରେ ଝଗଡ଼ା ହେଲେ ଲାଗୁଥିଲା ମୋ ଜୀବନରୁ ଗୋଟେ ଦିନ ଚାଲିଗଲା। ହେଲେ ଏବେ ପରିସ୍ଥିତି ମତେ ବାଧ୍ୟ କରୁଛି ଚୁପ୍ ରହିବାକୁ। ତେଣୁ ଜୀବନରୁ ସମୟ ସରିଚାଲିଛି। ଆଉ ମୁଁ ଯେତେ ଚେଷ୍ଟା କଲେ ବି ମୋ ସମ୍ପର୍କକୁ ସଜାଡ଼ି ପାରୁନି।'' ମନୋବିଜ୍ଞାନୀ ଡ. ଗୀତା ଦାସ (କାନାଡ଼ା)ଙ୍କ ମତରେ, ''ସମାଜରେ କଷ୍ଟ ସହିବାଟା ଭଲ ଗୁଣ ବୋଲି ବିବେଚିତ ହେଉଥିବାରୁ ଲୋକେ କଷ୍ଟ ଅନୁଭବ କଲେ ସୁଦ୍ଧା ତା'ର ପ୍ରତିକାର ଲୋଡ଼ନ୍ତିନାହିଁ। ଧୀର ପାଣି ପଥର କାଟିଲା ପରି ଚାପ ଅଦୃଶ୍ୟ ଭାବରେ ଦେହ ଓ ମନକୁ କ୍ଷୟ କରି ଚାଲିଥାଏ। ତା'ର ଫଳ ବିଳମ୍ବିତ ହୋଇଥିବାରୁ ଯେତେବେଳେ ଲୋକେ ବିଭିନ୍ନ ରୋଗର ପ୍ରକୋପ ଭୋଗନ୍ତି ସେତେବେଳେ ଯାଇ ଡାକ୍ତରଙ୍କର ପରାମର୍ଶ ଲୋଡ଼ନ୍ତି।''

ଜୀବନ ଜିଇବା ବି ଗୋଟେ କଳା। ମଣିଷ ଜୀବନର ବିଭିନ୍ନ ପାହାଚରେ ଭିନ୍ନ ଅନୁଭୂତି ହୁଏ। କିନ୍ତୁ ପ୍ରକୃତ ସମୟ ଆସିଲେ ହିଁ ତାହା ବୁଝାପଡ଼େ। କୁନି ପିଲାଟିଏକୁ ଆମେ ଖେଳନା କିଣିବାକୁ ମନାକଲେ ସେ ହୁଏତ କାନ୍ଦିବ। ହେଲେ ସେଇ ସମାନ ପିଲା ଟିକିଏ ବଡ଼ ହେଲେ ଆପେ ଆପେ ଅଝଟ କରିବା ଛାଡ଼ିଦେବ। ସମୟ ସ୍ରୋତରେ ଭାସି, ଛୁଆପିଲାଙ୍କ ଜଞ୍ଜାଳ ଓ କର୍ତ୍ତବ୍ୟ ଡୋରିରେ ବନ୍ଧା ହୋଇ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ପଛରେ ରହିଯାଏ। ଅନେକ ଉଭୟ ଉଭୟଙ୍କଠୁ ମାନସିକ ସ୍ତରରେ ଦୂରେଇ ଯାଆନ୍ତି। ଯୁବାବସ୍ଥାରେ ଅନାୟାସରେ ଅନେକ କଥା ଦୁହେଁ ଦୁହିଁଙ୍କୁ କହିଦିଅନ୍ତି। ହେଲେ ସମୟ ଗଡ଼ିବା ସହ ଜଞ୍ଜାଳରେ ପଡ଼ି ସେମାନେ ଧୀରେ ଧୀରେ ଚୁପ୍ ରହିବା ବି ଶିଖିଯାଆନ୍ତି। କିଛି କହିବା ପୂର୍ବରୁ କ'ଣ ଠିକ୍ କ'ଣ ଭୁଲ୍ ନିକିତିରେ ତଉଲନ୍ତି। ଆଉ ତାରି ଭିତରେ ଉଭୟ ଉଭୟଙ୍କଠୁ ଦୂରେଇ ଯାଆନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ନିଜ ଚିହ୍ନା ଲୋକଠୁ ବରଂ ଅଚିହ୍ନା ଅଜଣା ଲୋକ ନିଜର ଲାଗନ୍ତି। କେବେକେବେ ଚିହ୍ନା ଲୋକ ପାଖେ ନିଜ ଅନ୍ତରରେ କଥା କହିହୁଏ ନାହିଁ। ସେ କ'ଣ ଭାବିବ। କାହାକୁ କହିବନି ତ ? ମୁଁ ତା' ଆଗରେ ଛୋଟ ହୋଇଯିବିନି ତ ? ଏମିତି ଅନେକ ପ୍ରଶ୍ନ ଆମ ଭିତରେ ବସା ବାନ୍ଧେ। ହେଲେ ଅଜଣା ଲୋକଟିଏ ପାଖେ କେବେକେବେ ଆମେ ଘଣ୍ଟାଘଣ୍ଟା ଗପିଯାଉ।

ଘରଟିଏ ସୁନ୍ଦର ଦେଖାଯିବା ପାଇଁ ଆମେ କେତେ ଯତ୍ନ କରୁ। କୋଉ ଜାଗାରେ କ'ଣ ରହିବ ତନ୍ନତନ୍ନ କରି ଦେଖୁ। ସମ୍ପର୍କ ବି ଠିକ୍ ସେମିତି। ସମୟ ସହ ସମ୍ପର୍କ ବି ମରାମତି ଖୋଜେ, ଲିପାପୋଛା ଖୋଜେ। ଉଭୟଙ୍କର ଉଭୟଙ୍କ ପାଇଁ ଯେ ସ୍ନେହ, ଶ୍ରଦ୍ଧା, ସମ୍ମାନ ରହିଛି ତାହା ଅନୁଭବ କରିବା ନିହାତି ଆବଶ୍ୟକ। ନ ହେଲେ ଦୁଇଟି ଲୋକ ମଧ୍ୟରେ ଅଜାଣତରେ ଧୀରେ ଧୀରେ ଦୂରତା ବଢ଼େ। କର୍ମମୟ ଜୀବନରେ ଅଧିକାଂଶ ମେଶିନ୍ ପରି ଖଟି ଚାଲିଥାଆନ୍ତି। ହେଲେ ଏ କରୋନା ଯେମିତି ସଭିଙ୍କୁ ବହୁତ କିଛି ଶିଖିବାର ସୁଯୋଗ ଦେଇଛି। ଜୀବନରେ ବଡ଼ଗାଡ଼ି, ବଡ଼ବଙ୍ଗଳା, ବିଦେଶ ବୁଲିଯିବା ଏସବୁର ଯେମିତି ବିଶେଷ ଗୁରୁତ୍ୱ ନାହିଁ। କେବଳ ଗୋଟିଏ କଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ସେଇଟି ହେଉଛି 'ଖୁସି'। 'ସମ୍ପର୍କ' ବି ସମୟ ଅନୁସାରେ ତାଳ ଦେଇ ଚାଲିବା ଜରୁରୀ। ପୁଅଟି ଝଡ଼ଝଞ୍ଜା ସହି ଟଙ୍କା ରୋଜଗାର କରି ପରିବାରର ପ୍ରତିଟି ସଦସ୍ୟଙ୍କ ସୁଖସୁବିଧାର ଯତ୍ନ ନିଏ। ଏସବୁ କ୍ରମରେ ସିଏ ବି ତା'ର ଅଧିକାଂଶ ଇଚ୍ଛା, ସୁଖ, ସୁବିଧାକୁ ଜଳାଞ୍ଜଳି ଦିଏ। ଗୃହିଣୀମାନେ ଘରେ ରହି ଘରଗୋଟାକ ଯାକର କାମ କରନ୍ତି। ଘରର ବୟସ୍କ, ବନ୍ଧୁବାନ୍ଧବ, ସ୍ୱାମୀ, ଛୁଆପିଲା ସମସ୍ତଙ୍କ କଥା ବୁଝନ୍ତି। ତାଙ୍କ ପାଇଁ ଛୁଟି ନ ଥାଏ। ବର୍ଷତମାମ୍ ଘରେ ରହି ସେମାନେ ସବୁ ଜଞ୍ଜାଳ ମୁଣ୍ଡେଇ ଥାଆନ୍ତି। ଆଉ କର୍ମଜୀବୀ ମହିଳାଙ୍କ କଥା ନ କହିବା ଭଲ। ସେମାନଙ୍କୁ ଆହୁରି ସଂଘର୍ଷ କରିବାକୁ ପଡ଼େ, ଉଭୟ ଘରେ ଓ ବାହାରେ। ତେଣୁ ସମୟ ସ୍ରୋତରେ ଭାସିଭାସି ଯାଉଥିବା ପ୍ରତିଟି ମଣିଷକୁ ଆଗକୁ ବଢ଼ିବାକୁ ହେଲେ ଅନ୍ୟ ମଣିଷଠୁ ଭଲପାଇବା ଓ ସହାନୁଭୂତି ନିହାତି ଆବଶ୍ୟକ।

ନୂଆ କଥା, ନୂଆ ଜିନିଷ ପାଇଁ ସବୁବେଳେ ଆଗ୍ରହ ଥାଏ, ଆବିଳତା ଥାଏ। ସେମିତି ନୂଆ ସମ୍ପର୍କଟିଏ ପାଇଁ ବି ମଣିଷ ବେଶ୍ ଉତ୍ସୁକ ଥାଏ। ହେଲେ କେବେକେବେ ସମ୍ପର୍କ ଆଗକୁ ବଢ଼େ,କେବେ ବଢ଼େନି। ଆଉ କେବେ ସମ୍ପର୍କ ଅଧା ରାସ୍ତାରେ ଅଣନିଃଶ୍ୱାସୀ ହୁଏ। କେବେ ଘରୋଇ ହିଂସା, କେବେ ଯୌତୁକ ନିର୍ଯାତନା, କେବେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ନିଜନିଜ ପାଇଁ ସମ୍ମାନ, ଭଲପାଇବା ନ ରହିବା ପାଇଁ ବି ସମ୍ପର୍କ ସ୍ଥାୟୀ-ଅସ୍ଥାୟୀ ଭାବେ ବାଟବଣା ହୁଏ। କିଛି ଆପୋଷ ବୁଝାମଣାରେ ବିବାହ ବିଚ୍ଛେଦକୁ ଆପଣାନ୍ତି ତ ଆଉ କିଛି ସମାଧାନର ବାଟ ପାଇଲେ ବି ଲୋକଲଜ୍ଜାକୁ ଚାହିଁ ପଡ଼ିରୁହନ୍ତି। ଏସବୁ ଭିତରେ ସେଇ ଗୋଟିଏ ଖିଅ ଥାଏ, ଉଭୟ ଉଭୟଙ୍କୁ ବୁଝିବା, ସମ୍ମାନ ଦେବା ଆଉ ଉଭୟଙ୍କ ପରିବାରକୁ ଆପଣାଇବା। ଯେଉଁ ସମ୍ପର୍କରେ ଏତିକି କଥା ଠିକ୍ ରୁହେ ସେଠି ସମ୍ପର୍କରେ ତିକ୍ତତା ରହିବା ଖୁବ୍ କମ୍ ଦେଖିବାକୁ ମିଳେ।

ମୁମ୍ବାଇ, ମୋ-୯୩୩୮୫୬୬୫୮୭

## ଏଇ ଭାରତରେ

କେରଳର କୋଲାମ ନିବାସୀ ବିଜୁ ବଲାନ। ବୟସ ୪୪। ପେସାରେ ଜଣେ ସ୍ଥପତି। ସେ କଂକ୍ରିଟ ମୁକ୍ତ ଘର ନିର୍ମାଣ କରିଛନ୍ତି। ସେ କୋଝିକୋଡର ମାଲାପରାମ୍ବାରେ ୧୭୦୦ ବର୍ଗଫୁଟ ଜାଗା କିଣି ସେଠାରେ କାଦୁଅ, ଟେରାକୋଟା ଓ ଲାଟେରାଇଟ ଷ୍ଟୋନରେ ଏହି ଘର କରିଛନ୍ତି। ଘରର ନାମ ରଖିଛନ୍ତି'ଚାମନ'ଅର୍ଥାତ ବଗିଚା। ଭଙ୍ଗା କିମ୍ବା ପୁରୁଣା ଘରଗୁଡ଼ିକରୁ ପୁନଃ ଉପଯୋଗ କ୍ଷମ ଜିନିଷଗୁଡିକୁ ଘରେ ଲଗାଇଛନ୍ତି। ସବୁ ଜିନିଷ ପରିବେଶ ଉପଯୋଗୀ। ପ୍ରାକୃତିକ ଉପାୟରେ ଘରେ ବାୟୁ ଚଳାଚଳ, ଆଲୋକ ପଡିବାର ବ୍ୟବସ୍ଥା ମଧ୍ୟ ରଖିଛନ୍ତି। ଘର ଭିତରେ ଏକ ଛୋଟ ଫଳ ବଗିଚା ବି ରହିଛି। କାନ୍ଥରେ ଭର୍ଟିକାଲ ଗାର୍ଡେନ କରିବା ସହ ବାଉଁଶ ନିର୍ମିତ ପରଦା ବ୍ୟବହାର କରିଛନ୍ତି। ୪୦ଫୁଟର ଏକ କୂଅରେ ବର୍ଷାପାଣି ସଂରକ୍ଷଣ କରି ତାହାକୁ ବ୍ୟବହାର କରୁଛନ୍ତି। ଦିଆସିଲି କାରଖାନାର ଅଦରକାରୀ କାଠରେ ଚେୟାର ଓ ସିଲେଇ ମେଶିନର ବେସ୍‌ରେ ଟେବୁଲ ନିର୍ମାଣ କରିଛନ୍ତି। ସେ ବ୍ୟବହାର କରୁଥିବା ହୁଇଲ ଚେୟାର ତଳେ ବାଇକର ଅଦରକାରୀ ଗିୟର ଉପଯୋଗ ହୋଇଛି। ଏଥିପାଇଁ ସେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଆର୍କିଟେକଚର ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ଘରର ଏବକାର ମୂଲ୍ୟ ୩୦-୩୫ ଲକ୍ଷ ଟଙ୍କା ହେବ ବୋଲି କହନ୍ତି ବିଜୁ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୯୫

- ଆହତ ସୈନିକ ଓ ତାଙ୍କର ପରିବାର ସଦସ୍ୟଙ୍କୁ ସହାୟତା ଯୋଗାଇବା ସକାଶେ ଶ୍ରୀଲଙ୍କା ସରକାର 'ଦେଶ ବଞ୍ଚାଅ ଅନୁଦାନ' ଟିକସ ନାମରେ ଏକ ନୂଆ ଟିକସ ଯୋଜନା ପ୍ରଚଳନ କରିଛନ୍ତି।
- କେନ୍ଦ୍ରୀୟ ଆର୍ଜେଣ୍ଟିନାର ଅଗମ୍ୟ ପାହାଡ଼ିଆ ଅଞ୍ଚଳରେ ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫୦ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ସିକିମ ହାଇକୋର୍ଟର ମୁଖ୍ୟ ବିଚାରପତି ସୁରେନ୍ଦ୍ରନାଥ ଭାର୍ଗବଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଛି।

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଲାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି।
-(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | | 2 | A | | | | | 3 | | | 1 | |
| | | 6 | 3 | | D | 8 | A | 5 | 9 | | | | | E |
| | | 1 | | | | 2 | | C | 5 | | 0 | 7 | | |
| | 9 | | 5 | | | 4 | | | | | | | | |
| | 7 | | B | 4 | 9 | | 0 | 3 | 8 | | | | | |
| 8 | A | | | | | C | | D | | | | | | 7 |
| | | | E | | 2 | | | | | C | | 4 | | |
| | 1 | | | | | 5 | 9 | | | | 4 | | 6 | |
| | | 9 | | | C | | | 2 | 1 | 8 | | | 5 | |
| | | | 8 | D | | 6 | B | | A | | | | | |
| 3 | 5 | 2 | | | | 0 | | | 6 | A | 8 | | | D |
| | | 7 | 9 | B | | | | 8 | | 4 | | | | |
| D | B | | | | | | | A | E | | 2 | 0 | | |
| | | C | | | | 7 | | | 3 | | | | B | 1 |
| | | 8 | | E | | 9 | | | C | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | 5 | 4 | 6 | A | B | E | 2 | C | 1 | 8 | 3 | 0 | D |
| C | 6 | E | 3 | 2 | D | 9 | 0 | 4 | B | A | 5 | 1 | 7 | 8 |
| A | 0 | 4 | 8 | E | 7 | 1 | D | C | 9 | 3 | 6 | 2 | 5 | B |
| B | 2 | 8 | C | 5 | 1 | 7 | 3 | A | D | 0 | 4 | E | 6 | 9 |
| D | 1 | 3 | 0 | 9 | B | 5 | 6 | 8 | E | 2 | 7 | C | 4 | A |
| E | A | 2 | 9 | 4 | 3 | 8 | C | D | 0 | 7 | B | 6 | 1 | 5 |
| 5 | 4 | 1 | A | C | 0 | E | 9 | 6 | 3 | 8 | D | B | 2 | 7 |
| 3 | B | 9 | 6 | 1 | 8 | 4 | 7 | 5 | 2 | E | A | D | C | 0 |
| 8 | C | 7 | D | B | 5 | 3 | 2 | 0 | 6 | 4 | 1 | 9 | A | E |
| 0 | D | 6 | 2 | 7 | E | A | 1 | B | 5 | 9 | C | 4 | 8 | 3 |
| 4 | 7 | A | E | 0 | C | 6 | B | 9 | 1 | 5 | 3 | 8 | D | 2 |
| 2 | 8 | B | 7 | D | 9 | C | A | E | 4 | 6 | 0 | 5 | 3 | 1 |
| 6 | 3 | 0 | 5 | A | 2 | D | 4 | 1 | 8 | B | E | 7 | 9 | C |
| 1 | 5 | C | B | 3 | 6 | 2 | 8 | 7 | A | D | 9 | 0 | E | 4 |
| 9 | E | D | 1 | 8 | 4 | 0 | 5 | 3 | 7 | C | 2 | A | B | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟିକା କେବେ ଆସିବ

ମହାଶୟ,

ସମଗ୍ର ପୃଥିବୀରେ ସାଢେ ତିନି କୋଟିରୁ ଅଧିକ କରୋନା ସଂକ୍ରମିତଙ୍କ ମଧ୍ୟରୁ ଦଶ ଲକ୍ଷ ଚାଳିଶ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଲେଣି । ଭାରତରେ ମଧ୍ୟ ସ୍ଥିତି ଗମ୍ଭୀର । ସଂପ୍ରତି ସମଗ୍ର ବିଶ୍ୱ କୋଭିଡ୍ ଟିକାକୁ ଅତ୍ୟନ୍ତ କାତର ଭାବେ ଚାହିଁ ବସିଛି । ଗଣମାଧ୍ୟମରେ କୁହାଯାଇଛି ଯେ, କୋଭିଡ ଟିକା ଖ୍ରୀଷ୍ଟମାସ (ବଡଦିନ) ପୂର୍ବରୁ ଉପଲବ୍ଧ ହୋଇପାରେ । ଏ ନେଇ ଯୋଜନା ଏବଂ ଚିନ୍ତନର ପ୍ରକ୍ରିୟା ଭାରତରେ ଆରମ୍ଭ ହୋଇସାରିଲାଣି । ଆମ ରାଜ୍ୟର ଅବସ୍ଥା ମଧ୍ୟ କମ୍ ଉଦ୍‌ବେଗଜନକ ନୁହେଁ । ଗ୍ରାମାଞ୍ଚଳର ଲୋକମାନେ କରୋନା ସଂକ୍ରମିତ ନ ହୋଇ ମଧ୍ୟ ମୃତ୍ୟୁ ଭୟରେ ଜର୍ଜରିତ । କଥାରେ ଅଛି ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସଃ ବାନ୍ଧବଃ । ଏହି ଆପ୍ତବାକ୍ୟଟି ଆଜି ଚରମ ଆହ୍ୱାନର ସମ୍ମୁଖୀନ । ଅକ୍ସଫୋର୍ଡ ପକ୍ଷରୁ ପ୍ରଥମ ଭ୍ୟାକସିନ୍ ଆସିବା ପ୍ରାୟ ନିଶ୍ଚିତ । କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାମାଜିକ ଦୂରତ୍ୱ ଏକ ସାର୍ବଜନୀନ ସର୍ତ୍ତ । କିନ୍ତୁ ସର୍ତ୍ତ ଯେ ମଣିଷକୁ ଏଭଳି ସ୍ଥିତିରେ ପକାଇବ ତାହା ଅଚିନ୍ତନୀୟ । ଏହି ପରିପ୍ରେକ୍ଷୀରେ ଗତ ଛ' ମାସ ହେଲା ଓଡିଶାରେ ଯାହା ସବୁ ଘଟୁଛି ତାହା ଦୁର୍ଭାଗ୍ୟଜନକ। ପିତାର ଶବ ଛୁଇଁବାକୁ ପୁତ୍ର କୁଣ୍ଠିତ । କୋଭିଡ୍ କଟକଣା ଯୋଗେ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ଶବ ସତ୍କାର ଯଥାବିଧି ହୋଇପାରୁନାହିଁ ।

-ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ୧୦ ନଭେମ୍ବର, ୨୦୨୦



## ଧାନ ଅମଳ ବେଳେ ଜଳିଗଲା ଟ୍ରାକ୍ଟର

ବାଲିଶଙ୍କରା: ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ ଅନ୍ତର୍ଗତ ଧୁଡ଼ିନୂଆଁଗାଁର ରାସ୍ତାକଡରେ ଧାନ ଅମଳ ବେଳେ ଯାନ୍ତ୍ରିକ ତ୍ରୁଟୀ ଯୋଗୁ ଏକ ଟ୍ରାକ୍ଟରରେ ନିଆଁ ଲାଗି ଜଳିଯାଇଛି। ରାମପୁର ଗ୍ରାମର କୃଷ୍ଣମୋହନ ସାହୁ ସିଜି୧୪- ଇ ୧୯୨୧ ନଂ. ବିଶିଷ୍ଟ ଟ୍ରାକ୍ଟରରେ ଧାନଅମଳ ମେଶିନ୍ ଲଗେଇ ଅମଳ କରୁଥିବା ସମୟରେ ହଠାତ୍ ଇଞ୍ଜିନ୍‌ରେ ନିଆଁଲାଗି ଯିବାରୁ ଟ୍ରାକ୍ଟରଟି ହୁତହୁତ ହୋଇ ଜଳି ଯାଇଥିଲା । ଚାଳକ ସାହୁ ଟ୍ରାକ୍ଟରରୁ ଡେଇଁପଡି ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ପରେ ଖବର ପାଇ ବାଲିଶଙ୍କରା ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଲା ବେଳକୁ ଟ୍ରାକ୍ଟରଟି ପୋଡି ଭସ୍ମୀଭୂତ ହୋଇଯାଇଥିଲା।

## ସଂକ୍ଷେପରେ

### ଗାଡ଼ି ପାଇଁ ବଧୂହତ୍ୟା ଅଭିଯୋଗ

କେଗାଁ, ୯।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ବୈଜଲପୁର ଗ୍ରାମରେ ବଧୂହତ୍ୟା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୬୭/୨୦) ହୋଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। କୋକସରା ଥାନା କୁସୁମଖୁଣ୍ଟି ଗ୍ରାମର ଚମାର କର ତାଙ୍କ ଝିଅ ଡାଳିମ୍ବଙ୍କୁ ୧୦ ବର୍ଷ ତଳେ ଗୋଲାମୁଣ୍ଡା ଥାନା ବୈଜଲପୁର ଯୁଗେଶ୍ୱର ବେଣୁଧର ହରପାଲଙ୍କୁ ବିବାହ ଦେଇଥିଲେ। ବିବାହର ପରବର୍ତ୍ତି ସମୟରେ ଯୁଗେଶ୍ୱର ଏକ ଗାଡ଼ି ଦାବି କରି ତାଙ୍କୁ ମାରଧର କରି ଗାଡି ନ ଆଣିଲେ ଜୀବନରେ ମାରି ଦେବାକୁ ଧମକ୍ ଦେଉଥିଲେ। ଡାଳିମ୍ବ ଏ ବିଷୟରେ ମା'ବାପାଙ୍କୁ ଜଣାଇଥିଲେ। ସେମାନେ ଆସି ଏହାର ସମାଧାନ କରିଥିଲେ। ରବିବାର ରାତିରେ ଡାଳିମ୍ବଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ବୈଜଲପୁରକୁ ଆସିଥିଲେ। ଝିଅର ମୃତଦେହ ଦେଖି ତାଙ୍କୁ ହତ୍ୟା କରାଯାଇଥିବା ନେଇ ଚମାର କର ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୋଲାମୁଣ୍ଡା ଥାନା ଆଇଆଇସି ଯୁଗଳ ଶବର ଟିମ ସହିତ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି । ପରିବାର ଲୋକେ ଏହାର ଉଚିତ ତଦନ୍ତ କରି ଦୋଷୀମାନଙ୍କୁ କୋଠର ଦଣ୍ଡ ଦେବାକୁ ଦାବି କରିଛନ୍ତି । ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇ ଅଧିକ ତଦନ୍ତ ଜାରି ରହିଥିବା ଗୋଲାମୁଣ୍ଡା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

### ସମବାୟ ଆନ୍ଦୋଳନ ନେତାଙ୍କ ପରଲୋକ



ବରଗଡ଼ ଅଫିସ,୯।୧୧: ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ବା ନିବାସୀ କମଳାକାନ୍ତ ପଣ୍ଡାଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୯୧ବର୍ଷ ହୋଇଥିଲା। ସେ ପାରାଦୀପ ସ୍ଥିତ ତାଙ୍କ ସାନଝିଅ ରାଜଲକ୍ଷ୍ମୀଙ୍କ ଘରେ ରହୁଥିଲେ। ସୋମବାର ସକାଳ ପ୍ରାୟ ୯ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ସ୍ୱର୍ଗତ ପଣ୍ଡା ୧୯୮୦ ଦଶକରେ କିଶନ ପଟ୍ଟନାୟକ ଏବଂ ଅନ୍ୟମାନଙ୍କ ନେତୃତ୍ୱରେ ଗଠିତ କୃଷକ ସଙ୍ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ସଭାପତି ଭାବେ ଚାଷ ସମସ୍ୟା ଏବଂ ଚାଷୀର ହକ୍ ପାଇଁ ଲଢ଼େଇ କରିଥିଲେ। ଜଣେ ନିର୍ଦ୍ଦଳୀୟ ରାଜନେତା ଭାବେ ସେ ଲରମ୍ବା ସରପଞ୍ଚ, ଅତାବିରା ବ୍ଲକ ଉପାଧ୍ୟକ୍ଷ, ଏସ୍‌ଡିସିସି ସଭାପତି, ଅତାବିରା ଆରଏମ୍‌ସି ସଭାପତି, ଲରମ୍ବା ବାଳିକା ହାଇସ୍କୁଲର ପ୍ରତିଷ୍ଠାତା ଥିଲେ। ସେ ରାଜ୍ୟ ସରକାରଙ୍କଠାରୁ ସମବାୟ ପୁରସ୍କାର ପାଇଥିଲେ। ତାଙ୍କ ପରଲୋକରେ ଜୟ କିଶାନ ଆନ୍ଦୋଳନ ଗଭୀର ଶୋକ ପ୍ରକାଶ କରିଛି। ଚାଷୀନେତା ଲିଙ୍ଗରାଜ, ଅରୁଣ ସାହୁ, ହର ବଣିଆ ପ୍ରମୁଖ ଶୋକପ୍ରକାଶ କରିଛନ୍ତି ।

# ୪ ଜାଲ୍ କମ୍ପାନୀ ନାଁରେ ୧୭କୋଟି କାରବାର

**ଗୁପ୍ତରଣ ନାଁରେ ଜିଏସ୍‌ଟି ଠକେଇ ମାମଲା**

- ଦ୍ୱିତୀୟ ଦିନରେ ଅଭିଯୁକ୍ତ ମା-ପୁଅଙ୍କୁ ଜେରା
- ଡକ୍ୟୁମେଣ୍ଟ ଦେଇଥିବା ୧୦ ଜଣଙ୍କ ବୟାନ ରେକର୍ଡ

ବଲାଙ୍ଗୀର ଅଫିସ,୯।୧୧

କୃଷିଋଣ ଓ ଗୁପ୍ତରଣ କରାଇ ଦେବା ନାଁରେ ବଲାଙ୍ଗୀର ଜିଲାର ଗରିବ ଲୋକଙ୍କଠୁ ଆଧାର କାର୍ଡ, ପାନକାର୍ଡ, ଜମିପାର୍ଚ୍ଚା ଆଦି ନେଇ ଜାଲ କମ୍ପାନୀ ଖୋଲି କୋଟି କୋଟି ଟଙ୍କା କାରବାର ଓ ଜିଏସ୍‌ଟି ଠକେଇ ମାମଲାର ତଦନ୍ତ ଆରମ୍ଭ ହେବାପରେ ଅନେକ ସାଂଘାତିକ କଥା ସାମନାକୁ ଆସିଛି । ଘଟଣାର ଅଭିଯୁକ୍ତ କୁହାଯାଉଥିବା ମା–ପୁଅ ବିଭିନ୍ନ ଗାଁର ସାଧାରଣ ଲୋକ ଓ ଚାଷୀଙ୍କ ଡକ୍ୟୁମେଣ୍ଟ ବ୍ୟବହାର କରି ବେଆଇନ ଅର୍ଥ ହେରଫେର ଓ ଜିଏସ୍‌ଟି ଠକେଇ କରିଥିବା ଅଭିଯୋଗ ପରେ ରବିବାରଠାରୁ ଉଭୟଙ୍କୁ ବଲାଙ୍ଗୀର ଟାଉନ୍ ପୋଲିସ ଥାନାକୁ ଡାକି ପଚରାଉଚରା କରିଛି । ଜାଲ କମ୍ପାନୀ ଖୋଲି ଅର୍ଥ କାରବାର ଓ ଜିଏସ୍‌ଟି ଠକେଇ ମାମଲାରେ ଟାଉନ୍ ଥାନା ସମେତ ସଇଁତଲା ଓ ଦେଓଗାଁ ଥାନାରେ ୩ଟି ମାମଲା ରୁଜୁ ହୋଇଛି । ଏହି ଘଟଣାରେ ସୋମବାର ବରଗଡ ଜିଲା ଗାଇସିଲେଟ୍ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରିଛି । ଅନ୍ୟପକ୍ଷେ ଜିଏସଟି ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ୮ ଜଣଙ୍କ ବୟାନ ରେକର୍ଡ କରାଯାଇଛି । ସେମାନଙ୍କଠାରୁ ବିଭିନ୍ନ ଡକ୍ୟୁମେଣ୍ଟ ନିଆଯାଇଛି । ସେମାନଙ୍କ ମଧ୍ୟରୁ ଘଣ୍ଟାମାଲର ଚାଷୀ ରବୀନ୍ଦ୍ର ଭୋଇଙ୍କ ନାଁରେ ସିନ୍ଧୁଜା ଷ୍ଟିଲ, ସାରସମାଲ ଗ୍ରାମର ସବିତା ରଣାଙ୍କ ନାଁରେ ଘଟଗାଁବାସିନୀ ଟ୍ରାନ୍ସପୋର୍ଟ, ନରେନ୍ଦ୍ର ସାହୁଙ୍କ ନାଁରେ କୋଲାଦିଆ ଟ୍ରେଡର୍ସ ଓ ଭେରୁଆପଟା ଗାଁର ଜଗବନ୍ଧୁ ସାହୁଙ୍କ ନାଁରେ ଶିବମ୍ ଷ୍ଟିଲ କମ୍ପାନୀ ଖୋଲାଯାଇ ପ୍ରାୟ ୧୭କୋଟି ଟଙ୍କାର କାରବାର କରାଯାଇଥିବା ଜଣାପଡିଛି। ଏ ପର୍ଯ୍ୟନ୍ତ ତଦନ୍ତ ପ୍ରାରମ୍ଭିକସ୍ତରରେ ଥିବାରୁ କୌଣସି ସୂଚନା ଦିଆଯାଇପାରିବ ନାହିଁ ବୋଲି ଜିଏସ୍‌ଟି ଆସିଷ୍ଟାଣ୍ଟ ଅଧିକାରୀ ଆଶିଷ ସାହୁ କହିଛନ୍ତି । ଜିଏସ୍‌ଟି ଆସିଷ୍ଟାଣ୍ଟ ଅଧିକାରୀ ସାହୁ ଓ ଆସିଷ୍ଟାଣ୍ଟ ବାଣିଜ୍ୟକର ଅଧିକାରୀ ଫକରୀ ମୋହନ ଶତପଥୀ ଅଫିସରେ କମଳାକାନ୍ତ ସାହୁ, ମୀନା ସାହୁ, ମହେନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ରବୀନ୍ଦ୍ର ଭୋଇ, ସବିତା ରଣା, ଜଗବନ୍ଧୁ ସାହୁ ଓ ଡୋଳାମଣି ପୁଟେଲଙ୍କ ବୟାନ ରେକର୍ଡ କରିଛନ୍ତି । ସିନ୍ଧୁଜା ଷ୍ଟିଲ ନାମରେ ୧ କୋଟି ୫୭ ଲକ୍ଷ, ଘଟଗାଁବାସିନୀ ଟ୍ରାନ୍ସପୋର୍ଟ ନାଁରେ ୬୦ ଲକ୍ଷ, କୋଲାଦିଆ ଟ୍ରେଡର୍ସ ନାଁରେ ୯ କୋଟି ଓ ଶିବମ୍ ଷ୍ଟିଲ ନାଁରେ ୬ କୋଟି ଟଙ୍କାର କାଗଜପତ୍ର କାରବାର ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ଅନ୍ୟମାନଙ୍କଠାରୁ ନିଆଯାଇଥିବା କାଗଜପତ୍ରରେ କମ୍ପାନୀ ଖୋଲାଯାଇଛି କି ନା ତାହା ଜଣାପଡିନାହିଁ । ଜିଏସ୍‌ଟି ଠକେଇ ଚେର କଟକ, ଭୁବନେଶ୍ୱର, ରାଉରକେଲା ପର୍ଯ୍ୟନ୍ତ ଲମ୍ବିଥିବାରୁ ଏହି ଠକେଇ ଓ ଜାଲିଆତିରେ ବାସ୍ତବରେ କେତେ ଟଙ୍କାର ଜାଲିଆତି ହୋଇଛି ସେନେଇ ସ୍ପଷ୍ଟ କିଛି ଜଣାପଡିନାହିଁ। ଏହି ଜିଏସ୍‌ଟି ଠକେଇ ମାମଲାରେ ଅଟକ ଥିବା ଗାୟତ୍ରୀ ଜୟସ୍ୱାଲ ଓ ତାଙ୍କ ପୁଅ ବୀରେନ୍ଦ୍ରଙ୍କ ଠାରୁ ପୋଲିସ ଓ ଜିଏସ୍‌ଟି ବିଭାଗ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି । ଏହି ଠକେଇ ଓ ଜାଲିଆତିର ମାଷ୍ଟରମାଇଣ୍ଡ କେଉଁଠି ରହିଛି ତାକୁ ଧରିବା ପାଇଁ ବଡଧରଣର ଧରପଗଡ ଅଭିଯାନ ଆରମ୍ଭ ହୋଇଛି। ସୋମବାର ଗାଇସିଲେଟ୍‌ରୁ ଜଣେ ବ୍ୟକ୍ତିଙ୍କୁ ଡାକି ପଚରାଉଚରା କରାଯାଉଥିବା ଟାଉନ୍ ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି । ଜିଏସ୍‌ଟି ଠକେଇ ଓ ଜାଲିଆତିର ଚେର ବରଗଡ ଜିଲାକୁ ଲମ୍ବିଥିବା ଜଣାପଡିଛି । ବରଗଡ ଜିଲାର ମଧ୍ୟ କେତେକଙ୍କ ଡକ୍ୟୁମେଣ୍ଟ ନିଆଯାଇ ଏଭଳି ଅର୍ଥ କାରବାର ହୋଇଥିବା ଜଣାପଡିଲାଣି । ଗତ କିଛି ମାସ ତଳେ କୃଷିଋଣ ଓ ଗୁପ୍ତରଣ କରାଇଦେବା ନାଁରେ ବଲାଙ୍ଗୀରର ଗାୟତ୍ରୀ ଜୟସ୍ୱାଲ ସାରସମାଲ, ଘଣ୍ଟମାଲ ଓ ଭରୁଆଭଟା ଗାଁର ପ୍ରାୟ ୧୨ ଜଣ ଚାଷୀ ଓ ସାଧାରଣ ଲୋକଙ୍କ ଠାରୁ ସେମାନଙ୍କ ଆଧାରକାର୍ଡ, ଜମି ପାର୍ଚ୍ଚା ଆଣିଥିଲେ। ସେମାନଙ୍କ ନାଁରେ ଜାଲ କମ୍ପାନୀ ଖୋଲି ଅର୍ଥ କାରବାର ଓ ଜିଏସ୍‌ଟି ଠକେଇ କରାଯାଇଥିବା ଜଣାପଡିଛି ।

## ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଦେବଗଡ଼, ୯।୧୧ (ଡି.ଏନ.ଏ.)

ଦେବଗଡ ଥାନା ଅନ୍ତର୍ଗତ ସାମନ୍ତ୍ରାପାଲି ଗ୍ରାମର ଜଣେ ଯୁବକ ସୋମବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଅନନ୍ତ ସାହୁ (୨୪)। ସୂଚନା ଅନୁଯାୟୀ ସାମନ୍ତ୍ରାପାଲି ଗ୍ରାମର ଅନନ୍ତ ମଧ୍ୟାହ୍ନରେ ନିଜ କୋଠରିରେ ଶୋଇଥିଲେ । ପ୍ରାୟ ୧ଟା ବେଳେ ତାଙ୍କ ବାପା ଖାଇବା ପାଇଁ ଡାକିଥିଲେ ହେଁ ସେ ନ ଶୁଣିବାରୁ ଏଣେତେଣେ ଖୋଜିଥିଲେ। ଅନନ୍ତଙ୍କ କୋଠରି କବାଟ ଠକ୍ ଠକ୍ କରିଥିବା ସତ୍ତ୍ୱେ କୌଣସି ଉତ୍ତର ଦେଇ ନ ଥିଲେ । ଝରକା ପଟୁ ଦେଖିବା ବେଳେ କୋଠରି ମଧ୍ୟରେ ଏକ ରଶିରେ ତାଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଦେବଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସରକାରଙ୍କ ଆଦିବାସୀ ଦମନ ନୀତିର ପ୍ରତିବାଦ

**ଆଦିବାସୀ ମହାସଂଘର ଆନ୍ଦୋଳନ ଡାକରା**

ବଲାଙ୍ଗୀର ଅଫିସ,୯।୧୧

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ କାର୍ଯ୍ୟ ଓ ଦମନ ନୀତି ବିରୋଧରେ ଆଦିବାସୀ ମହାସଂଘ ଆନ୍ଦୋଳନ ଡାକରା ଦେଇଛି । ଆଦିବାସୀମାନଙ୍କୁ ବିଭିନ୍ନ ଖଣି ଖଦାନ, ନଦୀବନ୍ଧ ଯୋଜନା, ପାର୍କ, ଅଭୟାରଣ୍ୟ, ଶିଳ୍ପ କଳ କାରଖାନା, ମୂର୍ତ୍ତି ପ୍ରତିଷ୍ଠା ଆଳରେ ବଳପ୍ରୟୋଗ କରି ବିସ୍ଥାପିତ କରାଯାଉଛି। କ୍ଷତିପୂରଣ, ଥଇଥାନ, ପୁନର୍ବାସ ବ୍ୟବସ୍ଥା ନକରି ବିସ୍ଥାପିତ କରାଯାଉଛି। ଜୋର ଜବରଦସ୍ତି ଜଙ୍ଗଲରୁ ଉଚ୍ଛେଦ କରାଯାଉଛି । ନକଲି ଆଦିବାସୀମାନଙ୍କୁ ବହିଷ୍କୃତ କରିବାରେ ଅହେତୁକ ବିଳମ୍ବ କରି ଉଚ୍ଚତମ ନ୍ୟାୟାଳୟର ଆଦେଶ ଅବମାନନା କରାଯାଉଛି । ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ୨୦୦୬ ଅନୁସାରେ ଆଦିବାସୀ ଜମି, ବେନାମୀ ଜମି, ବେଆଇନ ଖର୍ଦ୍ଦି ସ୍ରୋତ ଦଖଲ ଜମିକୁ ଆଦିବାସୀମାନଙ୍କୁ ଫେରସ୍ତ କରିବାରେ ବିଳମ୍ବ କରି ସଂରକ୍ଷଣ ଆଇନ ୧୯୫୪ର ଉଲ୍ଲଂଘନ କରାଯାଉଛି । ଓଡିଶା ସ୍ଥାନ ସଂରକ୍ଷଣ ଆଇନ ୧୯୭୫ ଅନୁସାରେ ୨୩ ପ୍ରତିଶତ କୋଟା ଉଚ୍ଚଶିକ୍ଷା, ଟେକନିକାଲ ଶିକ୍ଷା, ମେଡିକାଲ କଲେଜ ଏବଂ ନିଯୁକ୍ତିରେ କାର୍ଯ୍ୟକାରୀ ନ କରିବା ଭଳିଆ ଆଦିବାସୀ ବିରୋଧୀ କାର୍ଯ୍ୟକ୍ରମକୁ ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । କରୋନା ମହାମାରୀରେ ଆଦିବାସୀ ମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରି ସେମାନଙ୍କ ଆର୍ଥିକ ଉନ୍ନୟନ କରାଯାଉ। କୋଭିଡ ୧୯ ଯୋଗୁଁ ସମସ୍ତ ଶିକ୍ଷାନୁଷ୍ଠାନରେ ଅନଲାଇନ ବ୍ୟବସ୍ଥା ଦିଆଯାଉଥିବାରୁ ଗରିବ ଆଦିବାସୀ ଛାତ୍ରୀଛାତ୍ରମାନେ ଫୋର୍ ଜି ସ୍ମାର୍ଟଫୋନ, ଲାପଟପ୍ ଅଭାବରେ ଅନଲାଇନ ପାଠ ପଢିପାରୁ ନାହାନ୍ତି । ତେଣୁ ସରକାର ସେମାନଙ୍କୁ ମାଗଣାରେ ମୋବାଇଲ, ଲାପଟପ ଯୋଗାଇ ଦେବା ସହ ମାଗଣା ନେଟ ପ୍ୟାକ ମଧ ଯୋଗାଇ ଦେଉ ବୋଲି ଦାବି କରିଛନ୍ତି । ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗରୁ ଥିବା ଷ୍ଟାଇପେଣ୍ଡକୁ ସରକାର ୫ ଗୁଣ କମାଇ ଦେଇଛନ୍ତି, ତେଣୁ ବଜାର ଦର ବୃଦ୍ଧି ଅନୁସାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଉ ବୋଲି ମହାସଂଘ ଦାବି କରିଛି । ଏହି ମର୍ମରେ ଆସନ୍ତା ୧୧ ନଭେମ୍ବର ୨୦୨୦ରେ ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଏକ ସ୍ମାରକ ପତ୍ର ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି ମହାସଂଘର ସଭାପତି ବିଜୟ ରଞ୍ଜନ ସିଂ ବରିହା, ଉପସଭାପତି ବ୍ରଜ କିଶୋର ସିଂ ଭୋଇ, ଯୋଗେନ୍ଦ୍ର ଭୋଇ, ଭାନୁ ପ୍ରତାପ ସିଂ ମାଝୀ, ମହାସଚିବ ନିରଞ୍ଜନ ବିଶି , ଉସମନ ମୁଣ୍ଡା, ବାଳକୃଷ୍ଣ ଶବର, ପ୍ରମୋଦ ଝାଙ୍କର, ଭଦ୍ର ଚରଣ କିଶାନ, ଭଗବାନ କୁଅଁର ଓ କିଶୋର ଚନ୍ଦ୍ର ଭୋଇ ଜଣାଇଛନ୍ତି ।

## ଜହ୍ନାପଙ୍କରେ ନକଲି ନୋଟ୍

ଜହ୍ନାପଙ୍କ, ୯।୧୧ (ଡି.ଏନ.ଏ)

ବୌଦ୍ଧ ଥାନା ଅନ୍ତର୍ଗତ ଜହ୍ନାପଙ୍କରେ ସୋମବାର ନକଲି ୨ଶହ ଟଙ୍କିଆ ନୋଟ ଦେଖିବାକୁ ମିଳିଛି। ସୂଚନା ମତେ ସୋନପୁର ପଟୁ ଏକ କାର୍‌ରେ କିଛି ଅଜଣା ବ୍ୟକ୍ତି ଆସି ଜହ୍ନାପଙ୍କ ଛକରେ ଥିବା ଏକ ପରିବା ଦୋକାନରୁ ପରିବା କିଣି ୨ଶହ ଟଙ୍କା ଦେଇଥିଲେ । ପରେ ସେମାନେ ଅନ୍ୟ ଏକ ଦୋକାନରୁ କଦଳୀ ଓ କିଛି ଫଳ କିଣି ୪ଶହ ଟଙ୍କା ଦେଇ ସେଠାରୁ ବୌଦ୍ଧ ଅଭିମୁଖେ ଚାଲିଯାଇଥିଲେ। କିଛି ସମୟ ପରେ ଦୋକାନୀ ଜଣକ ଏହା ନକଲି ଟଙ୍କା ବୋଲି ଜାଣିପାରି କାର୍‌ର ପିଛା କରିଥିଲେ ମଧ ପତ୍ତା ପାଇ ନ ଥିଲେ ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବେଦବ୍ୟାସ, ୯।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ କେନାଲ ରୋଡ ସ୍ଥିତ ଏକ ଚାଖୁଣ୍ଡା ଗଛରେ ଝୁଲୁଥିବା ମୃତଦେହକୁ ସୋମବାର ପୋଲିସ ଉଦ୍ଧାର କରିଛି । ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ।

# ସ୍କୁଲ ବନ୍ଦ ନ କରିବାକୁ ଦାବି



ମନୋରଞ୍ଜନପୁର ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି ।

ସୋନପୁର,୯।୧୧(ନି.ପ୍ର.)

ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍‌ଥିବା ଦର୍ଶାଇ ରାଜ୍ୟ ସରକାର କିଛିବର୍ଷ ହେବ ପ୍ରାଥମିକ ସ୍କୁଲଗୁଡିକୁ ବନ୍ଦ କରିବାରେ ଲାଗିଛନ୍ତି। ପୂର୍ବରୁ ସୁବର୍ଣ୍ଣପୁର ଜିଲାରେ ଶତାଧିକ ସ୍କୁଲ ବନ୍ଦ ହୋଇ ସାରିଛି। ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ଚଳିତବର୍ଷ ପୁଣି ୧୩୭ଟି ପ୍ରାଥମିକ ସ୍କୁଲକୁ ବନ୍ଦ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଛି। ବିନିକା ବ୍ଲକ ମହଦା ପଞ୍ଚାୟତ ବାବୁପାଲି(ମନୋରଞ୍ଜନପୁର)ର ଗ୍ରାମବାସୀ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। କାରଣ ୪୦ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ମନୋରଞ୍ଜନପୁର ଉପ୍ରା ବିଦ୍ୟାଳୟକୁ ସରକାର ଚଳିତ ଶିକ୍ଷାବର୍ଷଠାରୁ ବନ୍ଦ କରିଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା କୁନିକୁନି ଶିଶୁମାନେ ଏଣିକି ମୁଖ୍ୟ ରାସ୍ତା ପାର ହୋଇ ୩ କିଲୋମିଟର ଦୂର ବାବୁପାଲି ସ୍କୁଲରେ ପାଠ ପଢିବେ। ମାତ୍ର ଅଭିଭାବକ ଓ ଗ୍ରାମବାସୀ ଏଥିରେ ଅସୁଖି ଅଛନ୍ତି। ପିଲାଙ୍କ ଭବିଷ୍ୟତକୁ ନେଇ ସେମାନେ ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଭାବକ ଅର୍ଜୁନ ଭୋଇନା କହିଥିଲେ ଯେ, ଏବେ ବିଦ୍ୟାଳୟରେ ୨୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ନୂତନ ନାମ ଲେଖା ହେଲେ ଛାତ୍ରୀଛାତ୍ର ସଂଖ୍ୟା ୪୦ଛୁଇଁବ। ମନୋରଞ୍ଜନପୁର ଗ୍ରାମରେ ପ୍ରାୟ ଅନୁସୂଚିତଜାତି ପରିବାରର ଲୋକେ ବସବାସ କରନ୍ତି। ତେଣୁ ବିଦ୍ୟାଳୟ ବନ୍ଦ ନ କରିବାକୁ ଅନୁରୋଧ କରିଥିଲେ। ତେବେ ଏହା ସରକାରଙ୍କ ନିଷ୍ପତ୍ତି ଜିଲା ପ୍ରଶାସନର କୌଣସି ଭୂମିକା ନାହିଁ ବୋଲି ଜିଲାପାଳ ବାନାର୍ଜୀ ଗ୍ରାମବାସୀଙ୍କୁ କହିଥିଲେ। ମନୋରଞ୍ଜନପୁର ଗ୍ରାମର ଶୁକଦେବ ତାଣ୍ଡିଆ, ଉପେନ୍ଦ୍ର ତାଣ୍ଡିଆ, ଦେବ ଦୀପ, ଦୁତିଆ ସୁନା, ବସନ୍ତ ମହାନନ୍ଦ ଓ ଗୋବିନ୍ଦ ମହାନନ୍ଦ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ।

## ପୋତାଯାଇଥିବା ଗଳିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବାଲିଶଙ୍କରା, ୯।୧୧ (ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ତଳସରା ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମ ପାହାଡ ତଳୁ ସୋମବାର ପୋଲିସ ମାଟିରେ ପୋତା ଯାଇଥିବା ଏକ ଶବ ଉଦ୍ଧାର କରିଛି। ଶବଟି ସେହି ଗ୍ରାମର ରାଇସର ଡନସନା (୨୩) ବୋଲି ଜଣାପଡିଛି। ସେ ଗତ ୩ଦିନ ଧରି ନିଖୋଜ ଥିବା ବେଳେ ପରିବାର ଲୋକେ ତାଙ୍କୁ ଖୋଜୁଥିଲେ। ସୋମବାର ସକାଳେ ଗ୍ରାମର ଗୋରୁ ଚରାଳିମାନେ ପୋତା ହୋଇଥିବା ସ୍ଥାନରେ କୁକୁରମାନେ ମାଟି ଖୋଳୁଥିବା ଦେଖି ସେହି ସ୍ଥାନକୁ ଯାଇ ଦେଖିଲା ବେଳକୁ ରାଇସର ଦଣ୍ଡସେନାଙ୍କ ମୃତଦେହ ବୋଲି ଜାଣିବା ପରେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ତଳସରା ଥାନା ପୋଲିସ ସାଇଣ୍ଟିଫିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି।

## ଚିକିତ୍ସା ଯୋଗାଇଦେବାକୁ ସ୍ତ୍ରୀଙ୍କ ନିବେଦନ



ବସନ୍ତ ବେହେରା ଓ ତାଙ୍କ ସ୍ତ୍ରୀ।

**ତିନି ବର୍ଷ ହେଲା ସ୍ୱାମୀ ହାର୍ନିଆ ରୋଗରେ ଶଯ୍ୟାଶାୟୀ**

ହରଭଙ୍ଗା,୯।୧୧ (ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତର କମଳପୁର (ରଙ୍ଗମାଟିଆ) ସାହିର ବସନ୍ତ ବେହେରା(୬୬) ଆଜକୁ ତିନି ବର୍ଷ ହେବ ହାର୍ନିଆ ରୋଗରେ ପୀଡିତ ହୋଇଛନ୍ତି। ବସନ୍ତ ଜଣେ ଦିନ ମଜୁରିଆ ହୋଇଥିବା ସହ ମୂଳଲାଗି ପରିବାର ପୋଷଣ କରିଆସୁଥିଲେ। ବସନ୍ତଙ୍କ ଦୁଇ ଝିଅକୁ ନେଇ ପରିବାର । ବଡଝିଅର ବିବାହ ହୋଇ ସାରିଥିବା ବେଳେ ସାନ ଝିଅ ୧୦ ବର୍ଷର। ଏପଟେ ସ୍ତ୍ରୀ ବାସନ୍ତୀ ବେହେରା ମଧ୍ୟ ଜଣେ ଭିନ୍ନକ୍ଷମ। ତାଙ୍କର ଦୁଇ ହାତ ବଙ୍କା ହୋଇଥିବାରୁ ସେ ମଧ୍ୟ କାମ କରିପାରୁନାହାନ୍ତି। ସ୍ୱାମୀଙ୍କ ରୋଗ ପାଇଁ ବର୍ତ୍ତମାନ ଅର୍ଥ ବାଧକ ସାଜୁଥିବାବେଳେ ସ୍ୱାମୀଙ୍କୁ ଭଲ କରିବା ପାଇଁ ଚିନ୍ତାରେ ସ୍ତ୍ରୀ ବାସନ୍ତୀ। ବସନ୍ତଙ୍କ ପରିବାରକୁ ଭତ୍ତା ଓ ଚାଉଳ ମିଳୁଥିଲେ ମଧ୍ୟ ଚିକିତ୍ସା ପାଇଁ ଅର୍ଥ ଯୋଗାଡ ହୋଇପାରୁ ନ ଥିବାରୁ ସ୍ତ୍ରୀ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଏନେଇ ବାସନ୍ତୀ ହରଭଙ୍ଗା ବିଡିଓଙ୍କୁ ଗୁହାରୀ କରିଥିଲେ। ଏସମ୍ପର୍କରେ ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ ଆମେ ତାଙ୍କୁ ମେଡିକାଲରେ ଆଡମିଟ କରାଇ ସମସ୍ତ ଚିକିତ୍ସା କରାଇବାର ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଥିଲେ।

# ଦୁର୍ଦ୍ଦିନରେ କୁମ୍ଭକାର ପରିବାର

- ପ୍ରୋତ୍ସାହନ ଓ ବଜାର ସୁବିଧା ଅଭାବ
- କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

ବିନିକା,୯।୧୧(ଡି.ଏନ୍.ଏ.)

ସରକାରୀ ପ୍ରୋତ୍ସାହନ ଅଭାବରୁ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମ ପଞ୍ଚାୟତ ହୁଡୁମା ଗ୍ରାମରେ ବହୁ କୁମ୍ଭକାର ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ବିଭିନ୍ନ କାରଣରୁ ସେମାନେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା କଷ୍ଟକର ହୋଇପଡିଛି । ଗ୍ରାମର ମାତ୍ର ଦୁଇଟି ପରିବାର ଏବେ ଦୀପ ସମେତ ମାଟିରେ ନିର୍ମିତ ବିଭିନ୍ନ ସାମଗ୍ରୀ ତିଆରି କରି ପରିବାର ପ୍ରତିପୋଷଣ କରୁଥିବା ଦେଖିବାକୁ ମିଳିଛି । ବଜାର ସୁବିଧା ନ ଥିବାରୁ ବେପାର ନାମକୁ ମାତ୍ର ଚାଲିଛି । ତେବେ ଆଗକୁ ଦୀପାବଳି ଆସୁଥିବାରୁ ଏହି ପରିବାର ଦିନ ରାତି ଏକ କରି ମାଟିଦୀପ ପ୍ରସ୍ତୁତିରେ ଲାଗି ପଡିଛନ୍ତି । ହୁଡୁମା ଗାଁର ଜନସଂଖ୍ୟା ୧୨ ଶହ । ଗାଁର ୩ ଶହ ଭୋଟର କୁମ୍ଭକାର ସମ୍ପ୍ରଦାୟର । ପୂର୍ବରୁ ଏଠିକାର କୁମ୍ଭକାରମାନେ ବରଗଡ , ସମ୍ବଲପୁର ,ବଲାଙ୍ଗୀର ଜିଲା ସମେତ ପଡୋଶୀ ରାଜ୍ୟ ବିହାର ଓ ଛତିଶଗଡକୁ ଯାଇ ମାଟିରେ ନିର୍ମିତ ସାମଗ୍ରୀ ବିକ୍ରୟ କରି ରୋଜଗାର କରିବାରେ ସକ୍ଷମ ହେଉଥିଲେ । ୧୦ ବର୍ଷ ପୂର୍ବରୁ ଗାଁର ୨୦ରୁ ଊର୍ଦ୍ଧ୍ୱ ପରିବାର ବିଭିନ୍ନ ମାଟିପାତ୍ର କରୁଥିଲେ । ବର୍ତ୍ତମାନ ସମୟରେ ଏହାର ଚାହିଦା ହ୍ରାସ ପାଇଥିବାରୁ ଗ୍ରାମର ଅଧିକାଂଶ କୁମ୍ଭକାର ବିଶେଷ କରି ଯୁବପିଢି ନିଜର କୌଳିକ ବୃତ୍ତି ଏକରକମ ଛାଡି ଦେଇଛନ୍ତି । କେବଳ ଦୀପାବଳି ଓ କେତେକ ପର୍ବ ପର୍ବାଣି ପାଇଁ ଗ୍ରାମର ଦୁଇଟି ପରିବାର ମାଟି ଦୀପ , କଳସ , ଧୂପଦାନି , ମାଣ ,ଜାଗର , ମାଠିଆ ଆଦି ତିଆରି କରୁଥିବା ଦେଖିବାକୁ ମିଳୁଛି । ସରକାର ଟେରାକୋଟା କାରିଗରି ତଥା ବିଲୁପ୍ତ ପ୍ରାୟ କେତେକ କଳାକୃତିଗୁଡିକର ପୁନରୁଦ୍ଧାର ପାଇଁ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି । କାରିଗରମାନଙ୍କ ଦ୍ୱାରା ନିର୍ମିତ ହେଉଥିବା ସାମଗ୍ରୀଗୁଡିକର ବିକ୍ରୟ ପାଇଁ ଜିଲାସ୍ତରରେ ବଜାର ସୁବିଧା କରାଯାଉଛି। ଏଥିସହ ବିଭିନ୍ନ ଧରଣର କାରିଗରଙ୍କୁ ଚିହ୍ନଟ କରି ଏ ନେଇ ସେମାନଙ୍କୁ ପ୍ରମାଣ ପତ୍ର ଦେଇ ନିଜର କୌଳିକ ବୃତ୍ତିକୁ ଜାରି ରଖିବା ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ତେବେ ବର୍ଷ ବର୍ଷ ଧରି ମାଟିରେ ବିଭିନ୍ନ ସାମଗ୍ରୀ ନିର୍ମାଣ କରୁଥିବା ହୁଡୁମା ଗ୍ରାମର ବହୁ କୁମ୍ଭକାର ପରିବାରଙ୍କୁ କୌଣସି ପ୍ରମାଣ ପତ୍ର , ପ୍ରୋତ୍ସାହନ ରାଶି , ତାଲିମ କିମ୍ବା ଜିନିଷ ବିକିବା ପାଇଁ ସୁବିଧା କରାଯାଉନାହିଁ । ଯଥାଶୀଘ୍ର ସରକାର ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ଉକ୍ତ ଗ୍ରାମର କୁମ୍ଭକାର ଶାନ୍ତନୁ ରଣା ,ସଂକୀର୍ତ୍ତନ ରଣା ,ଚନ୍ଦ୍ର ରଣା ,ଠାକୁର ରଣା ,ସରୋଜ ରଣା, ଏମ. ରଣା,ଏକା ରଣା ,ତର୍କ ରଣା,ବାବଲୁ ରଣା ଓ ଜୟଦେବ ରଣା ପ୍ରମୁଖ ଦାବି କରିଛନ୍ତି ।

ହୁଡୁମା ଗ୍ରାମର କୁମ୍ଭକାର ଶାନ୍ତନୁ ରଣା (୩୯)କୁହନ୍ତି , ଚଳିତବର୍ଷ କରୋନା ମହାମାରୀ ଯୋଗୁ ମାଟି ନିର୍ମିତ ଦ୍ରବ୍ୟ ତିଆରି କରିବା ବନ୍ଦ କରି ଦେଇଥିଲି । ମୋର ଜମି ବାଡି କିଛି ନାହିଁ । କୌଳିକ ବୃତ୍ତିକୁ ଆପଣାଇ ୪ପ୍ରାଣୀ କୁଟୁମ୍ବ ପୋଷେ । ଦୀପାବଳି ସମୟରେ ବିନିକାରେ ମାଟି ଦୀପର ଚାହିଦା ବଢିଥାଏ । ବର୍ତ୍ତମାନ ମୋର ସ୍ତ୍ରୀ ପୁଷ୍ପାଳୀ (୩୦) , ଝିଅ ରୀମା ରଣା ଓ ପୁଅ ସହ ମିଶି ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କରୁଛୁ । ଦୀପାବଳିରେ ଭଲ ରୋଜଗାର ହେବ ବୋଲି ଆଶା ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ୧ଲକ୍ଷ ମାଟି ଦୀପ ,୧୦ ହଜାର କଳସ,୧୨ଟି ଲକ୍ଷ୍ମୀ ମୂର୍ତ୍ତି , ୬ ହଜାର ଧୂପଦାନି ଓ ୪ ଶହ ମାଠିଆ ତିଆରି କରି ସାରିଛୁ।




ପରିବାର ସହ ହୁଡୁମା ଗ୍ରାମର କୁମ୍ଭକାର ଶାନ୍ତନୁ ରଣା ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୦ ନଭେମ୍ବର, ୨୦୨୦

**କରୋନା ପରୀକ୍ଷଣ ଶିବିର**

**ଦେଓଗାଁ:** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡ଼ାର ପଞ୍ଚାୟତ ଅନ୍ତର୍ଗତ ଜଲିଆରେ ଗୁରୁବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଅଙ୍ଗନୱାଡି କେନ୍ଦ୍ରରେ କରୋନା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁରେନ୍ଦ୍ର କୁମାର ପାରକିଆଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକର୍ମୀ ଲିଙ୍ଗରାଜ ବିଶ୍ୱାଳ, ଷ୍ଟାଫ୍‌ନର୍ସ ରଞ୍ଜିତା ସା, ଏଏନ୍‌ଏମ୍ ସଙ୍ଗୀତା ସାହୁ ଘର ଘର ବୁଲି ଜନସାଧାରଣଙ୍କୁ ସଚେତନ କରିବା ସହ କରୋନା ପରୀକ୍ଷଣ ପାଇଁ ପ୍ରବର୍ତ୍ତାଇଥିଲେ । ଏହି ଅବସରରେ ଗାଁର ୪୨ ଜଣଙ୍କ ପରୀକ୍ଷା କରାଯାଇଥିଲା । ସମସ୍ତ ରିପୋର୍ଟ ନେଗେଟିଭ୍ ରହିଥିବା ଜଣାପଡିଛି ।



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ହାବିଲଦାରଙ୍କ ମୃତ୍ୟୁ

**ଖଡିଆଳ, ୯।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଆଉଟପୋଷ୍ଟରେ କାର୍ଯ୍ୟରତ ଟାଉନ ହାବିଲଦାର ଗରୁଡ ଦାସ (୫୪)ଙ୍କ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି । ସେ ଆଉଟ ପୋଷ୍ଟରୁ ବାହାରି ରାସ୍ତାରେ ଯାଉଥିବା ସମୟରେ ଏକ ବାଇକ ତାଙ୍କୁ ପଛପଟୁ ଜୋରରେ ଧକ୍କା ଦେଇଥିଲା । ଧକ୍କାରେ ହାବିଲଦାର ଓ ବାଇକ୍ ଆରୋହୀ ତଳେ ପଡିଯାଇ ଥିଲେ । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଘଟଣା ସ୍ଥଳରେ ଖଡିଆଳ ପୋଲିସ ପହଞ୍ଚି ଦୁଇ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ମିଶନ ହସ୍ପିଟାଲକୁ ନେଇଥିଲେ । ସେଠାରେ ଡାକ୍ତର ହାବିଲଦାରଙ୍କୁ ମୃତ ଘୋଷଣା କରିଥିଲେ । ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ବାଲି ବୋଝେଇ ଗାଡ଼ି ଜବତ, ୬ଗିରଫ

**ଲହୁଣୀପଡା, ୯।୧୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ତୁମକଲା ବାଲିଘାଟରୁ ବିନା ଟିପିରେ ବାଲି ଚାଲାଣ ହେଉଥିବା ଖବରପାଇ ଲହୁଣୀପଡା ଥାନାର ନୂତନ ଆଇପିଏସ ଏସ. ସ୍ୱାତି କୁମାର, ଇନ୍ସପେକ୍ଟର ସନ୍ତୋଷ କୁମାର ଜେନା ସଦଳବଳେ ଚଢ଼ାଉ କରିଥିଲେ । ବିଭିନ୍ନ ସ୍ଥାନରୁ ହାଇୱା, ଟ୍ରକ ସମେତ ଦୁଇଟି ଟ୍ରାକ୍ଟର ଓ ଗୋଟିଏ ଟିପ୍ପର ଜବତ କରି କାଗଜପତ୍ର ଯାଞ୍ଚ କରିଥିଲା । ଏହି ଗାଡିଗୁଡିକ ବିନା ଟିପିରେ ବେନିୟମ ଭାବେ ବାଲି ଚାଲାଣ କରୁଥିବା ଯାଞ୍ଚ ସମୟରେ ଜଣାପଡିଲା । ତୁମକଲା ବାଲିଘାଟର ପକଲିନ ଅପରେଟର ଓ ମ୍ୟାନେଜର ସମେତ ୮ଜଣ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲେ । ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲେ । ଅନ୍ୟ ୨ଜଣଙ୍କୁ ନୋଟିସ ଦେଇ ଛାଡ଼ି ଦିଆଯାଇଛି ।

### ଟ୍ରାକ୍ଟର ସହ ବାଇକ୍ ଧକ୍କା, ୨ ଗୁରୁତର

**ପଲମ, ୯।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ କର୍ମେଗାଁ ପଞ୍ଚାୟତସ୍ଥିତ ସୁରପଦର(ନୂଆପଡା)ସ୍ଥିତ ତାରିଣୀ ମନ୍ଦିର ନିକଟରେ ଟ୍ରାକ୍ଟର ସହ ବାଇକ୍ (ନଂ. ଓଡି୦୮ଏନ୍-୧୯୮୭) ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଆହତ ୨ଜଣ ବାଇକ୍ ଆରୋହୀ ନର୍ଲା ଗ୍ରାମର ବୋଲି ଜଣାପଡିଛି । ରବିବାର ସନ୍ଧ୍ୟା ୬ଟାରେ ୨ଜଣ ଏକ ନୂଆ ବାଇକ୍‌ରେ ସୁରପଦରଠାରୁ ରୁପ୍ରା ପଟକୁ ଆସୁଥିଲେ । ଏହି ସମୟରେ ରୁପ୍ରା ପାର୍ଶ୍ୱରୁ ସୁରପଦର(ନୂଆପଡା) ପଟକୁ ଏକ ଟ୍ରାକ୍ଟର ଯାଉଥିଲା । ମନ୍ଦିର ନିକଟ ବୁଲାଣିରେ ବାଇକ୍ ଆସି ଟ୍ରାକ୍ଟର ଟ୍ରଲିକୁ ଧକ୍କା ଦେଇଥିଲା । ଫଳରେ ସେମାନେ ଗୁରୁତର ଆହତ ହୋଇ ରାସ୍ତା କଡରେ ପଡିଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କରିବା ପରେ ୨ଜଣଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ପରେ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

### ବିଜୁ ପଟ୍ଟନାୟକ ଷ୍ଟାଡିୟମର ପିଚ୍ ନିର୍ମାଣ ପାଇଁ ଭୂମି ପୂଜନ

**ଜୁନାଗଡ଼, ୯।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମର ନୂତନ କ୍ରିକେଟ ପିଚ୍ ନିର୍ମାଣ ପାଇଁ ରବିବାର ଭୂମିପୂଜନ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଏମଏସଏମଇ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିସିସିଆଇର ପିଚ୍ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ସହକାରୀ ପିଚ୍ କ୍ୟୁରେଟର ସୁଟୁ ଘୋଷ, ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡି, ଏନଏସିଇଓ ଅବିନାଶ ମହାନ୍ତି, ଜୁନାଗଡ଼ ପୂର୍ବତନଏନଏସି ଅଧକ୍ଷ ମହେଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ପିଚ୍ ନିର୍ମାଣ ପରେ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ମ୍ୟାଚ ଅନୁଷ୍ଠିତ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ସମୀର ସାହୁ, ସରୋଜ କୁମାର ପଣ୍ଡା, ହିମାଂଶୁ ଶେଖର ବରାଡ଼, ମାନସ କୁମାର ସାହୁ, ଦିଲୀପ ପଣ୍ଡା, ନୀତିଶ ମହାପାତ୍ର, ସତୀଶ ପ୍ରଧାନ, ଲଳିତ କୁମାର ଅଗ୍ରୱାଲ, ଉଦ୍ଧବ ସାହୁ, ଦିନେଶ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

**ସମ୍ବଲପୁର,୯।୧୧ (ବ୍ୟୁରୋ)**



ରବିବାର ସମ୍ବଲପୁର ସମଲେଇ ମନ୍ଦିର ପାର୍ଶ୍ୱରେ ଜମି ଚିହ୍ନଟ ପ୍ରକ୍ରିୟା ଚାଲିଛି ।

ସମ୍ବଲପୁର ଜିଲା ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜାନୁୟାରୀ ୨୧ ତାରିଖରେ ଆସି ମା'ସମଲେଇଙ୍କ ଦର୍ଶନ କରିଥିଲେ । ଏହି ସମୟରେ ସେ ସମଲେଇ ମନ୍ଦିରରେ ଆବଶ୍ୟକ ଅନୁସାର ବିକାଶମୂଳକ କାମ କରାଯିବ । ମନ୍ଦିର ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକ ଓ ଭକ୍ତଙ୍କ ରହିବା ଓ ଅନ୍ୟାନ ସୁବିଧା ପାଇଁ ବ୍ୟବସ୍ଥା କରାଯିବ । ଏଥିପାଇଁ ଯାହା ଅର୍ଥ ଲାଗିବ, ତାହା ରାଜ୍ୟ ସରକାର ବହନ କରିବେ । ଏହାକୁ ଆହୁରି ସୁନ୍ଦର ଓ ଆକୃଷ୍ଟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କିନ୍ତୁ କୋଭିଡ୍ କଟକଣା ଯୋଗୁ ଏହି କାମରେ ବାଧା ସୃଷ୍ଟି ହୋଇଥିଲା । ଏବେ ପୁଣି ଥରେ ପାରପାର୍ଶ୍ୱିକ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଓଡ଼ିଶା ବିଲ୍ଡିଂ କନଷ୍ଟ୍ରକଶନ୍ କର୍ପୋରେଶନ (ଓବିସିସି)କୁ ଏହି କାମ ଦାୟିତ୍ୱ ଦିଆଯାଇଛି । ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ସମଲେଇ ମନ୍ଦିର ଚର୍ତୁଃପାର୍ଶ୍ୱରେ ଥିବା ସରକାରୀ ଜମି, ଖାଲି ପଡିଥିବା ଜମି ଚିହ୍ନଟ କରାଯାଇଛି । ଏହାସହ ରୟତି ଜମିରେ ରହୁଥିବା ଘରଗୁଡ଼ିକର ମଧ୍ୟ ଅଟକଳ କରାଯାଇଛି । ପର୍ଯ୍ୟାୟକ୍ରମେ ୨ ଦିନ ଧରି ଏହି କାର୍ଯ୍ୟ ଜାରି ରହିଛି । କେତେ

> ■ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ
>
> ■ସମଲେଇ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତି

ପରିମାଣ ଜମି ଅଧିଗ୍ରହଣ କରାଯିବ ତାହା ଚୂଡାନ୍ତ ହୋଇ ନ ଥିଲେ ମଧ୍ୟ ମାପଚୁପ କରାଯାଉଛି । ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କହିଛନ୍ତି ଯେ, କିଭଳି ଭାବେ ବିକାଶ କରାଯିବ ଡିଜାଇନ୍ ରହିବ, କୌଣସି ନିର୍ଦ୍ଦିଷ୍ଟ ଡିପିଆର୍ ପ୍ରସ୍ତୁତ କରାଯାଇ ନାହିଁ । ଏବେ କେବଳ ଜମି ଓ ଘରଦ୍ୱା ଗୁଡିକ ରହିଛି ତାହାର ଅଟକଳ କରାଯାଉଛି । କେତେ ପରିମାଣ ଜମି ଅଧିଗ୍ରହଣ କରାଯିବ ପରିବର୍ତ୍ତି ନିର୍ଦ୍ଦେଶ ଆସିବା ପରେ ସମସ୍ତଙ୍କୁ ନୋଟିସ ଓ ସୂଚନା ଦେଇ ଅଧିଗ୍ରହଣ କରାଯିବ । କୋଭିଡ କଟକଣା ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କାର୍ଯ୍ୟ ହେଉ ନ ଥିଲା । ଏବେ କିଭଳି ଭାବେ ଯୁଦ୍ଧକାଳୀନ ଭିତ୍ତିରେ କାମ ହେବ ସେ ନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସହଯୋଗ କରାଯିବ । ମନ୍ଦିର ପାରପାର୍ଶ୍ୱିକ ବିକାଶ ହେଲେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ ହେବା ସହ ସୁବିଧା ପାଇପାରିବେ । ଏହାସହ ମନ୍ଦିରରେ ଯାତ୍ରୀନିବାସ ଓ ଭୋଗ ମଣ୍ଡପ ସମ୍ପ୍ରସାରଣ ପାଇଁ ୨ କୋଟି ଟଙ୍କା ଅନୁଦାନ ରାଶି ଅନୁମୋଦନ ହୋଇଛି । ଯାତ୍ରୀନିବାସରେ ୨ଟି ଡର୍ମିଟେରୀ ସହିତ ୫୦ଟି କୋଠରି ନିର୍ମାଣ କରାଯିବ । ଭୋଗ ମଣ୍ଡପରେ ଏକାଥରକେ ୫ଶହ ଜଣଙ୍କ ଭୋଗ ଖାଇବା ବ୍ୟବସ୍ଥା ଭଳି ମଣ୍ଡପ ନିର୍ମାଣ କରାଯିବ ।

## ପରିବାର ଲୋକଙ୍କ ଥାନାରେ ଲିଖିତ ଅଭିଯୋଗ

**ଖଡିଆଳ, ୯।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଆମଗୁଡା ଗ୍ରାମର ଶ୍ରମିକ କିଶୋର ବନ୍ଦିଛୋର (୪୫) ଇଟା ଗଢ଼ିବାକୁ ସିକନ୍ଦରାବାଦକୁ ଗତ ୨୦୧୮ ଜୁଲାଇ ୫ରେ ଯାଇଥିଲେ । ହେଲେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ଘରକୁ ଫେରି ନାହାନ୍ତି । ଏ ନେଇ କିଶୋରଙ୍କ ସ୍ତ୍ରୀ କୁଳ ବନ୍ଦିଛୋର ଓ ପରିବାର ଲୋକେ ବୋଡେନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ

> **ଦାଦନ ଶ୍ରମିକ ନିଖୋଜ ଘଟଣା**

ବିନୋପୁର ଗ୍ରାମ ଓ କଣ୍ଟାବାଞ୍ଜି ଗ୍ରାମର ଦୁଇ ଜଣ ବ୍ୟକ୍ତି କିଶୋରଙ୍କୁ ଘରୁ ଡାକି ନେଇ ଇଟା ଗଢ଼ିବାକୁ ସିକନ୍ଦରାବାଦକୁ ପଠାଇଥିଲେ । ହେଲେ ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା କିଶୋର ଏ ପର୍ଯ୍ୟନ୍ତ ଘରକୁ ଫେରି ନାହାନ୍ତି । ଏ ନେଇ କିଶୋରଙ୍କ ସ୍ତ୍ରୀ କୁଳ ବନ୍ଦିଛୋର ଓ ପରିବାର ଲୋକେ ଏବଂ ଦଳିତ ଅଧିକାର ମଞ୍ଚ ସଭାପତି କମଳଚରଣ ତାଣ୍ଡି କିଶୋରଙ୍କୁ ଉଦ୍ଧାର କରିବାକୁ ବୋଡେନ ଥାନାଧିକାରୀଙ୍କୁ ଦାବି ଜଣାଇ ଅନୁରୋଧ କରିଛନ୍ତି । ଏକ ସପ୍ତାହ ମଧ୍ୟରେ ପୀଡିତ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି । ଯଦି ପିଡିତ ପରିବାରକୁ ନ୍ୟାୟ ନ ମିଳିଲେ ଦଳିତ ଅଧିକାର ମଞ୍ଚ ଓ ପିଡିତ ପରିବାର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି କହିଛନ୍ତି ।

## ଟ୍ରାନ୍ସଫର୍ମର ସ୍ଥାପନକୁ ନେଇ ବିବାଦ

**ମନମୁଣ୍ଡା, ୯।୧୧ (ଡି.ଏନ.ଏ.)**

ମନମୁଣ୍ଡା ଥାନା ପଲସାଗୋରା ପଞ୍ଚାୟତ ବାଘମୁଣ୍ଡା ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୁନଃ ସ୍ଥାପନକୁ ନେଇ ଜନୈକ ପରିବାର ସହ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି । ଗ୍ରାମରେ ଚାପା ଉତ୍ତେଜନା ଦେଖା ଦେଇଥିବା ବେଳେ ଗ୍ରାମବାସୀ ଅନ୍ଧାରରେ ଦିନ ବିତାଉଛନ୍ତି । ପ୍ରାପ୍ତସୂଚନା ମତେ, ଉକ୍ତ ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପ୍ରାୟ ୧ ମାସ ହେବ ପୋଡିଯାଇଥିଲା । ବିଦ୍ୟୁତ ବିଭାଗ ସେଠାରେ ନୂତନ ଟ୍ରାନ୍ସଫର୍ମର ଲଗାଇବାକୁ ଯିବା ବେଳେ ଗ୍ରାମର ସଞ୍ଜିବ ଦଳବେହେରା ଓ ତାଙ୍କ ପରିବାର ତାହାକୁ ବିରୋଧ କରିଥିଲେ । ଉକ୍ତ ପ୍ଲଟ ତାଙ୍କ ନାମରେ ରୟତି ସ୍ୱତ୍ତ୍ୱରେ ଅଛି ଓ ବିଦ୍ୟୁତ ବିଭାଗ ତାଙ୍କ ବାପାଙ୍କୁ ନ ଜଣାଇ ସେଠାରେ ଟ୍ରାନ୍ସଫର୍ମର ସ୍ଥାପନ କରିଥିଲେ ବୋଲି ସେ କହିଛନ୍ତି । ସେଠାରୁ ତାହା ବାହାର କରି ସରକାରୀ ପ୍ଲଟରେ ସ୍ଥାପନ କରିବାକୁ ସଞ୍ଜିବ ବିଦ୍ୟୁତ ବିଭାଗକୁ କହି ଆସୁଥିବା ବେଳେ ଅଧିକାରୀମାନେ ଶୁଣୁନାହାନ୍ତି । ବହୁ ପ୍ରକ୍ରିୟା ପରେ ସ୍ଥାନାନ୍ତର ହେବ ଓ ତାହା ସମୟ ସାପେକ୍ଷ ଏବଂ ସେତେଦିନ ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ଅନ୍ଧାରରେ ରହିବାକୁ ପଡିବ । ଏଣୁ ବର୍ତ୍ତମାନ ପାଇଁ ଉକ୍ତ ସ୍ଥାନରେ ଟ୍ରାନ୍ସଫର୍ମର ସ୍ଥାପନ କରାଯିବାକୁ ଗ୍ରାମବାସୀଙ୍କ ଅନୁରୋଧକୁ ସଞ୍ଜିବ ମାନୁ ନାହାନ୍ତି । ଏହାକୁ ନେଇ ତାଙ୍କ ସହ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଉଭୟ ପକ୍ଷ ଏହାର ସମାଧାନ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଏ ନେଇ ମନମୁଣ୍ଡା ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଫୋନ ଯୋଗାଯୋଗ ଅଭାବରୁ ପ୍ରତିକ୍ରିୟା ମିଳି ପାରି ନ ଥିଲା । ବିଦ୍ୟୁତ ଏକ ଜରୁରୀ ସେବା । ସ୍ଥାନାନ୍ତର ପାଇଁ ଲମ୍ବା ପ୍ରକ୍ରିୟା ଅଛି ଓ ବର୍ତ୍ତମାନ ସମ୍ଭବ ନୁହେଁ ବୋଲି ମନମୁଣ୍ଡା ବିଦ୍ୟୁତ ଏସଡିଓ ରାଜେଶ ସାହୁ କହିଛନ୍ତି ।

## ଚାଲାଣ ବେଳେ ୨୩ ଦାଦନ ଶ୍ରମିକ ଉଦ୍ଧାର

**ଲାଠୋର/ଖପ୍ରାଖୋଲ, ୯।୧୧(ଡି.ଏନ.ଏ.)**



ଖପ୍ରାଖୋଲ ଥାନାରେ ଉଦ୍ଧାର ଦାଦନ ଶ୍ରମିକମାନେ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ଓ ଲାଠୋର ଥାନା ପୋଲିସ ବେଆଇନଭାବେ ଚାଲାଣ କରାଯାଉଥିବା ବେଳେ ୨୩ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ଲାଠୋର ପୋଲିସ ରବିବାର ରାତିରେ ୧୨ଜଣ ଦାଦନ ଶ୍ରମିକଙ୍କୁ ବସ୍‌ଷ୍ଟାଣ୍ଡ ନିକଟରୁ ଉଦ୍ଧାର କରିଛି । ଏଥିସହିତ ଶ୍ରମିକଙ୍କୁ ନିଆଯାଉଥିବା ବୋଲେରୋ ଗାଡିକୁ ଜବତ କରାଯାଇଥିବା ବେଳେ ଚାଳକ ଓ ସର୍ଦ୍ଦାରଙ୍କୁ ଅଟକ ରଖି ପଚରାଉଚୁରା କରୁଛି ପୋଲିସ । ଥାନା ଅଧିନ ଫୁଲକିମୁଣ୍ଡା ଗ୍ରାମର ଦାଦନ ସର୍ଦ୍ଦାର ପ୍ରିତମ ବାଗ ଏକ ବୋଲେରୋ ନଂ ସିଜି-୦୬-ଜିଏନ-୩୦୪୩ ଯୋଗେ ପିଙ୍ଗଲମୁଣ୍ଡାର ୭ ଜଣ, ନାନ୍ଦୁପଲାର ୪ ଜଣ ଏବଂ ମଲିକମୁଣ୍ଡା ଗ୍ରାମର ଜଣଙ୍କୁ ଚେନ୍ନାଇକୁ ଚାଲାଣ କରୁଥିବା ବେଳେ ଲାଠୋର ପୋଲିସ ବସଷ୍ଟାଣ୍ଡଠାରେ ସେମାନଙ୍କୁ ଧରି ଥାନାକୁ ଆଣିଥିଲା । ଏ ନେଇ ଲାଠୋର ଥାନାରେ ଏକ ମାମଲା(ନଂ.୧୩୪/୨୦) ରୁଜୁ କରି ସମ୍ପୃକ୍ତ ଶ୍ରମିକମାନଙ୍କୁ ସେମାନଙ୍କ ଗ୍ରାମକୁ ପଠାଇ ଦିଆଯାଇଥିଲା । ଦାଦନ ସର୍ଦ୍ଦାର ଏବଂ ଡ୍ରାଇଭର ହର୍ସ ଛତ୍ରିଆଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଲାଠୋର ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି । ଗତ ୪ ମାସ ହେବ ଲାଠୋର ଅଞ୍ଚଳରୁ ବିଭିନ୍ନ ରାଜ୍ୟକୁ ଦାଦନ ଚାଲାଣ କରାଯାଉଛି ।

ସେହିପରି ଖପ୍ରାଖୋଲ ଥାନା ପୋଲିସ ସୋମବାର ସକାଳୁ ୧୧ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ମଧ୍ୟସ୍ଥଙ୍କୁ ଗିରଫ କରିଛି । ପାଟ୍ରୋଲିଂ ପୋଲିସ ଏକ ମହିନ୍ଦ୍ରାରେ କେତେକ ଲୋକ ଯାଉଥିବା ଦେଖି ଚଢାଉ କରିଥିଲା । ପଚରାଉଚୁରା ସମୟରେ ସେମାନଙ୍କୁ କଣ୍ଟାବାଞ୍ଜିର ମଧ୍ୟସ୍ଥ କିଶୋର ଶର୍ମା ବିନା ଅଗ୍ରୀମରେ ପ୍ରଲୋଭନ ଦେଖାଇ ହାଇ୍ରାବାଦର ଏକ ଇଟାଭାଟିକୁ ଚାଲାଣ କରୁଥିବା ଜାଣିବାକୁ ପାଇଥିଲା । ପରେ ସମସ୍ତ ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଛି । ଏ ନେଇ ଖପ୍ରାଖୋଲ ଥାନରେ ଏକ ମାମଲା ରୁଜୁ ହୋଇଛି । କୋଭିଡ ଟେଷ୍ଟ ପରେ ଦାଦନ ମଧ୍ୟସ୍ଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି ।

## ସୁକ୍‌ତେଲ ନଦୀଶଯ୍ୟାରେ ବିରଳ ଶିଳାଖଣ୍ଡ

**ଲୋଇସିଂହା, ୯।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୋପାଳପୁର-ଛେଲବାହାଲ ଗାଁ ନିକଟରେ ସୁକ୍‌ତେଲ ନଦୀ ପ୍ରବାହିତ ହେଉଛି । ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ବାଲି ମୁହାଣରେ କେତେକ ବିରଳ ଶିଳାଖଣ୍ଡ (ପ୍ରସ୍ତର) ଆବିଷ୍କୃତ ହୋଇଛି । କାରୁକାର୍ଯ୍ୟଭରା ବିରଳ ପ୍ରସ୍ତର ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି । ନଦୀଗର୍ଭରେ କୌଣସି କାରଣରୁ ଶୈବ କିମ୍ବା ଶକ୍ତିପୀଠ ପୋତି ହୋଇଥିବା ଅନୁମାନ କରାଯାଉଛି । ପ୍ରତ୍ନତତ୍ତ୍ୱ ବିଭାଗ ଏଠାରେ ଏକ ସର୍ବେକ୍ଷଣ କଲେ ଉପଯୁକ୍ତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

ସୂଚନା ଅନୁଯାୟୀ, କିଛିଦିନ ତଳେ ଉକ୍ତ ନଦୀର ବାଲିମୁହାଣରୁ ଜେସିବିରେ ବାଲି ସଂଗ୍ରହ ବେଳେ କେତେକ ପ୍ରସ୍ତର ଖଣ୍ଡ ଉଦ୍ଧାର ହୋଇଥିଲା । ଦୁଇରୁ ଅଢ଼େଇ ଫୁଟର ଏହି ପ୍ରସ୍ତରରେ ବହୁ ସୂକ୍ଷ୍ମ କାରୁକାର୍ଯ୍ୟ ଖୋଦିତ ହୋଇଛି, ଯେପରି ରାଣୀପୁର ଝରିଆଲ ଓ ଲିଙ୍ଗରାଜ ମନ୍ଦିରରେ କାରୁକାର୍ଯ୍ୟ ରହିଛି । ଏପରିକି କେତେକ ପ୍ରସ୍ତର ନଦୀର ପାଣି ଓ ବାଲିଶଯ୍ୟାରେ ପୋତି ହୋଇରହିଛି । ଖ୍ରୀଷ୍ଟାବ୍ଦ ଅଷ୍ଟମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ପାଟଣା ରାଜବଂଶ ଦ୍ୱାରା ଅନେକ ଶୈବ ଓ ଶକ୍ତିପୀଠ ପାଟଣା ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିଲା । ଅଷ୍ଟମ ଶତାବ୍ଦୀରେ ଏଠାରେ ଏକ ମନ୍ଦିର ଥିବା ପୂର୍ବଜମାନଙ୍କଠାରୁ ଶୁଣିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଛେଲବାହାଲ ଗାଁର ଯୁବ ଗବେଷକ ଶିବାନନ୍ଦ କର୍ମୀ କହିଛନ୍ତି, କିଛିଦିନ ତଳେ ସେଠାକୁ ସାଙ୍ଗମାନଙ୍କ ସହ ବୁଲି ଯାଇଥିବାବେଳେ ଏହା ଦୃଷ୍ଟିକୁ ଆସିଥିଲା । ଏହାପରେ ପ୍ରସ୍ତରର ଫଟୋ ଉତ୍ତୋଳନ କରି ରାଜ୍ୟ ସରକାରଙ୍କୁ ଅନୁଧ୍ୟାନ ପାଇଁ ଟୁଇଟ୍ କରିଥିବା ପ୍ରକାଶ କରିଛନ୍ତି ।





ନଦୀଶଯ୍ୟାରେ ଦୃଶ୍ୟମାନ ଶିଳାଖଣ୍ଡ ।

## ପୁଣି ଜଣେ କର୍ମଚାରୀଙ୍କ ଆତ୍ମହତ୍ୟା

**ସମ୍ବଲପୁର,୯।୧୧(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଲଜପତ ରାୟ (ଆଇନ) କଲେଜର ଅସ୍ଥାୟୀ କର୍ମଚାରୀ ଧର୍ମରାଜ ଦଲପତଙ୍କ ଆତ୍ମହତ୍ୟା ଘଟଣାର ଦୁଃଖ ନ ସରୁଣୁ ବିଶ୍ୱବିଦ୍ୟାଳୟର ଜଣେ ଅସ୍ଥାୟୀ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ବୁର୍ଲା ସହରର ଜଗୁମଣୀ ସୁନା (୫୦) । ସେ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି । ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚିକିତ୍ସା ପୂର୍ବରୁ ଜଗୁମଣୀଙ୍କ କରୋନା ଟେଷ୍ଟ କରାଯାଇଥିଲା । ରିପୋର୍ଟ ପଜିଟିଭ ଆସିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ନାହିଁ । ମଙ୍ଗଳବାର କରୋନା କଟକଣା ଅନୁସାରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ହୀରାକୁଦ ଏସଡିପିଓ ଶିଶୁରଞ୍ଜନ ମହାପାତ୍ର କହିଛନ୍ତି ।

ଏହି ଘଟଣା ପରେ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ କଲେଜରେ କାମ କରୁଥିବା ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆଇନ କଲେଜରେ ଧର୍ମରାଜ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାମ କରି ଆସୁଥିଲେ । ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ତାଙ୍କୁ ନିୟମିତ କରାଯିବା କଥା । ଏପରିକି ସରକାରଙ୍କ ଅନ୍ୟାନ୍ୟ ସୁବିଧା ସୁଯୋଗ ତାଙ୍କ ମିଳି ନ ଥିଲା । ବିଶ୍ୱ ବିଦ୍ୟାଳୟ ଅଧୀନରେ ଏଭଳି ଅନେକ କର୍ମଚାରୀ କାମ କରୁଥିଲେ ମଧ୍ୟ ନିୟମିତ କରାଯାଉ ନାହିଁ । ବାରମ୍ବାର ଏ ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଓ ଦାବିପତ୍ର ଦିଆଯାଉଛି । ରାଜ୍ୟ ସରକାରଙ୍କୁ ମଧ୍ୟ ଏ ନେଇ ଅବଗତ କରାଯାଇଛି । ହେଲେ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରାଯାଉ ନାହିଁ । ଫଳରେ ସାରା ଜୀବନ କମ୍ ଦରମା ଓ ଅନ୍ୟାନ୍ୟ ସରକାରୀ ସୁବିଧାର ବାଦ ପଡି କର୍ମଚାରୀମାନେ କାମ କରୁଛନ୍ତି । ମୃତ୍ୟୁ ପରେ ମଧ୍ୟ ତାଙ୍କୁ କୌଣସି ସୁବିଧା ଦିଆଯାଉ ନାହିଁ । ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ଦୀନବନ୍ଧୁ ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଆଲୋଚନା ହେବ । ଆସନ୍ତା ୨ ଦିନ ମଧ୍ୟରେ ଏ ସଂକ୍ରାନ୍ତରେ କି ପଦକ୍ଷେପ ଗ୍ରହଣ ହେବ ସଂଘ କର୍ମକର୍ତ୍ତାଙ୍କୁ ଅବଗତ କରାଯିବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଛନ୍ତି ।

> **କୁଳପତିଙ୍କୁ ଭେଟିଲେ କର୍ମଚାରୀ ସଂଘ କର୍ମକର୍ତ୍ତା**

## ପୋଖରୀ ପାଣି ପିଉଛନ୍ତି ପଡ଼ାବାସୀ

**ପଲମ, ୯।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ କର୍ମେଗାଁ ପଞ୍ଚାୟତସ୍ଥିତ ମୁରସିଂ ଗ୍ରାମ ତ୍ରିନାଥପଡାର ନଳକୂପ ଆଜକୁ ପ୍ରାୟ ବର୍ଷେ ହେବ ଅଚଳ ହୋଇ ପଡିରହିଛି । ନଳକୂପ ଖରାପ ଯୋଗୁ ଲୋକେ ପୋଖରୀ ପାଣି ବ୍ୟବହୃତ କରୁଛନ୍ତି । ଫଳରେ ଅନେକ ସଂକ୍ରାମକ ରୋଗ ହେବା ସମ୍ଭାବନା ଦେଖାଦେଇଛି । ମରାମତି ପାଇଁ ପଞ୍ଚାୟତକୁ ବାରମ୍ବାର ଦାବି କରିଥିଲେ ମଧ୍ୟ କରାଯାଉନାହିଁ । ପ୍ରାୟ ପଡାର ୩୦ ପରିବାର ଏହି ନଳକୂପ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଅଚଳ ହୋଇଯିବାରୁ ବାଧ ହୋଇ ପୋଖରୀ ପାଣି ବ୍ୟବହାର କରୁଛନ୍ତି । ଏ ନେଇ ପଡାର ଅନ୍ନ ଗହୀର, କବିତା ଗହୀର, ମନଦାର କରୁଆଁ, ସେବତୀ ମାଝି, ରଶ୍ମୀତା ବିଶ୍ୱାଳ, ପ୍ରେମଶୀଳା କରୁଆଁ, ଆନନ୍ଦିନୀ ନାଏକ, ଅନୀତା ମାଝି, କେତକୀ କରୁଆଁ, ସୁନନ୍ଦା ମାଝି ପ୍ରମୁଖ ମହିଳା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏ ବାବଦ ନେଇ ନର୍ଲା ବିଡିଓ ଡ.ବ୍ୟାସଦେବ ବେହେରାଙ୍କ ମତାମତ ନେବାରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ତଦନ୍ତ ପାଇଁ ପଠାଇ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।

> **ବର୍ଷେ ହେବ ନଳକୂପ ଅଚଳ**

## ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତିବାଦରେ ଶୋଭାଯାତ୍ରା

**ବରଗଡ଼ ଅଫିସ,୯।୧୧**

ଛାତ୍ରୀଛାତ୍ର କମ୍ ଥିବା ଦର୍ଶାଇ ସରକାର ରାଜ୍ୟର ବିଭିନ୍ନ ପ୍ରାଥମିକ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ସୋମବାର ଆମ୍ ଆଦମୀ ପାର୍ଟି ନେତୃତ୍ୱରେ ବରଗଡ଼ରେ ବିକ୍ଷୋଭ ଶୋଭାଯାତ୍ରା ସହିତ ଜିଲାପାଳଙ୍କ ଅଫିସ ଆଗରେ ଶତାଧିକ ଅଭିଭାବକ ଧାରଣା ଦେଇଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ସୂଚନା ଅନୁଯାୟୀ, ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା ଉଲ୍ଲେଖ କରି ବରଗଡ଼ ଜିଲାର ୨୭୩ଟି ପ୍ରାଥମିକ ସ୍କୁଲକୁ ବନ୍ଦ କରିବା ପାଇଁ ମସୁଧା ଚାଲିଛି । ଏହା ଜଣାପଡିବା ପରେ ସମ୍ପୃକ୍ତ ଅଞ୍ଚଳର ଲୋକେ ସେମାନଙ୍କ ପିଲାଙ୍କ ପାଠପଢ଼ା ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି । ସ୍କୁଲ ବନ୍ଦ ହେଲେ ସେମାନଙ୍କ ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା ରହିଛି । ଫଳରେ ସ୍କୁଲକୁ ବନ୍ଦ ନ କରିବା ପାଇଁ ଅଭିଭାବକମାନେ ଦାବି କରିଆସୁଛନ୍ତି । ଏହି କ୍ରମରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରୁ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଭାବକମାନେ ଗାନ୍ଧୀଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ ଏବଂ ସେଠାରେ ଧାରଣାରେ ବସିଥିଲେ । ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ଅସିତ ସାହୁ, ପବିତ୍ର ଦେହେରୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।





ସ୍କୁଲ ବନ୍ଦ ନ କରିବା ଦବିରେ ବରଗଡ଼ରେ ଅଭିଭାବକଙ୍କ ବିକ୍ଷୋଭ ଶୋଭାଯାତ୍ରା ।

## ମୁଖ୍ୟରାସ୍ତା କଡ଼ ପାଲଟିଛି ଆବର୍ଜନା କୁଣ୍ଡ

**ଦେଓଗାଁ:** ଦେଓଗାଁ ବ୍ଲକ କାର୍ଯ୍ୟାଳୟ ଓ ଯୋଗୀସାଗର ଛକ ରାସ୍ତା ଆବର୍ଜନା କୁଣ୍ଡ ପାଲଟିଛି। ଗାଁର ଅନେକ ପରିବାର ଏହି ସ୍ଥାନରେ ପ୍ରତ୍ୟହ ଘରୁ ଆବର୍ଜନା ଆଣି ପକାଉଥିବାରୁ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ନିକଟରେ ରହୁଥିବା ଲୋକଙ୍କ ସହ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଭାବିତ ଲୋକେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ହେଁ ଏ ଦିଗରେ କର୍ଣ୍ଣପାତ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଜହ୍ନାପଙ୍କ ଅଞ୍ଚଳରେ ସିରିଜ୍ ଚୋରି

ଜହ୍ନାପଙ୍କ, ୯।୧୧ (ଡି.ଏନ.ଏ)
ବୌଦ୍ଧ ଥାନା ଅନ୍ତର୍ଗତ ପଦ୍ମନପୁର ପଞ୍ଚାୟତ ବୁଢ଼ିପଦର ଗ୍ରାମର କପିଳ ଭୋକ୍ତାଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଏକ ଟୁଲୁ ପମ୍ପ, ମୋବାଇଲ ଓ ନଗଦ ୧୨ଶହ ଟଙ୍କା ଚୋରି ହୋଇଛି । ସେହିପରି ଗାଁର କମ୍ପୁ ପାଣ୍ଡେଙ୍କର ମଧ ଏକ ଟୁଲୁ ପମ୍ପ ଚୋରି ହୋଇଥିବା ସୂଚନା ମିଳିଛି । ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଜାମ୍ବୁବନ୍ଧରୁ ପୋଡାବଳସ ଗାଁର ଜଣେ ବ୍ୟକ୍ତି ମାଛ ଚୋରି ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଛନ୍ତି ।

### ରେଲୱେ ଓଭର ବ୍ରିଜ୍ ଅଧାପନ୍ତରିଆ

ବରପାଲି, ୯।୧୧ (ଡି.ଏନ.ଏ.)
ବରଗଡ ଜିଲା ବରପାଲି ରେଲୱେ ଓଭରବ୍ରିଜ କାମ ଅଧାପନ୍ତରିଆ ହୋଇ ପଡିରହିଛି। ୨୦୧୭ ମସିହାରୁ କାମ ଆରମ୍ଭ ହୋଇଥିଲେ ମଧ ନିର୍ମାଣ କାମ ସରି ପାରୁ ନାହିଁ। ଜମି ଅଧିଗ୍ରହଣ ସମସ୍ୟା ଯୋଗୁ କାମ ଆଗେଇ ପାରୁ ନ ଥିବା କୁହାଯାଉଛି। ଏହି ପରିସ୍ଥିତିରେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର କାମ ବନ୍ଦ କରି ଦେଇଛନ୍ତି । ଫଳରେ ବ୍ରିଜର ଉଭୟ ପାର୍ଶ୍ୱରେ ଥିବା କାମଚଳା ରାସ୍ତା କର୍ଦ୍ଦମାକ୍ତ ହୋଇ ଯିବା ଆସିବାରେ ବାଧକ ସାଜିଛି । କେବଳ ସେତିକି ନୁହେଁ ରାସ୍ତାରେ ଧୂଳିଉଡି ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଏନେଇ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପରେ ବି ତାହା ସମୟ ସୀମା ମଧରେ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଏବେ ଭାଜପା ପକ୍ଷରୁ କାମଚଳା ରାସ୍ତାକୁ ପିଚୁ କରି କାର୍ଯ୍ୟକ୍ଷମ କରା ନ ଗଲେ ଭାଜପା ଆନ୍ଦୋଳନ କରାଯିବ ବୋଲି ନଗର ସଭାପତି ପଦ୍ମଲୋଚନ ସାହୁ କହିଛନ୍ତି।

### ଅପହରଣ ଅଭିଯୋଗ କଲେ ବଡ଼ଭାଇ

ଦେଓଗାଁ, ୯।୧୧ (ଡି.ଏନ.ଏ.)
ଦେଓଗାଁ ଥାନା ହାତିସରାରୁ ନିଖୋଜ ସୁନା କାରିଗର ଗଜାନନ ମେହେରଙ୍କୁ ଅପହରଣ କରାଯାଇଛି। ଗଜାନନଙ୍କ ବଡଭାଇ ଗୌତମ ମେହେର ଏ ନେଇ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ସାରସବାହାଲର ଜଣେ ବ୍ୟକ୍ତି ତଙ୍କୁ ଭାଇଙ୍କୁ ଅପହଣ କରିନେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଗୌତମଙ୍କ ଅଭିଯୋଗ ଅନୁସାରେ ଗତ ଶୁକ୍ରବାର ସକାଳେ ପାଟଣାଗଡ ଯାଉଛି କହି ଘରୁ ବାହାରିଥିଲେ ଗଜାନନ। ଶିବତଲା ନିକଟରେ ସେ ଥିବା ବେଳେ ଫୋନ କରିବାରୁ ସାରସବାହାଲର ଜଣେ ବ୍ୟକ୍ତିଙ୍କ ସହ ଯାଉଛୁ ବୋଲି କହିଥିଲା । ତେବେ ଏବେ ଉକ୍ତ ବ୍ୟକ୍ତି ଜଣକ ଏବେ ଗାଁକୁ ଆସୁ ନାହାନ୍ତି। ଏଣୁ ସମ୍ପୃକ୍ତ ବ୍ୟକ୍ତି ହିଁ ମୋ ଭାଇ ନିଖୋଜର ମୂଳ କାରଣ ବୋଲି ଅଭିଯୋଗ କରି ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏ ନେଇ ଥାନାଧିକାରୀ ରଞ୍ଜନ କୁମାର ବରିହାଙ୍କୁ ପଚାରିବାରୁ ଅଭିଯୋଗ ଅନୁସାରେ ତଦନ୍ତ ଆରମ୍ଭ କରିଛୁ।

### କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

ଜୁନାଗଡ, ୯।୧୧ (ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ସହରରେ ଦୀର୍ଘ ଦଶନ୍ଧି ପରେ ସୋମବାର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଆତ୍ମାର ଅଧକ୍ଷ ଅଶୋକ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ କୋଠା ଉଦ୍‌ଘାଟନ କରିଥିଲେ। ଅଞ୍ଚଳର କୃଷିର ବିକାଶ ଓ କୃଷକଙ୍କ ଉନ୍ନତି ପାଇଁ ସବୁବେଳେ ସେ ଚେଷ୍ଟିତ ବୋଲି ମନ୍ତ୍ରୀ କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭବାନୀପାଟଣା ବ୍ଲକ ଉପାଧକ୍ଷ ସଚିତାନନ୍ଦ ମହାକୁଡ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ନରେନ୍ଦ୍ର କୁମାର ବେହେରା, କୃଷି ଯନ୍ତ୍ରୀ ପରିଚାଳକ ଇଂ. ରାଜକିଶୋର ସାହୁ, ଜୁନାଗଡ କୃଷି ଜିଲା ଅଧିକାରୀ କାମେଶ୍ୱର ମଲ୍ଲିକ, ସହକାରୀ କୃଷି ଅଧିକାରୀ ଗଜାନନ ସାହୁ, ନୌକେଶ୍ୱର ନାଗ, ସହକାରୀ ଉଦ୍ୟାନ ଅଧିକାରୀ ତନ୍ମୟ କୁମାର ମିଶ୍ର, ବିଭିଓ ପ୍ରସନ୍ନ କୁମାର ଦାଶ, ବ୍ଲକ କୃଷି ଉପଦେଷ୍ଟା ମଣ୍ଡଳୀର ସଦସ୍ୟା ମନିଷା ସାହୁ, ସଦସ୍ୟ ଆଦିତ୍ୟ ସାହୁ, ସୁଶାନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀ, ବିଏଫଏସି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଏମ୍‌ପି

ସୋନପୁର,୯।୧୧(ନି.ପ୍ର.)

ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ କୋଅର୍ଡିନେଶନ ଆଣ୍ଡ ମନିଟରିଂ କମିଟି(ଦିଶା) ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦିଶା କମିଟି ଅଧକ୍ଷ ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏଥିରେ ଅଧକ୍ଷତା କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସେ ସମୀକ୍ଷା କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ସହ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିବାକୁ କହିଥିଲେ। ଶିଶୁଙ୍କୁ ଯୋଗାଉ ଦିଆ ଯାଇଥିବା ଛତୁଆର ମାନ ଯେପରି ଠିକ୍ ରହେ ଅଧିକାରୀମାନେ ଯତ୍ନବାନ ହେବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷରେ ୪୪୨୪.୪୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଓ ୧୮.୭୩ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇଥିବା ସୂଚନା ଦିଆଯାଇଥିଲା। ଏହି ଯୋଜନାରେ ସ୍ୱଚ୍ଛତା ବଜାୟ ରଖିବା ସହ ଗୁହାଳ ଘର ନିର୍ମାଣ, ଗ୍ରାମାଞ୍ଚଳରେ ଖେଳ ପଡିଆ, ପାର୍କ ନିର୍ମାଣ ଓ ଲେମନ ଗ୍ରାସ ଚାଷ କରିବା ଉପରେ ଏମ୍‌ପି ଗୁରୁତ୍ୱ ଦେଇଥିଲେ। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା(ଏନଆରଏଲଏମ), ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା(ଡିଡିୟୁ-ଜିକେୱାଇ)ରେ ଜିଲାର ବାଉଁଶ କାରିଗରଙ୍କ ଦକ୍ଷତା ବୃଦ୍ଧି ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନଏସଏପି), ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମନ୍ୱିତ ଜଳବିଭାଜିକା ପରିଚାଳନା ଯୋଜନା, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମଗ୍ର ଶିକ୍ଷା ଅଭିଯାନ, ମଧାହ୍ନ ଭୋଜନ ଯୋଜନା ସମେତ ପୂର୍ତ୍ତ ଓ ଗୃହ ନିର୍ମାଣ, ଜଙ୍ଗଲ, ଯୋଗାଣ, ସମବାୟ, ପ୍ରାଣୀସମ୍ପଦ, ଶ୍ରମ ବିଭାଗ, ଜଳସେଚନ, କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ସମ୍ପଦ ଓ ଜାତୀୟ ରାଜପଥ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲାପାଳ ମୋନିଷା ବାନାର୍ଜୀ, ପିଡି ଡିଆରଡିଏ ଡୋଳାମଣି ପୁଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସମସ୍ତ ବିଡିଓ, ବୀରମହାରାଜପୁର ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ, ତରଭା ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ ଓ ଉଲୁଣ୍ଡା ବ୍ଲକ ମିତାଲି ମହାକୁରଙ୍କ ସମେତ ଜିଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । କୋଭିଡ କଟକଣା ଯୋଗୁଁ ଭର୍ଚୁଆଲ ମୋଡରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।



ଦିଶା ବୈଠକରେ ଏମ୍‌ପି, ଜିଲାପାଳ ଓ ପିଡି ଡିଆରଡିଏ ।

## ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବି

ନାକଟୀଦେଉଳ, ୯।୧୧(ଡି.ଏନ.ଏ.)

ରାଜ୍ୟରେ ବର୍ଦ୍ଧିତ ବିଦ୍ୟୁତ ଦର ପ୍ରତ୍ୟାହାର ଦାବି ନେଇ ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଆମ ଆଦମୀ ପାର୍ଟି ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ସମୟରେ ଲୋକଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ପଡ଼ିଥିବା ବେଳେ ସରକାରଙ୍କ ଏ ପ୍ରକାର ନିଷ୍ପତ୍ତି ଜନତାଙ୍କ ସହିତ ବିଶ୍ୱାସଘାତକତା ସଦୃଶ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଗତ ୫ବର୍ଷରେ ରାଜ୍ୟରେ ଏହା ଦ୍ୱିତୀୟ ବିଦ୍ୟୁତ୍ ଦର ବୃଦ୍ଧି। ବିଦ୍ୟୁତ୍ ସେବାରେ ସେବାରେ ସୁଧାର ନ ଆଣି ବିତରଣ କମ୍ପାନୀଙ୍କ ସ୍ୱାର୍ଥରେ ଦରବୃଦ୍ଧିକୁ ଦଳ ପକ୍ଷରୁ ବିରୋଧ କରାଯାଉଛି। ବର୍ଦ୍ଧିତ ବିଦ୍ୟୁତ ଦର ପ୍ରତ୍ୟାହାର କରିବା ସହ ସରକାର କମ୍ପାନୀମାନଙ୍କ ଅପାରଗତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି । ଦଳର ବ୍ଲକ ଆବାହକ ଅରୁଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଥିଲା।

# ଛଟ୍ ପୂଜା ଅନୁମତି ପାଇଁ ଜିଲାପାଳଙ୍କୁ ଫେରାଦ


ସୋମବାର ମିଳିତ ଛଟ୍ ପୂଜା କ୍ରିୟାନୁଷ୍ଠାନ କମିଟି ସଭ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି ।

ସମ୍ବଲପୁର, ୯।୧୧ (ବ୍ୟୁରୋ)

ଐତିହାସିକ ସମ୍ବଲପୁର ସହର ସଂସ୍କୃତି ଓ ପରମ୍ପରାକୁ ନେଇ ସ୍ୱତନ୍ତ୍ର ପରିଚୟ ବହନ କରିଆସୁଛି । କରୋନା କଟକଣା ଯୋଗୁ ଚଳିତ ବର୍ଷ ଅନେକ ପରମ୍ପରାକୁ ଜନସାଧାରଣ ନିରାଡମ୍ବର ଭାବେ ପାଳନ କରିଛନ୍ତି । ତେଣୁ କୋଭିଡ-୧୯କୁ ଦୃଷ୍ଟିରେ ରଖି କିଭଳି ଭାବେ ଛଟ୍ ପୂଜା ପାଳନ କରାଯିବ, ସେ ନେଇ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ଜରୁରୀ । ଏ ନେଇ ସୋମବାର ସମ୍ବଲପୁର ମିଳିତ ଛଟ୍ ପୂଜା କ୍ରିୟାନୁଷ୍ଠାନ କମିଟି ସଭ୍ୟମାନେ ଜିଲାପାଳ ଶୁଭମ ସକସେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବରେଇପାଲି ନାଗେଶ୍ୱର ଧାମ, କଦମମାଲ, ଚନ୍ଦନନଗର ମନ୍ଦଲିଆ, ଅଇଁଠାପାଲି, ରେମେଡ ଛକ ଆଦି ଅଞ୍ଚଳରେ ଛଟ୍ ପୂଜା ହୋଇଥାଏ । ସହରର ଶହସ୍ରାଧିକ ଭକ୍ତ ଏଥିରେ ସାମିଲ ହୋଇଥାନ୍ତି । ଭକ୍ତଙ୍କ ଭାବନାକୁ ବିଚାର କରି ଜିଲା ପ୍ରଶାସନ ଛଟ୍ ପୂଜା ଲାଗି ଅନୁମତି ପ୍ରଦାନ କରିବାକୁ ସଭ୍ୟମାନେ ଅନୁରୋଧ କରିଛନ୍ତି । ପ୍ରତିନିଧି ଦଳରେ ଶିବଶମ୍ଭୁ ଯାଦବ, ସନ୍ତୋଷ କୁମାର ସାହୁ, ଗିରୀଶ ପଟେଲ, ଅଶ୍ୱିନୀ କୁମାର ମାଝୀ, ନୀଳାମ୍ବର ସିକନ୍ଦର, ମହେନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ସରକାରୀ ଜମି ଜବରଦଖଲ, କାର୍ଯ୍ୟାନୁଷ୍ଠାନ ହେଉନି

ଲୋଇସିଂହା,୯।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ରୁଗୁଡ଼ିଖାଲଠାରେ ସରକାରୀ ଜମି ଜବରଦଖଲ ବୃଦ୍ଧି ପାଇଛି। ପ୍ରଶାସନ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନ ନେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ସୋମବାର ସେମାନେ ତହସିଲଦାରଙ୍କ ଅନୁପସ୍ଥିତିରେ ତହସିଲ ଅଫିସର ବରିଷ୍ଠ କିରାଣିଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତଦନ୍ତ କରି ଆରଆଇ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ଅଭିଯୋଗକାରୀଙ୍କୁ କହିଥିଲେ। ଲୋଇସିଂହା ତହସିଲ ଅଧୀନ ବୁଢ଼ୀପଦର ମୌଜା ରୁଗୁଡିଖାଲ, ଖାତା ନଂ ୧୩୦ର ପ୍ଲଟ ନଂ. ୧୦, ୧୧, ୧୩, ୧୮, ୧୯, ୨୦ ଗୁଡିକ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡ଼ରେ ରହିଛି । ଉପରୋକ୍ତ ସରକାରୀ ଜମି ଉପରେ କେତେକ ଜବରଦଖଲ କରି ଦୋକାନ ଗୃହ ନିର୍ମାଣ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ମହିଳା ଫାର୍ମାସିଷ୍ଟଙ୍କୁ ଛୁରାମାଡ଼

ତରଭା, ୯।୧୧(ଡି.ଏନ.ଏ.)


ଛୁରାମାଡ଼ରେ ଆହତ ଫାର୍ମାସିଷ୍ଟ ସ୍ୱାତୀ ସୁଯୋଜିତା ବାଘେଲ।

- ଆକ୍ରମଣକାରୀଙ୍କ ଥାନାରେ ଆତ୍ମସମର୍ପଣ
- ଅଶ୍ଳୀଳ ଭାଷା ପ୍ରୟୋଗ କରି ଅପମାନିତ କରୁଥିଲେ ଅଭିଯୁକ୍ତ

ସୁବର୍ଣ୍ଣପୁର ଜିଲା ତରଭା ଡାକ୍ତରଖାନାର ଫାର୍ମାସିଷ୍ଟ ସ୍ୱାତୀ ସୁଯୋଜିତା ବାଘେଲଙ୍କୁ ସୋମବାର ସନ୍ଧ୍ୟାରେ ଛୁରାମାଡ଼ ହୋଇଛି। ଡାକ୍ତରଖାନାର ଏମଏଚ୍‌ୟୁ (ମୋବାଇଲ ହେଲ୍‌ଥ ୟୁନିଟ୍)ର ଡ୍ରାଇଭର କିଶୋର ମହାପାତ୍ର ତାଙ୍କୁ ଛୁରା ମାଡ କରିଛନ୍ତି। ପୂର୍ବରୁ ହୋଇଥିବା ବଚସାକୁ କେନ୍ଦ୍ରକରି ସେ ଆଉଟଡୋର ସାମ୍ନାରେ ସ୍ୱାତୀଙ୍କୁ ଆକ୍ରମଣ କରିଛନ୍ତି। ତାଙ୍କ ନାକ, ମୁହଁ ଓ ଅଣ୍ଟାରେ ଆଘାତ ଲାଗିଛି। ସିକ୍ୟୁରିଟି ଗାର୍ଡ ସୁଜିତ ବରର୍ତ୍ତି ସ୍ୱାତୀଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଏହି ଘଟଣା ପରେ ଅଭିଯୁକ୍ତ କିଶୋର ଥାନାକୁ ଯାଇ ଆତ୍ମସମର୍ପଣ କରିଛନ୍ତି। ପୋଲିସ ବ୍ୟବହୃତ ଛୁରା ଜବତ କରିଛି। ସ୍ୱାତୀଙ୍କ ଭାଇ ସୌରଭଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, କିଶୋର ଏମଏଚ୍‌ୟୁ ଗାଡ଼ି ଚଳାନ୍ତି । ସେହି ଗାଡ଼ିରେ ସ୍ୱାତୀଙ୍କ ସହିତ ଅନ୍ୟଜଣେ ମହିଳା କର୍ମୀ ପ୍ରତିଦିନ ବିଭିନ୍ନ ଗ୍ରାମକୁ ଯାଇ ରୋଗୀ ସେବା କରୁଥିଲେ। ହେଲେ କିଶୋର ବିଭିନ୍ନ ସମୟରେ ସ୍ୱାତୀଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗ କରି ଲଜ୍ଜିତ କରିଥାନ୍ତି । କିଶୋରଙ୍କ ଏପରି ବ୍ୟବହାର ଅସହ୍ୟ ହେବାରୁ ସେ ଏ ସଂକ୍ରାନ୍ତରେ ତରଭା ମେଡିକାଲ ଅଫିସର ଉମେଶ ଚନ୍ଦ୍ର ଜେନାଙ୍କ ପାଖରେ ଗତ ୬ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ମେଡିକାଲ ଅଫିସର ଏକ ଟିମ୍ ଗଠନ କରିଥିଲେ। ସୋମବାର ଉକ୍ତ ଅଭିଯୋଗ ସମ୍ପର୍କରେ ଡ. ଚିରଞ୍ଜିବୀ ପଧାନ, ବିପିଏମ୍ ପ୍ରିୟରଞ୍ଜନ ସାହୁ, ଏଏନ୍‌ଏମ୍ ରୀତା ମେହେର ପ୍ରମୁଖ ଉଭୟଙ୍କୁ ଡକାଇ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ହେଲେ କିଶୋର 'ଏକତରଫା ଭାବେ ଫାର୍ମାସିଷ୍ଟଙ୍କ ସପକ୍ଷରେ କହୁଛ' କହି ବାହାରକୁ ପଳାଇ ଆସିଥିଲେ। ଫଳରେ ମିଟିଂ ସ୍ଥଗିତ ରଖି ସମସ୍ତେ ବାହାରକୁ ଆସିଥିଲେ। ଏହି ସମୟରେ କିଶୋର ଅତର୍କିତ ଭାବେ ସ୍ୱାତୀଙ୍କୁ ଛୁରାମାଡ଼ କରିଥିଲେ। ଏ ନେଇ ତରଭା ଥାନାରେ ଦଫା ୩୦୭, ୩୨୩, ୩୨୪, ୩୪୧ରେ ଏକ ମାମଲା(ନଂ.୧୯୧/୨୦)ରୁଜୁ ହୋଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଡୋଳାମଣି ଭୋଇ କହିଛନ୍ତି।


ସମ୍ବଲପୁର ଜିଲା ଜମନକିରା ବ୍ଲକ ମୁଣ୍ଡେନପାଲି ଆମ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଏକ ଗୋଷ୍ଠୀର ମହିଳାମାନେ ।

# ଅଙ୍ଗନୱାଡି ସହାୟିକା ନିଯୁକ୍ତିକୁ ନେଇ ବିବାଦ

ସମ୍ବଲପୁର,୯।୧୧(ବ୍ୟୁରୋ)

ଜମନକିରା ବ୍ଲକ ମୁଣ୍ଡେନପାଲି ଅଙ୍ଗନୱାଡି କେନ୍ଦ୍ର-୨ ସହାୟିକା ନିଯୁକ୍ତି ପ୍ରକ୍ରିୟାକୁ ନେଇ ବିବାଦ ସୃଷ୍ଟି ହୋଇଛି । ସୋମବାର ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ଗ୍ରାମର ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହାକୁ ନେଇ ସେମାନେ କୁଚିଣ୍ଡା ଉପଜିଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି । ଖାଲି ପଡିଥିବା ସହାୟିକା ପଦ ପାଇଁ ସୋମବାର ଧାର୍ଯ୍ୟ କରାଯାଇଥିଲା । ଶିଶୁ ବିକାଶ ପ୍ରକଳ୍ପ ଜମନକିରା ବ୍ଲକ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଧାର୍ଯ୍ୟ ସମୟ ଅନୁସାରେ ୫ଜଣ ପ୍ରାର୍ଥୀନୀ ଭାଗ ନେଇଥିଲେ । ଉକ୍ତ ବିଜ୍ଞପ୍ତିରେ ମହିଳାମାନଙ୍କ ବୈଠକରେ ଯାହାକୁ ଚୟନ କରାଯିବ ତାଙ୍କୁ ନିଯୁକ୍ତି କରାଯିବ ବୋଲି ଉଲ୍ଲେଖ ରହିଛି । ହେଲେ ଦାୟିତ୍ୱରେ ଥିବା ସୁପରଭାଇଜର ପରୀକ୍ଷା କରାଇଥିଲେ । ସେମାନେ ଜଣେ ପ୍ରାର୍ଥୀନୀଙ୍କୁ ପ୍ରଶ୍ନର ଉତ୍ତର ବତାଇ ଦେବା ସହ ଅନୁକମ୍ପା ଦେଖାଉଛନ୍ତି । ଗୋଟିଏ ଗୋଷ୍ଠୀର ମହିଳାଙ୍କୁ ଉକ୍ତ କୋଠରୀରେ ବସିବାକୁ ଅନୁମତି ଦିଆଯାଇଥିଲା । ଲିଖିତ ଓ ମୌଖିକ ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା । ଏହି ପ୍ରକ୍ରିୟାକୁ ବାତିଲ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଲିଲିମା ମିର୍ଦ୍ଧା, କଲ୍ୟାଣୀ ମିର୍ଦ୍ଧା, ରୀନା ମାଝି, ରାଇମତି ମିର୍ଦ୍ଧା, ଉଷା କିଶାନ ପ୍ରମୁଖ ଏହି ଦାବିପତ୍ରରେ ଦସ୍ତଖତ କରିଛନ୍ତି । ସିଡିପିଓ ଜୟଶ୍ରୀ ପଟ୍ଟନାୟକ କହିଛନ୍ତି, ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା କରାଯିବ ନାହିଁ । ବିଜ୍ଞପ୍ତି ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି । ଅଧିକ ପ୍ରାର୍ଥୀ ଆବେଦନ କରିଥିବାରୁ ଚୟନ ପ୍ରକ୍ରିୟା କରାଯାଉଛି ।

# ଶ୍ରମିକ ସମାଜ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପ୍ରତି ବିପଦ ସୃଷ୍ଟି ହୋଇଛି

ରାଉରକେଲା ଅଫିସ,୯।୧୧

ସଂପ୍ରତି ଦେଶର ଶ୍ରମିକ ସମାଜ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏକ ଘଡ଼ିସନ୍ଧି ସମୟ ଦେଇ ଗତିକରୁଛି। ଏଥିପ୍ରତି ସୃଷ୍ଟି ହୋଇଥିବା ବିପଦକୁ ମୁକାବିଲା କରିବାକୁ ପଡ଼ିବ। ଏନେଇ ଶ୍ରମିକ ସମାଜକୁ ଏକତ୍ରିତ ହେବାକୁ ପଡ଼ିବ ବୋଲି ରାଉରକେଲା ଶ୍ରମିକ ସଂଘ ଆନୁକୂଲ୍ୟରେ ସୋମବାର ଆୟୋଜିତ ବୈଠକରେ ମତ ପ୍ରକାଶ ପାଇଛି । ୟୁନିୟନ ସଭାନେତ୍ରୀ ଡିଏସ୍ ପାନିକର କହିଲେ, ଆଗାମୀ ଇସ୍ପାତ କାରଖାନା ଶ୍ରମିକ ସ୍ୱୀକୃତି ନିର୍ବାଚନରେ ଅହଂକାରୀଙ୍କୁ ମୂଳୋତ୍ପାଟନ କରିବାର ସମୟ ଆସିଛି। ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଇସ୍ପାତ ଶ୍ରମିକଙ୍କ ହକ୍ ପାଇଁ ଐକ୍ୟବଦ୍ଧ ଆନ୍ଦୋଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସର ନବ ନିଯୁକ୍ତ ସଭାପତି ଜର୍ଜ ତିର୍କୀ ଶ୍ରମିକ ସମାଜ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଦୁଃସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ସେ କହିଲେ, ମିଥ୍ୟା ପ୍ରତିଶ୍ରୁତି ଦେଇ ଶ୍ରମିକଙ୍କୁ ବିଭ୍ରାନ୍ତ କରୁଥିବା ଓ ଧୋକା ଦେଇଥିବା ଶ୍ରମିକ ସଙ୍ଗଠନ କ୍ଷମତାରେ ରହିବାକୁ ଲାଳାୟିତ ହେବା ଅତ୍ୟନ୍ତ ହାସ୍ୟାସ୍ପଦ କଥା। ଆସନ୍ତା ସ୍ୱୀକୃତି ନିର୍ବାଚନରେ ତଥାକଥିତ ୟୁନିୟନକୁ କଡା ଜବାବ ଦେବାକୁ ସମସ୍ତେ ପ୍ରସ୍ତୁତ ରହିବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ତିର୍କୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶ୍ରମିକ ସଂଘ ନେତ୍ରୀ ପାନିକର ଓ ସାଧାରଣ ସମ୍ପାଦକ ବେହେରା ଜର୍ଜଙ୍କୁ ଜଣେ ଟାଣୁଆ ସଂଗ୍ରାମୀ ନେତା ଭାବେ ଅଭିହିତ କରିଥିଲେ। ତାଙ୍କ ନେତୃତ୍ୱରେ ଆଗାମୀ ଦିନରେ ଶ୍ରମିକଙ୍କ ହକ୍ ଆଦାୟ କରାଯାଇ ପାରିବ ବୋଲି ଉଭୟ ଶ୍ରମିକ ନେତା କହିଥିଲେ । ଏହି କାର୍ଯ୍ୟକ୍ରମରେ ଆରଏସ୍ଏସ୍ ୟୁନିୟନର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମିନି ଷ୍ଟାଡିୟମର ୨୦ଲକ୍ଷ ଅନୁଦାନ ହେରଫେର

ବଲାଙ୍ଗୀର ଅଫିସ/ଗୁଡଭେଲା, ୯।୧୧ (ଡି.ଏନ୍.ଏ.)

- ଜିଲାପାଳଙ୍କୁ ଅଭିଯୋଗ କଲେ ଗୁଡଭେଲା ବ୍ଲକ ଅଧକ୍ଷ
- ଦୁଇଜଣ ବ୍ୟକ୍ତି ଉଠାଇଛନ୍ତି ୮ ଲକ୍ଷ ୬୧ ହଜାର
- ଏମ୍‌ଡିଏମ୍ ଆକାଉଣ୍ଟକୁ ୧୧ ଲକ୍ଷ ୫୬ ହଜାର ସ୍ଥାନାନ୍ତର
- ସ୍ପୋର୍ଟ୍ସ ଗ୍ରାଣ୍ଡ ଆକାଉଣ୍ଟ ବନ୍ଦ ଅଭିଯୋଗ

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍‌ରେ ମିନି ଷ୍ଟାଡିୟମ ନିର୍ମାଣ ହୋଇନାହିଁ। ହେଲେ ଏହାର ଅନୁଦାନ ଅର୍ଥ ହେରଫେର କରାଯାଇଛି । ଗୁଡଭେଲା ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ଦୋରା ଏ ନେଇ ସୋମବାର ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଅନୁଦାନ ଅର୍ଥ ହେରଫେର ଘଟଣାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି ।

ଗୁଡଭେଲା ବ୍ଲକରେ ଏକ ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ୨୦୧୭ ମସିହାରେ ୨୦ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ତତ୍କାଳୀନ ବିଡିଓ ବିଜ୍ଞାନ କୁମ୍ଭାର (ବର୍ତ୍ତମାନ ନୂଆପଡା ଜିଲାରେ ଡେପୁଟି କଲେକ୍ଟର) ତୁଷରା ଆନ୍ଧ୍ରବ୍ୟାଙ୍କରେ ସ୍ପୋର୍ଟ ଗ୍ରାଣ୍ଟ ଗୁଡଭେଲା ବିଡିଓ ନାଁରେ ଏକ ଆକାଉଣ୍ଟ ଖୋଲି ଉକ୍ତ ଅନୁଦାନ ଟଙ୍କା ଜମା କରିଥିଲେ। ଗତ ଜାନୁୟାରୀ ମାସ ୭ତାରିଖରେ ଜିଲାପାଳ କାର୍ଯ୍ୟାଳୟ ଚିଠି ଅନୁଯାୟୀ ଆନ୍ଧ୍ରବ୍ୟାଙ୍କରେ ଥିବା ସ୍ପୋର୍ଟସ ଆକାଉଣ୍ଟର ଷ୍ଟେଟ୍‌ମେଣ୍ଟରୁ ଜଣାପଡିଥିଲା ଯେ, ଉକ୍ତ ଆକାଉଣ୍ଟରୁ ମନୋଜ କୁମାର ସାଙ୍କ ନାଁରେ ଏକ ଚେକ୍ ଜରିଆରେ ୫ ଲକ୍ଷ ୨ ହଜାର ୨୫୦ ଓ କରୁଣାକର ସାହୁଙ୍କ ନାଁରେ ଏକ ଚେକ୍ ଜରିଆରେ ୩ ଲକ୍ଷ ୫୯ ହଜାର ୬ ଟଙ୍କା ଏଭଳିକି ସମୁଦାୟ ୮ ଲକ୍ଷ ୬୧ ହଜାର ୨୫୬ ଟଙ୍କା ଉଠାଣ କରାଯାଇଛି । ସୁଧ ସହିତ ବଳକା ଥିବା ୧୧ ଲକ୍ଷ ୫୬ ହଜାର ୨୨୪ ଟଙ୍କାକୁ ଗୁଡଭେଲା ବିଡିଓଙ୍କ ଏମ୍‌ଡିଏମ୍ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇ ସ୍ପୋର୍ଟସ ଆକାଉଣ୍ଟକୁ ବନ୍ଦ କରି ଦିଆଯାଇଛି। ଉଠାଣ ହୋଇଥିବା ଉକ୍ତ ୮ ଲକ୍ଷ ୬୧ ହଜାର ଟଙ୍କାର କୌଣସି ଭାଉଚର, ଡକ୍ୟୁମେଣ୍ଟ କି କେଶ୍ ରେକର୍ଡ ଅଫିସରେ ନାହିଁ କି ମିନି ଷ୍ଟାଡିୟମ ନିର୍ମାଣ ଖର୍ଚ୍ଚରେ ଲାଗିନାହିଁ ବୋଲି ଅଭିଯୋଗକାରୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୬-୧୭ ଓ ୨୦୧୭-୧୮ ମସିହାରେ ବିଜ୍ଞାନ କୁମ୍ଭାର ବିଡିଓ ଥିବାବେଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବ୍ଲକ୍‌ରେ ସ୍ପେଶାଲ ଅଡିଟ୍ କରାଯାଇଥିଲା । ଏ ପର୍ଯ୍ୟନ୍ତ ଏହି ସ୍ପେଶାଲ ଅଡିଟର ରିପୋର୍ଟ ପ୍ରକାଶ ପାଇନାହିଁ । ଏ ଦିଗରେ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ୍ ଅଧକ୍ଷ ଦୋରା ଓ ସମିତି ସଭ୍ୟ ଚିତ୍ରସେନ୍ ଭୋଇ ଗୁଡଭେଲା ବ୍ଲକ୍ ଗସ୍ତରେ ଯାଇଥିବା ଜିଲାପାଳ ରାଣାଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି । ଏଦିଗରେ ବିହିତ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଅଧକ୍ଷ ଦୋରା ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ପଣ୍ୟ ପରିବହନରେ ପୂର୍ବତଟ ରେଳପଥ ଦେଶରେ ପ୍ରଥମ

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ଅର୍ଥାତ୍ ଏପ୍ରିଲ ପହିଲାରୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ପ୍ରାୟ ୧୦୪.୮ ନିୟୁତ ଟନ୍ ମାଲ ପରିବହନ କରିଛି। ଫଳରେ ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଲକ୍‌ଡାଉନ୍ ସମୟରେ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ଏହା ଗତବର୍ଷର ମାଲ ପରିବହନର ପ୍ରାୟ ୫୦%ରୁ ଅଧିକ ପଣ୍ୟ ବୋଝେଇ କରିପାରିଛି। ନଭେମ୍ବର ୮ରେ ପୂର୍ବତଟ ରେଳପଥ ଚଳିତ ଆର୍ଥିକବର୍ଷର ସର୍ବାଧିକ ୧୦ ହଜାର ୱାଗନ୍ ମାଲ ପରିବହନ କରିଛି। ଏଭଳି ସଫଳତା ଲାଗି ରେଳ ବୋର୍ଡର ଚେୟାରମ୍ୟାନ୍ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପୂର୍ବତଟ ରେଳପଥକୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଏଥିପାଇଁ ତିନୋଟି ରେଳମଣ୍ଡଳର କର୍ମଚାରୀଙ୍କୁ ପ୍ରଶଂସା କରିଥିବାବେଳେ କଠିନ ପରିଶ୍ରମ ଜାରି ରଖିବାକୁ କହିଛନ୍ତି।

### ଭୁବନେଶ୍ୱର ବାଲିଯାତ୍ରା ବନ୍ଦ
#### ସାମୂହିକ ବୋଇତ ବନ୍ଦାଣରେ ରୋକ

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ଚଳିତ ବର୍ଷ ହେବନି ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ। କରୋନା ସଂକ୍ରମଣକୁ ଏଡ଼ାଇବା ସହ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସୋମବାର ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ କମିଟି ସଦସ୍ୟଙ୍କୁ ନେଇ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଏବର୍ଷ ବାଲିଯାତ୍ରା ବନ୍ଦ ରଖିବାକୁ ଉପସ୍ଥିତ ସଦସ୍ୟମାନେ ସହମତ ପ୍ରକାଶ କରିଛନ୍ତି। ଏଥିସହ ସାମୂହିକ ବୋଇତ ବନ୍ଦାଣ ଉତ୍ସବକୁ ମଧ ବାରଣ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ସଂକ୍ରମଣ କମୁଥିଲେ ମଧ ଡିସେମ୍ବରରୁ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣର ଆଶଙ୍କା ରହିଥିବା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ତେଣୁ ସଂକ୍ରମଣ ଏଡ଼ାଇବାକୁ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ଗୁରୁତ୍ୱ ଦେଉଛନ୍ତି। କରୋନା ପାଇଁ ପୂର୍ବରୁ ଦଶହରାଠାରୁ ଆରମ୍ଭ କରି କାଳୀପୂଜା ଓ କଟକ ବାଲିଯାତ୍ରା ଉପରେ ରୋକ ଲଗାଯାଇଥିଲା। ସେହିଭଳି ବିଭିନ୍ନ ପର୍ବପର୍ବାଣି, ମେଳା ଓ ମହୋତ୍ସବ ମଧ ନିରାଡ଼ମ୍ବର ଭାବେ ପାଳନ କରାଯାଉଛି।

### ନାବାଳିକା ଅପହରଣ: ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୯।୧୧ (ଡ଼ି.ଏନ.ଏ.):** ନାବାଳିକା ଅପହରଣ ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଞ୍ଚଳର ପାକୁଲ ସାମଦ। ସ୍ଥାନୀୟ ଅଞ୍ଚଳର ନାବାଳିକାଙ୍କୁ ୧୫ ଦିନ ହେବ ପାକୁଲ ଅପହରଣ କରି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା(ନଂ.୧୪୫/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଉଭୟଙ୍କୁ ଉଦ୍ଧାର କରିବା ସହ ଡାକ୍ତରୀ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରିଥିଲା। ଏହାପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି।

# ଟେରାକୋଟା ଟ୍ରେଣ୍ଡ

**ଆକର୍ଷିତ କରୁଛି 'ମୃତ୍ତିକା'**
- ୩ ଦିନରେ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା
- ସାମଗ୍ରୀ ତିଆରିର ଲାଇଭ୍ ଡେମୋ ଦେଖିବାର ସୁଯୋଗ

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ଭିଣ୍ଟେଜ୍ ଟ୍ରେଣ୍ଡ ଆଜିକାଲି ମାର୍କେଟରେ ବେଶ୍ ଚାଲିଛି। ପୂର୍ବଜମାନେ ବ୍ୟବହାର କରୁଥିବା କିଛି ସାମଗ୍ରୀ ଏବେ ପୁଣିଥରେ ଲୋକଙ୍କ ମଧ୍ୟରେ ଆଦୃତ ହେଉଛି। କେବଳ ଦେଖାସୁନ୍ଦର ପାଇଁ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ହିତକର ଦୃଷ୍ଟିରୁ ଲୋକେ ପୁରୁଣା ସାମଗ୍ରୀକୁ ଆଦରି ନେଉଛନ୍ତି। ବିଶେଷକରି ମାଟି ନିର୍ମିତ ସାମଗ୍ରୀ ପ୍ରତି ଆକର୍ଷିତ ହେଉଥିବାରୁ ଚାହିଦା ଢେର୍ ବଢ଼ି ଯାଇଛି। ଷ୍ଟାର୍ ହୋଟେଲରୁ ଆରମ୍ଭକରି ଥିମ୍ ରେଷ୍ଟୁରାଣ୍ଟ ଓ ଲୋକଙ୍କ ଘରଠୁ ହାଣ୍ଡିଶାଳ ସବୁଠି ମାଟି ସାମଗ୍ରୀ ସ୍ୱତନ୍ତ୍ର ସ୍ଥାନ ନେଇଛି। ହେଲେ ଏଥିରେ ଟିକିଏ ନିଆରା ତଥା କାରୁକାର୍ଯ୍ୟପୂର୍ଣ୍ଣ ଛାପ ଦେଇଛି ଟେରାକୋଟା ଶୈଳୀ। ଦୀପାବଳି ଉପଲକ୍ଷେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଟେରାକୋଟା ଟ୍ରେଣ୍ଡର କ୍ରେଜ୍‌କୁ ଆହୁରି ବଢ଼ାଇ ଦେଇଛି।

ଭୁବନେଶ୍ୱର ୟୁନିଟ-୩ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଏବେ ଟେରାକୋଟାପ୍ରେମୀଙ୍କୁ ମନଲୋଭା ସାମଗ୍ରୀ ପରଶି ଦେଉଛି। ରାଜ୍ୟର ୨୦ ଜିଲାର ୧୬୫ରୁ ଉର୍ଦ୍ଧ୍ୱ ଟେରାକୋଟା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ମାଟି ସାମଗ୍ରୀ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ୧୧୧ ଷ୍ଟଲ୍‌ରେ ମାଟି ଦୀପରୁ ଆରମ୍ଭକରି ମାଟି ହାଣ୍ଡି, କଡେଇ, ମାଟି ଗ୍ଲାସ୍, କୁହ୍ଲଡ୍ କପ୍, ମାଟିରେ ନିର୍ମିତ ପାଣି ବୋତଲ ଇତ୍ୟାଦି ମିଳୁଛି। ମାଟିରେ ପ୍ରସ୍ତୁତ ବିଭିନ୍ନ ଘରସଜ୍ଜା ସାମଗ୍ରୀ, ପ୍ଲାଣ୍ଟର, ମୁଖା ଆଦି ଅଧିକ ଆଦୃତ ହେଉଛି। ସୂକ୍ଷ୍ମ କାରୁକାର୍ଯ୍ୟ ସାଙ୍ଗକୁ ତା'ଉପରେ ଅଙ୍କାଯାଇଥିବା ଟ୍ରାଇବାଲ ଆର୍ଟ ଓ ବିଭିନ୍ନ ପ୍ରକାରର ଚିତ୍ରକଳା ଏହି ମାଟି ସାମଗ୍ରୀଗୁଡିକୁ ଅଧିକ ଆକର୍ଷଣୀୟ କରୁଛି। ପାରମ୍ପରିକ ସହ ମଡର୍ନ ଟଚ୍ ରହୁଥିବାରୁ ଲୋକେ ଏହାକୁ ପସନ୍ଦ କରୁଛନ୍ତି। ପ୍ରଦର୍ଶନୀ ସ୍ଥଳରେ ଏସବୁ ସାମଗ୍ରୀର ପ୍ରସ୍ତୁତି ସିଧାସଳଖ ଦେଖିବା ସହ ଶିଖିବାକୁ ସୁଯୋଗ ମିଳୁଛି। କୋଭିଡ୍ କଟକଣା ସତ୍ତ୍ୱେ ଏହି ପ୍ରଦର୍ଶନୀରେ କେବଳ ୩ଦିନରେ ୪୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହୋଇଛି।



ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଜଣେ ମହିଳା ଟେରାକୋଟା ସାମଗ୍ରୀ ଦେଖୁଛନ୍ତି।



ମାଟିରେ ତିଆରି ଉପକରଣ ସମ୍ପର୍କରେ ତାଲିମ ଦିଆଯାଉଛି।



ମାଟିରେ ତିଆରି ଦୀପ ଓ ଅନ୍ୟ ସାମଗ୍ରୀ।

### ପୁରୁଣା ଡିଜାଇନ୍‌ରେ ଆଧୁନିକତାର ଛାପ

ପ୍ରାଚୀନ ଯୁଗରେ ମାଟିରେ ତିଆରି ପାତ୍ର ବ୍ୟବହାର କରାଯାଉଥିଲା। ଆଧୁନିକ ଯୁଗରେ ଏହାର ପ୍ରସ୍ତୁତି ସହ ବ୍ୟବହାର ମଧ କମିଯାଉଛି। ହେଲେ ଧୀରେ ଧୀରେ ଏବେ ଟେରାକୋଟା ଜିନିଷ ପ୍ରତି ଲୋକଙ୍କ ଆଗ୍ରହ ବଢିଛି। ମାଟିରେ କେବଳ ଯେ ଦୀପ କିମ୍ବା ଚିରାଚରିତ ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ତାହାକୁ ବର୍ତ୍ତମାନର ଶିଳ୍ପୀମାନେ ଭୁଲ୍ ପ୍ରମାଣିତ କରୁଛନ୍ତି। ପୁରୁଣା ଡିଜାଇନ୍‌ରେ ଆଧୁନିକତାର ଛାପଦେଇ ଲୋକଙ୍କ ଚାହିଦା ମୁତାବକ ଆକର୍ଷଣୀୟ ସାମଗ୍ରୀମାନ ପ୍ରସ୍ତୁତ କରୁଛନ୍ତି। ଏହାକୁ 'ଭ୍ୟାଲୁଆଡେଡ୍ ଟେରାକୋଟା' କୁହାଯାଉଥିବା କେନ୍ଦ୍ରାପଡାରୁ ଆସିଥିବା ଶିଳ୍ପୀ ଘନଶ୍ୟାମ ରାଉତ କହିଛନ୍ତି।



## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ବଦଳି

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ତଥା ଇଂଲିଶ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବ୍ରଜ କିଶୋରଙ୍କ ବଦଳି ହୋଇଛି। ତାଙ୍କୁ ଜୟପୁର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସୋମବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଅକ୍ଟୋବର ୩୦ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୟୁଜି ଓ ପିଜି ପରୀକ୍ଷା ଫଳ ପ୍ରକାଶ ପାଇଥିଲା। କିନ୍ତୁ ଟପ୍ପର ତାଲିକା ପ୍ରକାଶ ପାଇ ନ ଥିବାରୁ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏପରି କି ବିଭିନ୍ନ ଛାତ୍ର ସଂଘ ଏହାର ଦୃଢ଼ ପ୍ରତିବାଦ କରି ତୁରନ୍ତ ଟପ୍ପର ତାଲିକା ପ୍ରକାଶ କରିବା ପାଇଁ ଦାବି କରିଥିଲେ। ଶେଷରେ ବହୁ ବିବାଦ ପରେ ଗତ ୩ ତାରିଖରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଟପ୍ପର ତାଲିକା ପ୍ରକାଶ ପାଇଛି। କିନ୍ତୁ ଏହି ବିବାଦରେ ପରୀକ୍ଷା ନିୟନ୍ତ୍ରକ ଛନ୍ଦି ହୋଇପଡ଼ିଥିଲେ। ତାଙ୍କ ମନମୁଖୀ ପରିଚାଳନା ଉପରେ ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ବିଭିନ୍ନ ଛାତ୍ର ସଙ୍ଗଠନ ଦାବି କରିଥିଲା। ତେବେ ତାଙ୍କ ବଦଳିର କାରଣ ସଂକ୍ରାନ୍ତରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସେପରି କିଛି ସ୍ପଷ୍ଟ କରାଯାଇ ନ ଥିଲ ମଧ ଟପ୍ପର ତାଲିକା ବିବାଦକୁ ଏଥିସହ ଯୋଡ଼ାଯାଉଛି। ତାଙ୍କ ବଦଳି ପରେ ଛାତ୍ର ସଙ୍ଗଠନ ଖୁସିବ୍ୟକ୍ତ କରିଛନ୍ତି।

## ବ୍ରାଉନସୁଗାର ଜବତ: ଜଣେ ଗିରଫ

**ଜଟଣୀ,୯।୧୧(ଡି.ଏନ.ଏ)**

ବ୍ରାଉନସୁଗାର କାରବାର ଅଭିଯୋଗରେ ସୋମବାର ଜଟଣୀ ପୋଲିସ ଅରଗୁଳ ବଜାରରୁ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ତୋଟାପଡ଼ା ଅଞ୍ଚଳରେ ରହୁଥିବା ଅଜୟ ବେହେରା। ତାଙ୍କ ନିକଟରୁ ୧୧ଗ୍ରାମ ବ୍ରାଉନସୁଗାର ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ତେବେ ଅଜୟଙ୍କ ନିଜ ଘର ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳରେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଥାନାରେ ମାମଲା (ନଂ.୪୩୯/୨୦)ରୁଜୁ ହୋଇଛି।

## ଡକାୟତି ଯୋଜନା, ୪ ଗିରଫ
### ବୋମା, ଖଣ୍ଡା ଓ ବାଇକ୍ ଜବତ

**ଜଟଣୀ,୯।୧୧(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ରବିବାର ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ବିଶ୍ୱବଂଶୀ କଲୋନୀର ରଞ୍ଜନ ବାରିକ, ଗଜପତି ନଗର ଅଞ୍ଚଳର ସମର୍ଥ ରାଓ ଓରଫ ସମ୍ମୁ, ବଡ଼ ନୂଆଗାଁର ଦୀପକ ନାୟକ ଓ କଣାସ ଧୂଆଁଳ ଗ୍ରାମର ତ୍ରିନାଥ ମଙ୍ଗରାଜ। ଏମାନଙ୍କ ନିକଟରୁ ଦୁଇଟି ବୋମା, ଖଣ୍ଡା, ବାଇକ୍ ଓ ଲୁହାରଡ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୪୩/୨୦)ରୁଜୁ ହୋଇଛି । ସୂଚନା ଅନୁଯାୟୀ, ଜଟଣୀ ଥାନା ଅଧୀନ ଗ୍ୟାସ୍ ଫ୍ୟାକ୍ଟ୍ରି ରାସ୍ତାର ନିକାଞ୍ଚନ ସ୍ଥାନରେ ରବିବାର ରାତିରେ କେତେଜଣ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ସୂଚନା ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହ ବୋମା ଓ ମାରଣାସ୍ତ୍ର ଜବତ କରିଥିଲା।

## ଅଦାଲତଙ୍କ ରାୟକୁ ଗୁରୁତ୍ୱ ନ ଦେଲେ କାର୍ଯ୍ୟାନୁଷ୍ଠାନ
### ତାଗିଦ୍ କଲେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

ଠିକ୍ ସମୟରେ ଅଦାଲତଙ୍କ ରାୟକୁ କାର୍ଯ୍ୟକାରୀ କରିବାକୁ ଅଗ୍ରାଧିକାର ଦେବା ଓ ଆବଶ୍ୟକ ସ୍ଥଳେ ଆଇନ ବିଭାଗର ମତାମତ ନେଇ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଅଧିକାରୀମାନେ ମକଦ୍ଦମାଗୁଡ଼ିକୁ ବିଳମ୍ବରେ ପେଶ୍ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚିବ କହିଛନ୍ତି। ଏଥିସହିତ ସରକାରଙ୍କ 'ମୋ ସରକାର' ଅଭିଯାନର ନିର୍ଦ୍ଦେଶାନୁଯାୟୀ ସରକାରୀ କାର୍ଯ୍ୟ କରୁ ନ ଥିବା ଓ କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ ବରଖାସ୍ତ କରାଯିବ ଓ ଭଲ କାମ କରୁଥିବା ଅଧିକାରୀଙ୍କୁ ସମୟ ଆଗରୁ ପଦୋନ୍ନତି ଦିଆଯିବ ବୋଲି ସଚିବ କହିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବର୍ତ୍ତମାନ ବିଭିନ୍ନ ନ୍ୟାୟାଳୟରେ ୨୯ ହଜାର ୬୪୪ଟି ମାମଲା ବିଚାରାଧୀନ ଅଛି। ୨୦୧୮ରୁ ଇଣ୍ଟିଗ୍ରେଟେଡ୍ ଲିଗାଲ୍ ମନିଟରିଂ ସିଷ୍ଟମ୍ (ଆଇଏଲ୍ଏମ୍ଏସ୍) ଜରିଆରେ ବିଭିନ୍ନ କେଶ୍‌ଗୁଡ଼ିକରେ ରିଅଲ୍ ଟାଇମ୍ ଷ୍ଟାଟସ ବ୍ଲକ୍ ଶିକ୍ଷା ଅଧିକାରୀଠାରୁ ବିଭାଗ ପର୍ଯ୍ୟନ୍ତ ଅପ୍‌ଡେଟ୍ କରାଯାଉଛି। ଏହି ସମୟୋଚିତ ପଦକ୍ଷେପ ଯୋଗୁ ବିଭାଗର କେଶ୍ ସଂଖ୍ୟା ମାତ୍ର ଦୁଇବର୍ଷ ମଧ୍ୟରେ ୬୫ ହଜାରରୁ ୨୯ ହଜାର ୬୪୪କୁ କମାଯାଇ ପାରିଛି। କିନ୍ତୁ ଗତ ସପ୍ତାହରେ କେତେଜଣ ଅଧିକାରୀଙ୍କ ଅବହେଳାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ବିଭାଗୀୟ ସଚିବ ସମସ୍ତ ବିଭାଗୀୟ ପଦାଧିକାରୀ, ସରକାରୀ ଓକିଲ ଓ ଜିଲା ଶିକ୍ଷାଧିକାରୀଙ୍କ ସାପ୍ତାହିକ ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅନୁସାରେ ଗତ ୮ ତାରିଖରେ ଭର୍ଚୁଆଲ୍ ମୋଡ୍‌ରେ ଏକ ବୈଠକ କରାଯାଇଥିଲା। ସଚିବଙ୍କ ସମୀକ୍ଷା ସମୟୋପଯୋଗୀ ହୋଇଥିବାରୁ ବିଭାଗର ମକଦ୍ଦମା ପରିଚାଳନା ଠିକ୍ ଭାବେ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ ପାଇଛି।

## ଖୁବ୍‌ଶୀଘ୍ର ବାଇଶପାହାଚ ମରାମତି

**ପୁରୀ ଅଫିସ,୯।୧୧:**

ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ବାଇଶପାହାଚ ମରାମତି କରାଯିବ। ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡ. ଅରୁଣ ମଲ୍ଲିକ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାଇଶିପାହାଚର ବିଭିନ୍ନ ସ୍ଥାନରେ ପଥର ଦୁର୍ବଳ ହେବା ସହ ଅନେକ ଜାଗାରେ ଖଣ୍ଡିଆଖାବରା ହୋଇଗଲାଣି। ଏହାର ମରାମତି ପାଇଁ ଗତ ୪ ତାରିଖରେ ସେ ଏବଂ ଓଡ଼ିଶା ସେତୁନିର୍ମାଣ ନିଗମ (ଓବିସିସି) ଅଧିକାରୀ ବାଇଶିପାହାଚ, ମହାଲକ୍ଷ୍ମୀ ମନ୍ଦିର, ରୋଷଘର ଆଦି ଯାଞ୍ଚ କରିଥିଲେ। ଏହା ପୂର୍ବରୁ ଏଏସ୍ଆଇର ୪ ଜଣିଆ ଟିମ୍ ବାଇଶିପାହାଚ ଓ ମହାଲକ୍ଷ୍ମୀ ମନ୍ଦିର ଅନୁଧ୍ୟାନ କରିଥିଲେ। ବାଇଶିପାହାଚ ଦୁର୍ବଳ ପଥର ପରିବର୍ତ୍ତନ କରାଯିବ। ଯୋଡ଼େଇ ସ୍ଥାନରେ ଆବଶ୍ୟକ ପ୍ୟାଚିଂ ହେବ। ସେହିପରି ମହାଲକ୍ଷ୍ମୀ ମନ୍ଦିରର ଗାଣି ଗଳୁଥିବା ସ୍ଥାନକୁ ମରାମତି କରାଯିବ ବୋଲି ଡ. ମଲ୍ଲିକ କହିଛନ୍ତି।

## ୨୫୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୫ ଗିରଫ
### ଦୁଇଦିନରେ ଜବତ ହେଲାଣି ଅଧକେଜିରୁ ଅଧିକ

**ପୁରୀ ଅଫିସ, ୯।୧୧**

ପୁରୀ ସହରରେ ବେଆଇନ ନିଶା କାରବାର ବୃଦ୍ଧି ପାଉଛି। କିଛିଦିନ ହେବ ବ୍ରାଉନ୍‌ସୁଗାର କାରବାର ଅଧିକ ମାତ୍ରାରେ ଚାଲିଛି। ରବିବାର ପୁରୀକୁ ବ୍ରାଉନ୍‌ସୁଗାର ଚୋରା ଚାଲାଣ ବେଳେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ନରେନ୍ଦ୍ରକୋଣ ମଙ୍ଗଳା ସାହିର ରାମିନୀ ମଲ୍ଲିକ, ରବିଚରଣ ମହାନ୍ତି ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଦେଇ, ଗଞ୍ଜାମ ବଡ଼ବଜାର ଥାନା ଅଞ୍ଚଳର ଶିବାନନ୍ଦ ବେହେରା ଓ ବୁଗୁଡ଼ାର ସଂଗ୍ରାମ କେଶରୀ ବିଶୋଇ। ପୋଲିସ ଏକ ମାମଲା (ନଂ.୩୦୪/୨୦) ରୁଜୁ କରି ସମସ୍ତଙ୍କୁ କୋର୍ଟଚାଲାଣ କରିଛି। ଏମାନଙ୍କଠାରୁ ୨୫୭ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଗୋଟିଏ କାର ଓ ବାଇକ୍ ଜବତ କରାଯାଇଛି।

ସକାଳେ କୁମ୍ଭାରପଡ଼ା ପୋଲିସ ମଙ୍ଗଳାସାହି ଦେବୀଘାଟ ଛକରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଜଟିଆବାଜି ଛକ ପଟୁ ଦ୍ରୁତଗତିରେ ଏକ ବାଇକ୍ (ନଂ. ଓଡି ୩୩ ଏଏ-୧୩୨୯) ଏବଂ ଗୋଟିଏ କାର୍ (ନଂ. ଓଡ଼ି ୨୮ ଏ-୦୩୧୭) ମଙ୍ଗଳାଘାଟ ଆଡ଼କୁ ଆସୁଥିଲା। ବାଇକ୍‌ରେ ୨ଜଣ ଥିବାବେଳେ କାର୍‌ରେ ଜଣେ ମହିଳାଙ୍କ ସମେତ ୩ ଜଣ ଥିଲେ। କାର୍‌କୁ ଉକ୍ତ ବାଇକ୍ ଏସ୍କର୍ଟ ଦେଇ ଆସୁଥିଲା। ପୋଲିସ କାରକୁ ଯାଞ୍ଚ କରିବା ବେଳେ ସେଥିରେ ଏକ ଧଳା ଜରିରେ ଥିବା ୨୫୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଥିଲା। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରିଥିବାବେଳେ ବାଇକ୍ ଏବଂ କାର୍‌କୁ ଜବତ କରିଥିଲା। ସୂଚନାଯୋଗ୍ୟ, ଶନିବାର ଚନ୍ଦନପୁର ପୋଲିସ ୨୭୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଗତ ଦୁଇଦିନରେ ଅଧକେଜିରୁ ଅଧିକ ବ୍ରାଉନ୍‌ସୁଗାର ଜବତ ହେବା ଏବେ ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି।

## ଝୁଲିଲା ରୁପା ଛାଉଣି ଡିଜାଇନ୍ ନିଷ୍ପତ୍ତି

- ଝଲସିବ ଶ୍ରୀମନ୍ଦିରର ୮ ଦ୍ୱାର
- ମୁଖ୍ୟ ମନ୍ଦିର ଓ ପାର୍ଶ୍ୱ ମନ୍ଦିରର ହେବ ଭିନ୍ନ ଡିଜାଇନ୍
- ଆଜି ଶିଳ୍ପୀ ଗ୍ରାମ ରଘୁରାଜପୁର ଗସ୍ତ କରିବ କମିଟି

**ପୁରୀ ଅଫିସ, ୯।୧୧:**



ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ବୈଠକରେ କମିଟିର ସଦସ୍ୟମାନେ।

ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପାରେ ଝଲସିବ। ଦ୍ୱାରଗୁଡ଼ିକର କବାଟକୁ ରୁପା ଛାଉଣି କରାଯିବ। ଏଥିପାଇଁ ଗଠିତ କମିଟିର ଦ୍ୱିତୀୟ ବୈଠକ ସୋମବାର ନୀଳାଦ୍ରି ଭକ୍ତ ନିବାସ ପରିସରରେ ଅନୁଷ୍ଠିତ ହୋଇଥିଲା। ତଥାପି ନିଷ୍ପତ୍ତି ଝୁଲି ରହିଲା। ମଙ୍ଗଳବାର କମିଟି ସଦସ୍ୟ ଶିଳ୍ପୀ ଗ୍ରାମ ରଘୁରାଜପୁର ଗସ୍ତ କରିବେ। ଆବଶ୍ୟକ ପଡ଼ିଲେ କଟକ ମଧ ଯିବେ। ସେଠାରେ ବିଭିନ୍ନ ପ୍ରକାର ଡିଜାଇନ ଦେଖିବା ପରେ ଆସନ୍ତା ୧୯ ତାରିଖ ବୈଠକରେ ଆଲୋଚନା ହେବ। କଳିଙ୍ଗ କଳା, ସ୍ଥାପତ୍ୟ ଶୈଳୀରେ ଡିଜାଇନ କରାଯିବା ଲାଗି ସହମତି ପ୍ରକାଶ ପାଇଛି।

ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପା ଛାଉଣି ଲାଗି ଜଣେ ଭକ୍ତ ଆଗେଇ ଆସିଛନ୍ତି। ସମ୍ପୃକ୍ତ ଦାତାଙ୍କ ପକ୍ଷରୁ ବୈଠକରେ ଯୋଗଦେଇଥିବା ପ୍ରତିନିଧିମାନେ ରୁପା ଛାଉଣି ଲାଗି ବିଭିନ୍ନ ପ୍ରକାର ଡିଜାଇନ ଦେଖାଇଥିଲେ। ୨ଟି ଡିଜାଇନକୁ କେତେଜଣ ସଦସ୍ୟ ପସନ୍ଦ କରିଥିଲେ। କିନ୍ତୁ ସର୍ବସମ୍ମତ ଭାବେ ଏହା ଗ୍ରହଣ ଯୋଗ୍ୟ ହୋଇ ନ ଥିଲା। ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଆପତ୍ତି ଉଠାଇଥିଲେ। ଶ୍ରୀମନ୍ଦିରରେ ବାହାର କଳା, ଭାସ୍କର୍ଯ୍ୟ ସ୍ଥାନିତ ହୋଇପାରିବ ନାହିଁ। କେବଳ କଳିଙ୍ଗ କଳା, ସ୍ଥାପତ୍ୟ ଆଧାରରେ ଡିଜାଇନ କରାଯିବ ବୋଲି କହିଥିଲେ। ସଦସ୍ୟମାନେ ଏହାକୁ ସମର୍ଥନ କରିଥିଲେ। ଶିଳ୍ପୀ ଗ୍ରାମ ରଘୁରାଜପୁରରେ ଉତ୍କଳୀୟ କଳା ସଂସ୍କୃତିକୁ ଆଧାର କରି ମହାପ୍ରଭୁଙ୍କର ଅନେକ ପଟଚିତ୍ର ତିଆରି କରାଯାଉଥିବାରୁ ସେଠାକୁ କମିଟି ସଦସ୍ୟ ମଙ୍ଗଳବାର ଯିବେ। ବିଭିନ୍ନ ପ୍ରକାର ଡିଜାଇନ ଦେଖିବା ପରେ ଆସନ୍ତା ୧୯ ତାରିଖରେ ପୁଣି ବୈଠକ ବସିବ। ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ଆବଶ୍ୟକ ପଡ଼ିଲେ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ପରାମର୍ଶ ମଧ ନିଆଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ସେହିପରି ୮ଟି ଦ୍ୱାର ମଧ୍ୟରୁ ମୁଖ୍ୟ ମନ୍ଦିରର ଜୟ ବିଜୟ, କଳାହାଟ, ବେହେରଣ ଦ୍ୱାର ଗୋଟିଏ ଡିଜାଇନ ହେବ। ସାତପାହାଚ, ପଶ୍ଚିମ ଭୋଗ ମଣ୍ଡପ ଗୋଟିଏ ପ୍ରକାର ଡିଜାଇନ କରାଯିବ। ପାର୍ଶ୍ୱ ମନ୍ଦିର ନୃସିଂହ ମନ୍ଦିର, ମା' ବିମଳା ଓ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭଦ୍ୱାର ଗୋଟିଏ ପ୍ରକାର ଡିଜାଇନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ପ୍ରଥମେ ୮ଟିଯାକ କବାଟ ବର୍ମାଟିକ୍ କାଠରେ ନୂତନ ଭାବେ ତିଆରି କରାଯାଇ ଏହା ଉପରେ ରୁପା ଛାଉଣି କରାଯିବ। ସୂଚନାଥାଉ କି, ଗତମାସ ୨୭ ତାରିଖରେ କମିଟିର ପ୍ରଥମ ବୈଠକ ବସିଥିଲା। ଏଥିରେ କବାଟ ତିଆରି, ରୁପା ରହିବା ପାଇଁ ଷ୍ଟ୍ରଙ୍ଗରୁମ୍, କାରିଗରଙ୍କ ରହଣି, କାମ ଅନୁଧ୍ୟାନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲେ ମଧ ରୁପା ଛାଉଣି ଡିଜାଇନ ଚୂଡ଼ାନ୍ତ ହୋଇପାରି ନ ଥିଲା।

## ସଂକ୍ଷେପରେ

### ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ

**ବାରିପଦା ଅଫିସ/ ବୈଶିଙ୍ଗା(ଡି.ଏନ୍.ଏ.),୯।୧୧:** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମରେ ଚାଲିଥିବା ବେଆଇନ ବାଣ କାରଖାନାରେ



ସୋମବାର ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ୩ଟି ପିକ୍ ଅପ୍ ଭ୍ୟାନ୍‌ରେ ଜବତ ବାଣ ଥାନାକୁ ଅଣାଯାଇଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଜବତ ବାଣର ଆନୁମାନିକ ମୂଲ୍ୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। କୋଭିଡ୍ ନିୟମକୁ ଉଲ୍ଲଂଘନ କରି ଗ୍ରାମରେ ବାଣ ତିଆରି ହେବା ସହିତ ବିକ୍ରି ଚାଲିଥିଲା। ଖବରପାଇ ଥାନା ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ ଗ୍ରାମର ୫ଜଣଙ୍କ ଘରେ ଚଢ଼ାଉ କରାଯାଇଥିଲା।

### ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ କାର୍ଯ୍ୟଭାର ଗ୍ରହଣ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ):** ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ସ୍ମୃତି ପଟ୍ଟନାୟକ ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଗତ କିଛି ମାସ ତଳେ ତାଙ୍କୁ ଭାଜପା ସଭାନେତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। କରୋନା ଏବଂ ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ ଥିବାରୁ ସେ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ଥିଲେ। ସୋମବାର ଆସିବା ପରେ ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡା ଆନୁଷ୍ଠାନିକ ଭାବେ ନୂଆ ସଭାପତିଙ୍କୁ କାର୍ଯ୍ୟଭାର ଅର୍ପଣ କରିଛନ୍ତି। ତୃଣମୂଳସ୍ତରରେ ମହିଳାଙ୍କୁ ସଶକ୍ତ କରିବା, ନାବାଳିକାଙ୍କୁ ସୁରକ୍ଷା ଦିଗରେ ପ୍ରାଥମିକତା ଦିଆଯିବ ବୋଲି ସ୍ମୃତି ପ୍ରତିକ୍ରିୟାରେ କହିଛନ୍ତି। ଏହି ଅବସରରେ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଦେଇଛନ୍ତି।

### କଏଦୀଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.):** ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉପକାରାଗାରରେ ଥିବା ଜଣେ ବିଚାରଧୀନ କଏଦୀଙ୍କର ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ହରିୟାଣା ରାଜ୍ୟ ଫତେବାଦର ଜୟପାଲ ସିଂ (୫୯)। ଜୟପାଲ ଗତ ଶନିବାର ଅସୁସ୍ଥ ଥିବାରୁ ଉପକାରାଗାରରେ ତାଙ୍କର ଚିକିତ୍ସା କରାଯାଇଥିଲା। ରବିବାର ରାତିରେ ସେ ଶୋଇଥିଲେ କିନ୍ତୁ ସକାଳେ ନ ଉଠିବାରୁ ଉପକାରାଗାର କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ପାରଳାଖେମୁଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଅକ୍ଟୋବର ୧୬ ତାରିଖରେ ମୋହନା ପୋଲିସ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ନଂ.୧୬୭/୨୦ ଅନୁଯାୟୀ ଜୟପାଲଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିବା ଆର.ଉଦୟଗିରି ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ କହିଛନ୍ତି।

### ଦୁଇ ବାଇକ୍ ମୁହାଁମୁହିଁ, ୨ମୃତ

**ବେଲପଡ଼ା, ୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଥାନା କପାଣି ବ୍ରିଜ୍ ନିକଟରେ ସୋମବାର ଅପରାହ୍ନରେ ଦୁଇ ବାଇକ ମୁହାଁମୁହିଁ ଧକ୍କାହେବାରୁ ଯାଇଛି ୨ଜଣଙ୍କ ଜୀବନ। ଏଥିରେ ଅନ୍ୟଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବେଲପଡା ମାଉସୀ ମନ୍ଦିରପଡାର କାଳିଆ ମେହେର(୪୫)। ଅନ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ଆହତ ଖପ୍ରାଖୋଲ ଥାନା କଂସାପଲା ଗ୍ରାମର ଶିବ ମାଝି(୩୦) ଓ ଟଙ୍କ ଜାନି(୩୫)ଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କାଳିଆ ମେହେର ଓ ତାଙ୍କ ସାଥୀ ପାଟଣାଗଡରୁ ବାଇକ (ଓଡିଏଫ ୨୨୯୫)ରେ ବେଲପଡା ଆସୁଥିବାବେଳେ ବିପରୀତ ଦିଗରୁ ଏକ ନୂଆ ନମ୍ବର ବିହୀନ ବାଇକରେ ଟଙ୍କ ଓ ଶିବ ଆସୁଥିଲେ। କପାଣି ବ୍ରିଜ୍ ନିକଟରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ବେଲପଡା ଥାନାରେ ଏକ ମାମଲା(ନଂ.୨୩୯/୨୦)ରୁଜୁ ହୋଇଥିବା ଆଇଆଇସି ସଚ୍ଚିଦାନନ୍ଦ ବରିହା ସୂଚନା ଦେଇଛନ୍ତି।

# ଖରିଫ ଧାନ ସଂଗ୍ରହ ଆରମ୍ଭ

- ଟୋକନ ସାଜିଲା ଅଡୁଆ
- ପ୍ରଥମ ଦିନରେ ଧାନ ବିକିଲେ ୧୧ଚାଷୀ
- ଆରମ୍ଭରୁ ଅଭାବୀ ବିକ୍ରି ଆଶଙ୍କା

**ବରଗଡ଼ ଅଫିସ,୯।୧୧**

ବରଗଡ଼ ଜିଲାରେ ସୋମବାର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଶାସନିକ ନିଷ୍ପତ୍ତି କ୍ରମେ ଏଥିପାଇଁ ଜିଲାରେ ୧୮୫ ମଣ୍ଡି ଖୋଲିଛି। ଧାନ କିଣାବିକା ଆରମ୍ଭ ହୋଇଥିଲେ ମଧ୍ୟ ଟୋକନ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଅନେକ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଜେନେରେଟ୍ ହୋଇଥିବା ଟୋକନ ଅନୁସାରେ ଧାନ ବିକ୍ରି ପାଇଁ ସୋମବାର ନିର୍ଦ୍ଧାରିତ ଦିବସ ନ ଥିଲା। ଫଳରେ ଅନେକ ଚାଷୀ ପ୍ରଥମ ଦିବସରେ ସେମାନଙ୍କ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ସୋମବାର ଜିଲାର ୧୧ ଚାଷୀଙ୍କ ୬୮୭ କୁଇଣ୍ଟାଲ ୮୮କି.ଗ୍ରା ଧାନ କିଣାଯାଇଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ କହିଛନ୍ତି। ଜିଲାରେ ୬୦ଲକ୍ଷ ୭୦ହଜାର ୯୫୩ କୁଇଣ୍ଟାଲ ଧାନ ବିକ୍ରି ପାଇଁ ୧ଲକ୍ଷ ୩୫ହଜାର ୬୩୨ ଚାଷୀଙ୍କ ଟୋକନ ଜେନେରେଟ୍ ହୋଇ ସାରିଛି। ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧାନ ବିକ୍ରି ପାରିବେ ବୋଲି ଦାଶ କହିଛନ୍ତି। ତେବେ ଟୋକନର ଅବଧି ଏଥର ଏକ ମାସ ଥିବାରୁ ଧାନବିକ୍ରିରେ ଚାଷୀମାନେ ସେଭଳି କିଛି ଅସୁବିଧା ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।



ବିକ୍ରି ପାଇଁ ଆସିଥିବା ଧାନକୁ ବରଗଡ଼ ଜିଲା ଲରମ୍ଭା ମଣ୍ଡିରେ ଅନ୍‌ଲୋଡ କରାଯାଉଛି।

ଧାନ ସଂଗ୍ରହ ପାଇଁ ବରଗଡ଼ ଜିଲାର ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନରେ ସର୍ବାଧିକ ୭୦, ବରଗଡ଼ ଆରଏମସି ୬୪ ଏବଂ ଅତାବିରା ଆରଏମସି ଅଧୀନରେ ୫୧ଟି ମଣ୍ଡି ଖୋଲାଯାଇଛି। ଧାନ କିଣାବିକାରେ ଜିଲାର ୫୮ ପ୍ୟାକ୍ସ, ୧୪ ଏସଏଚ୍‌ଜିକୁ ସାମିଲ କରାଯାଇଛି। ସେହିପରି ଜିଲାର ୧୧୩ ମିଲର୍ସଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୨ ମିଲର୍ସ ଏଥିରେ ଅଂଶଗ୍ରହଣ କରିଛନ୍ତି। ତେବେ ପ୍ରଶାସନିକ ସ୍ତରରେ ଧାନ କିଣାବିକା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରି କୁହାଯାଉଥିଲେ ସୁଦ୍ଧା ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ବରଗଡ଼ ଆରଏମସି ଅଧୀନ କଳାପାଣିର ଚାଷୀ ସୁରେଶ୍ ନେକାଣ୍ଟି କହିଛନ୍ତି, ତାଙ୍କ ପାଖରେ ୫୦୦ ପ୍ୟାକେଟ୍ ଧାନ ରହିଛି। ମାତ୍ର ତାଙ୍କ ଟୋକନ ଆସି ନ ଥିବାରୁ ସେ ମଣ୍ଡିକୁ ଧାନ ଆଣି ପାରି ନ ଥିବା କହିଛନ୍ତି। ସେହିପରି ଅତାବିରା ଆରଏମ୍‌ସି ଅଧୀନ ଲରାସରା ଗ୍ରାମର ଆଉ ଜଣେ ଚାଷୀ ଭି. ପାପାରାଓ କହିଛନ୍ତି, ଯେଉଁ ଚାଷୀ ଧାନ ଅମଳ କରିସାରିଛନ୍ତି, ସେମାନଙ୍କ ଟୋକନ ଆସିନାହିଁ। ଏଥିପାଇଁ ସେମାନେ ଅମଳ ଧାନ ବିକ୍ରି କରି ପାରୁ ନାହାନ୍ତି। ଯେହେତୁ ସମସ୍ତ ଚାଷୀଙ୍କ ଟୋକନ ଜେନେରେଟ୍ ହୋଇ ସାରିଛି, ସେଭଳି ଚାଷୀଙ୍କ ଧାନ ମଣ୍ଡିକୁ ଆସିଲେ ସେହିଦିନ କିଣାଯାଉ ବୋଲି ସେ ଦାବି କରିଛନ୍ତି।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

## ମଧ୍ୟସ୍ଥଙ୍କ ଜରିଆରେ ଲାଞ୍ଚ ନେଉଥିବା ଅଭିଯୋଗ

**ଢେଙ୍କାନାଳ ଅଫିସ,୯।୧୧**

ବିଲ୍ ପାସ୍ କରାଇଦେବା ପାଇଁ ମଧ୍ୟସ୍ଥଙ୍କ ଜରିଆରେ ୧୬ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ର ସହକାରୀ ଯନ୍ତ୍ରୀ ବିପିନ ଦାସ ସୋମବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ତାଙ୍କ ସହ ମଧ୍ୟସ୍ଥ ଗୋବିନ୍ଦପୁର ଗ୍ରାମର ଶକ୍ତି ପ୍ରସାଦ ମହାନ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲାର ୬ଟି ବ୍ଲକର ପ୍ରତି ଗ୍ରାମରେ ୬ଟି ଲେଖାଏ ଏଲଇଡି ଲାଇଟ୍ ଲଗାଇବା ପାଇଁ କଟକର ଆଖଣ୍ଡଳମଣି ଇଲେକ୍ଟ୍ରିକାଲ କନଷ୍ଟ୍ରକ୍ସନ ୨ କୋଟି ୨୫ ଲକ୍ଷ ୬୫ ହଜାର ୫୨୦ ଟଙ୍କାର କାମ ଟେଣ୍ଡର ଜରିଆରେ ପାଇଥିଲା। ତେବେ ୧୦ଟି ବିଲ୍ ମଧ୍ୟରୁ ୪ଟି ପାସ୍ କରାଇବା ପାଇଁ ଡିଆର୍‌ଡିଏ ସହକାରୀ ଯନ୍ତ୍ରୀ ବିପିନ ଦାସ କମ୍ପାନୀର ପ୍ରୋଜେକ୍ଟ କୋଅର୍ଡିନେଟର ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଗମୋହନ ପଣ୍ଡାଙ୍କ ଠାରୁ ପୂର୍ବରୁ ୧ ଲକ୍ଷ ୪ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ସୋମବାର ୫ନଂ ଓ ୬ନଂ ବିଲ୍ ପାସ୍ କରାଇବା ପାଇଁ ସହକାରୀ ଯନ୍ତ୍ରୀ ଆଉ ୩୨ ହଜାର ଟଙ୍କା ଦାବି କରିଥିଲେ। କମ୍ପାନୀର ପ୍ରୋଜେକ୍ଟ କୋଅର୍ଡିନେଟର ୧୬ ହଜାର ଟଙ୍କା ଦେବାକୁ ରାଜି



ସହକାରୀ ଯନ୍ତ୍ରୀ ବିପିନ ଦାସ।

ହେବାରୁ ସହକାରୀ ଯନ୍ତ୍ରୀ ମଧ୍ୟସ୍ଥ ଶକ୍ତି ପ୍ରସାଦଙ୍କୁ ଟଙ୍କା ପ୍ରଦାନ କରିବାକୁ କହିଥିଲେ। କମ୍ପାନୀ ଅଧିକାରୀ ଟଙ୍କା ପ୍ରଦାନ କରିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଢେଙ୍କାନାଳ ଓ କଟକ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସହକାରୀ ଯନ୍ତ୍ରୀ ଏବଂ ମଧ୍ୟସ୍ଥଙ୍କୁ ଟଙ୍କା ସହ ଧରିଥିଲେ। ଅତିରିକ୍ତ ଏସ୍‌ପି ତ୍ରିଲୋଚନ ସ୍ୱାଇଁ, ଇନ୍ସପେକ୍ଟର ଅନୁପମା ସାହୁ, ବିଜୟ କୁମାର ସେଠୀ, ଅନିରୁଦ୍ଧ ନାୟକ ପ୍ରମୁଖ ଉଭୟଙ୍କୁ ଗିରଫ କରିଥିଲେ। ଏଥିସହିତ ଯନ୍ତ୍ରୀ ବିପିନ ଦାସଙ୍କ ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ଘର ଉପରେ ମଧ୍ୟ ଚଢାଉ ଜାରି ରହିଛି। ସୂଚନାଯୋଗ୍ୟ ଯେ, ୫ ବର୍ଷ ତଳେ ମଧ୍ୟ ସହକାରୀ ଯନ୍ତ୍ରୀ ଦାସ ସଦର ବ୍ଲକରେ ଏକ ଲାଞ୍ଚ ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ହାତରେ ଧରାପଡିଥିଲେ।

# ସୁରକ୍ଷା ଦେବ 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ'

## ଚର୍ଚ୍ଚାରେ ଅମନ

**ବାଲେଶ୍ୱର ଅଫିସ, ୯।୧୧**

ସିସିଟିଭି ପରେ ଲୋକଙ୍କର ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଏକ ବିକଳ୍ପ ହୋଇପାରେ 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ'। ବିନା ଡାଟା ଏବଂ ବିଦ୍ୟୁତ୍ ସଂଯୋଗରେ ନିଜର ପ୍ରାଇଭେସି ଏରିଆକୁ କେହି ପ୍ରବେଶ କଲେ ଏହି ଯନ୍ତ୍ରରୁ ସୂଚନା ମିଳିପାରିବ। ଏଭଳି ଏକ ଯନ୍ତ୍ର ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଛନ୍ତି ୧୭ ବର୍ଷୀୟ ଅମନ୍ ଖାନ୍।

ବାଲେଶ୍ୱର ସହର ଆଜିମାବାଦସ୍ଥିତ ଖପରାପଦା ଅଞ୍ଚଳର ମାଜିଦା ଖାତୁନ୍‌ଙ୍କ ପୁଅ ଅମନ୍। ଛୋଟବେଳୁ ଘରକୁ ଆସୁଥିବା ରିମୋଟ୍ କଣ୍ଟ୍ରୋଲ ଖେଳନାକୁ ଭାଙ୍ଗି ଅନ୍ୟ କିଛି ତିଆରି କରିବାକୁ ଚେଷ୍ଟା କରୁଥିବା କୁନି ଅମନ୍ ଆଜି ଏଭଳି ଏକ ଯନ୍ତ୍ର ଉଦ୍ଭାବନ କରିବାରେ ସକ୍ଷମ ହୋଇଛନ୍ତି। 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ' ସମ୍ପର୍କରେ ଅମନ କୁହନ୍ତି–' ଏହା ସୁରକ୍ଷା କବଚ ଭଳି କାମ କରିପାରିବ। ନିଜ ପ୍ରାଇଭେଟ୍ ସ୍ଥାନକୁ ଅନ୍ୟ କୌଣସି ବ୍ୟକ୍ତି ପ୍ରବେଶ କଲେ ସେନସର, କଣ୍ଟ୍ରୋଲର ଏବଂ କୋଡ଼ିଂ ଦ୍ୱାରା ଟ୍ରାକ୍ କରି ମେଶିନ ମାଲିକଙ୍କ ମୋବାଇଲକୁ ରିଂ କରି ସୂଚନା ଦେଇପାରିବ। ଏଥିରେ ଡାଟା କିମ୍ବା



'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ' ସହ ଅମନ।

ବିଦ୍ୟୁତ୍ ସଂଯୋଗର ଆବଶ୍ୟକ ନ ଥାଏ। କେବଳ ଗୋଟିଏ ବ୍ୟାଟେରି ସମ୍ପୂର୍ଣ୍ଣ ଚାର୍ଜ ହୋଇଥିଲେ ବର୍ଷେ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥାଏ। ଏହାକୁ ତିଆରି କରିବା ପାଇଁ ଆବଶ୍ୟକ ଇଲେକ୍ଟ୍ରୋନିକ ସାମଗ୍ରୀ ଓଡ଼ିଶାରେ ମିଳୁ ନ ଥିଲେ ମଧ୍ୟ ବାଙ୍ଗାଲୋର ଓ କୋଲକାତାରୁ କୋରିୟରରେ ମଗାଇବାକୁ ପଡୁଛି। ଅବଶ୍ୟ ଏହାକୁ ପ୍ରସ୍ତୁତ କରିବା ପାଇଁ ୫ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଅଧିକରୁ ଅଧିକ ତିଆରି କଲେ ଏହାର ମୂଲ୍ୟ କମ୍ ହୋଇପାରେ'।

ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଅମନ୍ 'ବଡ଼ି ସେନ୍‌ସିଂ ଲାଇଟ୍' ପ୍ରକଳ୍ପ ପ୍ରସ୍ତୁତ କରି ବିଦ୍ୟାଳୟ ବିଜ୍ଞାନମେଳାରେ ପ୍ରଥମ ହୋଇଥିଲେ। ପୁରସ୍କାର ଓ ଉତ୍ସାହ ଆଗକୁ ଯିବାକୁପ୍ରେରଣା ଦେଇଥିବା ବେଳେ ଟିଭିରେ ପ୍ରସାରିତ ଆଇରନ୍ ମ୍ୟାନ୍ ଫିଲ୍ମ ଦେଖି କିଛି ବନାଇବା ପାଇଁ ପ୍ରେରିତ ହୋଇଥିଲେ ସେ। ପରେ ବାଇସାଇକେଲ୍‌ରେ 'ସେନସର ବ୍ରେକ୍‌ଲାଇଟ୍', ବାହାର ଓ ଭିତର ପାଇଁ 'ଅଟୋମେଟିକ୍ ହ୍ୟାଣ୍ଡ ସାନିଟାଇଜର ମେଶିନ୍' ପ୍ରସ୍ତୁତ କରିସାରିଲେଣି। ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି ଆଇଟିଆଇ ଇଲେକ୍ଟ୍ରିକାଲ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅମନ୍। ଆଇଟିଆଇ ପଢାପରେ ଡିପ୍ଲୋମା, ତା'ପରେ ଡିଆର୍‌ଡିଓ (ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ)ରେ ଉଚ୍ଚପଦସ୍ଥ ଅଧିକାରୀ ପଦବୀ ପାଇଁ ପ୍ରସ୍ତୁତ ହେବେ ବୋଲି ସେ ଆଶା ବ୍ୟକ୍ତ କରନ୍ତି।

### ୟୁନିୟନ ବ୍ୟାଙ୍କ୍ ଗାଡ଼ିରୁ ୩୫ ଲକ୍ଷ ଲୁଟ୍

**କୁଚିଣ୍ଡା,୯।୧୧(ଡି.ଏନ.ଏ.):** ସୋମବାର ସନ୍ଧ୍ୟାରେ କୁଚିଣ୍ଡା ଥାନା ଅଧୀନ ଲଇମୁରା ୟୁନିୟନ ବ୍ୟାଙ୍କ ଶାଖା ଗାଡ଼ିରୁ ଦୁର୍ବୃତ୍ତମାନେ ୩୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବ୍ୟାଙ୍କ କର୍ମଚାରୀମାନେ ଏକ ଗାଡ଼ିରେ ସମ୍ବଲପୁରରୁ ଟଙ୍କା ନେଇ ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଏନେଇ ବ୍ୟାଙ୍କ ଶାଖା ପରିଚାଳକ କୁଚିଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର ଓ ଥାନା ଅଧିକାରୀ କମଳ ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ରାତିରେ ସମ୍ବଲପୁର ଏସ୍‌ପି କନ୍‌ୱାର ବିଶାଳ ସିଂହ କୁଚିଣ୍ଡାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସନ୍ଦେହରେ ଗାଡ଼ି ଚାଳକଙ୍କୁ ପୋଲିସ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଲଇମୁରା ୟୁନିୟନ ବ୍ୟାଙ୍କ ଶାଖାର କର୍ମଚାରୀମାନେ ସମ୍ବଲପୁର ମୁଖ୍ୟ ଶାଖାକୁ ନଗଦ ଟଙ୍କା ନେବା ପାଇଁ ଏକ ଗାଡ଼ିରେ ଆସିଥିଲେ। ସେମାନେ ଟଙ୍କା ନେଇ ସନ୍ଧ୍ୟାରେ ଫେରୁଥିବା ବେଳେ କୁଚିଣ୍ଡା ଥାନା ଅଧୀନ ଠୁଣ୍ଡିପିପଲ୍ ନିକଟରେ ୨ଜଣ ଦୁର୍ବୃତ୍ତ ରାସ୍ତାରେ ଠିଆ ହୋଇ ବ୍ୟାଙ୍କ୍ ଗାଡ଼ିକୁ ଅଟକାଇଥିଲେ।

# ଧରାପଡ଼ିଲେ ଏନ୍‌ଏସି କମ୍ପ୍ୟୁଟର ପ୍ରୋଗ୍ରାମର

**ଗୋପାଳପୁର(ଡି.ଏନ୍.ଏ.)/ କଟକ ଅଫିସ,୯।୧୧**

ଲାଞ୍ଚ ନେଉଥିବା ବେଳେ ଗଞ୍ଜାମ ଜିଲା ଗୋପାଳପୁର ଏନ୍‌ଏସି କାର୍ଯ୍ୟାଳୟର କମ୍ପ୍ୟୁଟର ପ୍ରୋଗ୍ରାମର ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ପ୍ରିୟରଞ୍ଜନ ମହାରଣା। ପ୍ରକାଶ ଯେ, ଭଞ୍ଜବିହାର ଅଞ୍ଚଳର ପ୍ରଫୁଲ୍ଲ ଦାସ ତାଙ୍କ ପୁଅର ମ୍ୟାରେଜ ସାର୍ଟିଫିକେଟ୍ ବାହାର କରିବା ପାଇଁ ଗୋପାଳପୁର ଏନ୍‌ଏସି କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟରଞ୍ଜନ ଏଥିପାଇଁ ୨୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପ୍ରଫୁଲ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ପ୍ରଫୁଲ ଏନ୍‌ଏସି କାର୍ଯ୍ୟାଳୟକୁ ସାର୍ଟିଫିକେଟ ନେବା ପାଇଁ ଯାଇଥିଲେ। ସେଠାରେ ସାର୍ଟିଫିକେଟ ବାବଦରେ ଦାବି ମୁତାବକ ୨୫୦୦ ଟଙ୍କା ପ୍ରିୟରଞ୍ଜନ ଗ୍ରହଣ କରିବା ସମୟରେ ପୂର୍ବରୁ



ପ୍ରିୟରଞ୍ଜନ ମହାରଣା।

ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ଉକ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୨୧/୨୦ରେ ମାମଲା ରୁଜୁ ହୋଇଛି। ଏନ୍‌ଏସି କାର୍ଯ୍ୟାଳୟ ସମେତ ଗୋପାଳପୁରସ୍ଥିତ ପ୍ରିୟରଞ୍ଜନଙ୍କ ଭଡ଼ା ଘରେ ଚଢ଼ାଉ ଚାଲିଛି। ପ୍ରିୟରଞ୍ଜନଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ପାଢ଼ୀ କହିଛନ୍ତି।

# ଦିନକରେ ୩୫୯୭ ଆଣ୍ଟିଜେନ ଟେଷ୍ଟ, ସବୁ ନେଗେଟିଭ

**ଛତ୍ରପୁର,୯।୧୧(ଡି.ଏନ୍.ଏ.)**



ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସୋମବାର ଦିନକରେ ୩,୫୯୭ଜଣଙ୍କ ରାପିଡ ଆଣ୍ଟିଜେନ ଟେଷ୍ଟ କରାଯାଇଥିବା ବେଳେ ସମସ୍ତ ରିପୋର୍ଟ ନେଗେଟିଭ ଆସିଛି। ଜିଲାରେ ଦିନକର ସମସ୍ତ ଟେଷ୍ଟ ରିପୋର୍ଟ ଜିରୋ ରହିବା ପ୍ରଥମ ବୋଲି ସନ୍ଧ୍ୟାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ସୂଚନା ଦେଇଛନ୍ତି। ଏଥିପାଇଁ ସେ ଗଞ୍ଜାମ ଟିମ୍ ଓ ସମସ୍ତ କରୋନା ଯୋଦ୍ଧାଙ୍କୁ ଶ୍ରେୟ ଦେଇଛନ୍ତି। ନିୟମିତ ମାସ୍କ ପିନ୍ଧିବା, ହାତ ଧୋଇବା, ସାନିଟାଇଜର ବ୍ୟବହାର, ସାମାଜିକ ଦୂରତ୍ୱ ରଖିବା ଏବଂ ଅତି ଜରୁରୀ ନ ଥିଲେ ବାହାରକୁ ନ ବାହାରି ଘରେ ସୁରକ୍ଷିତ ରହିବାକୁ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂର ଷଷ୍ଠ ରାଉଣ୍ଡ ଚାଲିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ ଲକ୍ଷ ଲୋକଙ୍କ ସ୍କ୍ରିନିଂ ହେଲାଣି। ଜନସାଧାରଣ କରୋନା ଲକ୍ଷଣ ନ ଲୁଚାଇ ଟିମ୍‌କୁ ସହଯୋଗ କରିବାକୁ ଜିଲାପାଳ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଜିଲାରେ ନୂଆ ୧୫ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୬ ଜଣ କରୋନାରୁ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୨୧,୩୯୫ ଜଣ କରୋନାରେ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧ ହଜାର ୨୫ ଜଣ ଆରୋଗ୍ୟ ହୋଇଛନ୍ତି। ୧୩୦ ସକ୍ରିୟ ରୋଗୀ ଅଛନ୍ତି। ୨୩୨ଜଣଙ୍କ କରୋନାରେ ଜୀବନ ଯାଇଛି।

# ଡିଜିପିଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

## ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲା

**କଟକ ଅଫିସ,୯।୧୧:** ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲାରେ ତଦନ୍ତର ଅଗ୍ରଗତି ନେଇ ସୋମବାର ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ପୋଲିସ ଡିଜି ଅଭୟଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଉକ୍ତ ଦିନ ତଦନ୍ତର ଅଗ୍ରଗତି ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି। ମାମଲାର ଅନ୍ୟତମ ଆବେଦନକାରୀ ତଥା ଭାରତୀୟ ବିକାଶ ପରିଷଦ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ସୂଚନା ଦେଇ କହିଛନ୍ତି ଯେ, ମାମଲାର ତଦନ୍ତ ଭାର ନେଇଥିବା କ୍ରାଇମବ୍ରାଞ୍ଚ ଏହାର ଷ୍ଟାଟସ ରିପୋର୍ଟ ଦାଖଲ କରିଥିଲା। ହେଲେ ଶୁଣାଣି ସମୟରେ ଉକ୍ତ ତଦନ୍ତ ରିପୋର୍ଟ ଉପରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆସନ୍ତା ୧୮ତାରିଖରେ ବ୍ୟକ୍ତିଗତ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ମାମଲାର ତଦନ୍ତ ପ୍ରଥମେ ଭୁବନେଶ୍ୱର ମହିଳା ଥାନା ପୋଲିସ କରୁଥିଲା। ପରେ ଗତ ମାସ ୬ତାରିଖରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିଲା। ଅଗଷ୍ଟ ୩୦ତାରିଖରେ ଜଣେ ମହିଳା ତାଙ୍କ ନାବାଳିକା ଝିଅକୁ ଏକ ଘରୋଇ ଚ୍ୟାନେଲ୍‌ର କେତେଜଣ କର୍ମଚାରୀ, ଜଣେ ପୋଲିସ ଅଧିକାରୀ ଏବଂ ତାଙ୍କର ୨ଜଣ ସହଯୋଗୀ ଗଣବଳାତ୍କାର କରିଥିଲେ ବୋଲି ଅଭିଯୋଗ କରିଥିଲେ।

# ୧୨ ମୃତ ବିଦେଶୀ ପକ୍ଷୀ ଜବତ: ୨ ଗିରଫ



ଜବତ ପକ୍ଷୀ

**ଟାଙ୍ଗୀ(ଖୋର୍ଦ୍ଧା),୯।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ସୋମବାର ୨ପକ୍ଷୀ ଶିକାରୀଙ୍କୁ ଗିରଫ କରିବା ସହ ୧୨ଟି ମୃତ ଲାର୍ଜ ହୁଇଷ୍ଟିଲିଙ୍ଗ୍ ବିଦେଶୀ ପକ୍ଷୀ ଜବତ କରିଛି। ଗିରଫ ଶିକାରୀ ଦ୍ୱୟ ହେଲେ ପୁରୀ ଜିଲା ଆଳିପଡ଼ା ନୂଆଗାଁର ଗୁରୁ କୁମାର ରାଉତ(୩୨) ଓ ଫକୀର ରାଉତ(୪୪)। ଶୀତଦିନେ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି। ଏହି ସମୟରେ ମଧ୍ୟ ପକ୍ଷୀ ଶିକାରୀମାନେ ତତ୍ପର ହୋଇ ଉଠିଥାଆନ୍ତି। ଶିକାରକୁ ରୋକିବା ପାଇଁ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୁରକ୍ଷା କ୍ୟାମ୍ପ ଗଠନ କରାଯାଇଛି। ତେବେ ସୋମବାର ଦୁଇ ଜଣ ଶିକାରୀ କଇଁଫୁଲ କେଶରରେ ଫୁରାଡନ ଦେଇ ପକ୍ଷୀ ଶିକାର କରୁଥିବା ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗକୁ ସୂଚନା ମିଳିଥିଲା। ଖବରପାଇ ବିଭାଗର କର୍ମଚାରୀମାନେ ପହଞ୍ଚି ଭୁଷଣ୍ଡପୁର ନିକଟ ପାଳିଆ ନାଳ ନିକଟରୁ ଶିକାରୀ ଦ୍ୱୟଙ୍କୁ ଧରିବା ସହ ୧୨ଟି ମୃତ ବିଦେଶୀ ପକ୍ଷୀ ଜବତ କରିଥିଲେ।

# ସୋସିଆଲ ମିଡିଆରେ ହେବ କୋଣାର୍କ ଉତ୍ସବର ପ୍ରସାରଣ

**କୋଣାର୍କ,୯।୧୧(ଡି.ଏନ୍.ଏ.)**

ପର୍ଯ୍ୟଟନ ବିଭାଗ ଓ ଓଟିଡିସି ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଡିସେମ୍ବର୧ରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ଉତ୍ସବ, ବାଲୁକା କଳା ଉତ୍ସବ ଓ ଇକୋ ରିଟ୍ରିଟ୍ ଉତ୍ସବ ନିମନ୍ତେ ସୋମବାର କ୍ଷେତ୍ର ପରିଦର୍ଶନ କଲାପରେ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କରୋନା କଟକଣା ଯୋଗୁ କୋଣାର୍କ ଉତ୍ସବର ସିଧା ପ୍ରସାରଣ ସୋସିଆଲ ମିଡିଆରେ ପ୍ରଦର୍ଶିତ କରାଯିବ ବୋଲି ଆଲୋଚନା ହୋଇଛି।




ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ।

ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ସଚିବ ବିଶାଲ ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ବଲୱନ୍ତ ସିଂ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତି ସନ୍ଧ୍ୟାରେ ଓଡ଼ିଶୀ, ଭାରତନାଟ୍ୟମ, ମଣିପୁରୀ, କୁଚିପୁଡି, ମୋହିନୀଆଟ୍ଟମ, କଥକ ନୃତ୍ୟ ପ୍ରଦର୍ଶିତ ହେବ। ସେହିଭଳି ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା କଳା ପ୍ରଦର୍ଶନୀ ହେବ। ଏଥର ଷ୍ଟଲ କମାଯାଇ୨୦ଟି ଷ୍ଟଲରେ ବିଭିନ୍ନ କଳାକୃତି ପ୍ରଦର୍ଶିତ ହେବ। ଉତ୍ସବ ସମୟରେ ଆଇନଶୃଙ୍ଖଳା, ପାର୍କିଂ, ପରିମଳ, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଓଡ୍ରାଫ ଟିମ୍, ଅଗ୍ନିଶମ ବିଭାଗ, ଏଏସ୍‌ଆଇ ଆଦି ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ଓ ସାମାଜିକ ଦୂରତ୍ୱକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ମିନାବଜାର, ଯାତ୍ରା ବନ୍ଦ ହୋଇଛି ବୋଲି ମନ୍ତ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ ଶଶାଙ୍କ ଶେଖର ରଥ, ଓଟିଡିସି ଡିଜିଏମ ପି.କେ ଚାନ୍ଦ,ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ, ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ଉତ୍ସବ ନିମନ୍ତେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସବୁ ବର୍ଷପରି ଏବର୍ଷ ମଧ୍ୟ ଡିସେମ୍ବର ୪ରେ ସାହିତ୍ୟ ଆସର କାର୍ଯ୍ୟକ୍ରମ ହେବ ବୋଲି ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି।



ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା ନିଜ ଇନ୍‌ଷ୍ଟାଗ୍ରାମ ପ୍ରୋଫାଇଲରେ ପୁଅ ଆର୍‌ହାନ୍ ଖାନ୍ ୧୮ ବର୍ଷର ହୋଇଥିବା ଦର୍ଶାଇଛନ୍ତି। ସବୁଠାରୁ ବଡ଼କଥା ହେଲା ୨୦୧୭ରେ ସ୍ୱାମୀ ଅର୍ବାଜ୍ ଖାନ୍‌ଙ୍କଠାରୁ ଅଲଗା ହେବା ପରେ ମଧ୍ୟ ସ୍ମୃତିକୁ ଜାବୁଡ଼ି ଧରି ପୁଅ ସହ ୨ ଜଣଙ୍କ ଫଟୋ ଶେୟାର କରିଛନ୍ତି।



# ତୂଳୀରେ ଆମେରିକାର ରାଷ୍ଟ୍ରପତି

## ଚର୍ଚ୍ଚାରେ ଚିତ୍ରକର ଜଗଜୋତ୍ ସିଂହ



ଚଣ୍ଡିଗଡ଼: ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ବିଭିନ୍ନ ଅଞ୍ଚଳର ଲୋକେ ଭିନ୍ନ ଭିନ୍ନ ଢଙ୍ଗରେ ଶୁଭେଚ୍ଛା ଜଣାଉଛନ୍ତି। ଠିକ୍ ଏମିତି ଏକ ନିଆରା ଢଙ୍ଗରେ ଆମେରିକା ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଛନ୍ତି ପଞ୍ଜାବ ଅମୃତସରର ଜଣେ ଚିତ୍ରକର ଜଗଜୋତ୍ ସିଂହ। ଜଗଜୋତ୍ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହିତ ଆମେରିକାର ସମସ୍ତ ପୂର୍ବତନ ରାଷ୍ଟ୍ରପତିଙ୍କର ଏକ ପୋଟ୍ରେଟ୍ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। ଆମେରିକାରେ ସାମ୍ବିଧାନିକ ସରକାର ଗଢ଼ାହେବାର ୨୩୦ ବର୍ଷ ମଧ୍ୟରେ ଯେତେଜଣ ରାଷ୍ଟ୍ରପତି ହୋଇଛନ୍ତି ସମସ୍ତଙ୍କର ଚିତ୍ର ଆଙ୍କି ସାରିଛନ୍ତି ଚିତ୍ରକର ଜଗଜୋତ୍ ସିଂହ। ଏବେ ସେ ସବୁ ରାଷ୍ଟ୍ରପତିଙ୍କର ଏକ ସ୍ୱତନ୍ତ୍ର ପୋଟ୍ରେଟ୍ ଆଙ୍କି ଚର୍ଚ୍ଚାକୁ ଆସିଛନ୍ତି। ଆମେରିକାର ୪୬ଜଣ ରାଷ୍ଟ୍ରପତିଙ୍କର ଚିତ୍ରକୁ ସେ ପୂର୍ବରୁ ଆଙ୍କି ସାରିଛନ୍ତି। ଏବେ ସେ ନବନିର୍ବାଚିତ ରାଷ୍ଟ୍ରପତି ଜୋ'ଙ୍କ ପେଣ୍ଟିଂକୁ ସ୍ଥାନ ଦେଇ ତାଙ୍କ ଚିତ୍ରକୁ ପୂରା କରିଛନ୍ତି। ତାଙ୍କର ଏହି ପେଣ୍ଟିଂଟି ୮ ଫୁଟରେ ୮ଫୁଟ ହୋଇ ତିଆରି ହୋଇଛି। ପ୍ରାୟ ୪ମାସ ଆଗରୁ ହିଁ ସେ ଏହି ପେଣ୍ଟିଂଟିକୁ ତିଆରି କରୁଥିଲେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପର୍ଯ୍ୟନ୍ତ ସେ ସମସ୍ତ ରାଷ୍ଟ୍ରପତିଙ୍କୁ ପେଣ୍ଟିଂରେ ସ୍ଥାନ ଦେଇ ସାରିଥିଲେ, ଏବେ ନିର୍ବାଚନରେ ଜୋ ବାଇଡେନ୍‌ଙ୍କ ବିଜୟ ପରେ ତାଙ୍କୁ ପେଣ୍ଟିଂରେ ସ୍ଥାନ ଦେଇଛନ୍ତି। ଜର୍ଜ ୱାଶିଂଟନ୍‌ଙ୍କଠାରୁ ଜୋଙ୍କ ପର୍ଯ୍ୟନ୍ତ ସବୁ ରାଷ୍ଟ୍ରପତିଙ୍କୁ ଜଗଜୋତ୍ ତାଙ୍କ ପେଣ୍ଟିଂରେ ସ୍ଥାନ ଦେଇଛନ୍ତି। ଜଗଜୋତ୍‌ଙ୍କର ପେଣ୍ଟିଂ ଏବେ ପଞ୍ଜାବ ଆର୍ଟ ଗ୍ୟାଲେରି ସହିତ ହ୍ୱାଇଟ୍ ହାଉସ୍‌ରେ ବି ଶୋଭା ପାଉଛି। ଏଭଳି ସ୍ୱତନ୍ତ୍ର ଢଙ୍ଗରେ ପେଣ୍ଟିଂ ତିଆରି କରିପାରୁଥିବାରୁ ଜଗଜୋତ୍‌ଙ୍କ ନାଁରେ ୧୦ଟି ବିଶ୍ୱ ରେକର୍ଡ ବି ରହିଛି।

# ହନିମୁନ୍ ଟ୍ରିପ୍‌ରେ କାଜଲ



ମୁମ୍ବାଇ: ଅକ୍ଟୋବର ୩୦ ତାରିଖରେ ବଲିଉଡ୍ ତଥା ସାଉଥ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ବ୍ୟବସାୟୀ ଗୌତମ କିଚଲୁଙ୍କୁ ବିବାହ କରିଥିଲେ। ଏବେ ବିବାହର ୯ ଦିନ ପରେ କାଜଲ ତାଙ୍କ ସ୍ୱାମୀଙ୍କ ସହ ମାଳଦ୍ୱୀପକୁ ହନିମୁନ୍ ଲାଗି ଯାଇଛନ୍ତି। କାଜଲ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫ୍ୟାନ୍‌ମାନଙ୍କ ପାଇଁ ବହୁତ ସାରା ଫଟୋ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକ ଇଣ୍ଟରନେଟ୍‌ରେ ଭାଇରାଲ ହେବାରେ ଲାଗିଛି। ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିବା ସହ ଅନେକ ପ୍ରକାର କମେଣ୍ଟ ମଧ୍ୟ କରିଛନ୍ତି। ଏହି ଫଟୋଗୁଡିକରେ କାଜଲ ଏକ ଲାଲ୍ ବ୍ୟାକ୍‌ଲେସ ଆଉଟ୍‌ଫିଟ୍‌ରେ ନଜର ଆସିବା ସହ ବହୁତ ସୁନ୍ଦର ମଧ୍ୟ ଦେଖାଯାଉଛନ୍ତି। ସ୍ୱାମୀ ଗୌତମଙ୍କ ସହ ଟାଇଟାନିକ ପୋଜ୍ ସେ ଦେଇଥିବା ଦେଖିବାକୁ ମିଳୁଛି। ଏହି ଫଟୋ ଦେଖିଲେ ଉଭୟ ହନିମୁନ ଟ୍ରିପ୍‌କୁ ଉପଭୋଗ କରୁଥିବା ଜଣାପଡୁଛି। ବିବାହ ପୂର୍ବରୁ ବହୁ ବର୍ଷ ଧରି ଏହି ଯୋଡ଼ି ଡେଟ୍ କରୁଥିଲେ। ଦୁହିଁଙ୍କ ସମ୍ପର୍କ ବେଶ୍ ଭଲ ଥିବାରୁ ହନିମୁନ୍ ପୂର୍ବରୁ କାଜଲ ଖୁସି ଜାହିର୍ କରିଛନ୍ତି।

କାଜଲ ଅଗ୍ରୱାଲ

# ନବାବ୍‌ର ପାରାଗ୍ଲାଇଡିଂ



ନୂଆଦିଲ୍ଲୀ: କୁକୁର ପାରାଗ୍ଲାଇଡିଂ କରୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ପାରାଗ୍ଲାଇଡିଂ କରୁଥିବା କୁକୁରଟିର ନାଁ ହେଉଛି ନବାବ୍। ଏହି କୁକୁରର ମାଲିକ ହେଉଛନ୍ତି ରୋହନ ତ୍ୟାଗୀ ଏବଂ ତାଙ୍କ ପତ୍ନୀ ହିମାଂଶୀ। ପାରାଗ୍ଲାଇଡିଂ କରିବାରେ ନବାବ ହେଉଛି ପ୍ରଥମ ଭାରତୀୟ କୁକୁର। କୁକୁରଟି ହାଇଦ୍ରାବାଦରୁ ଆସିଥିବାରୁ ତା'ର ନାଁ ନବାବ୍ ଦିଆଯାଇଛି। ନବାବ ହେଉଛି ହସ୍‌କି ପ୍ରଜାତିର ଏକ ଭାରତୀୟ କୁକୁର। ବଡ଼ କଥା ହେଉଛି ନବାବ୍‌ର ନିଜର ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ବି ରହିଛି ଏବଂ ଇନ୍‌ଷ୍ଟାଗ୍ରାମରେ ତା'ର ୧୦ ହଜାର ଫଲୋଅର ବି ଅଛନ୍ତି। ଏହି ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ହିଁ ନବାବ୍ ପାରାଗ୍ଲାଇଡିଂ କରିଥିବାର ସମସ୍ତ ପ୍ରମାଣ ସ୍ୱରୂପ ଏକ ଭିଡିଓ ଶେୟାର କରାଯାଇଛି। ନବାବ ୬୫୦୦ ଫୁଟ ଉଚ୍ଚରୁ ପାରାଗ୍ଲାଇଡିଂ କରିଛି। ନବାବ୍ ପାରାଗ୍ଲାଇଡିଂ କରିବା ସମୟରେ ଆଦୌ ଭୟଭୀତ ହେଉନାହିଁ। ବରଂ ସେ ତା'ର ଏହି ରୋମାଞ୍ଚକର ଯାତ୍ରାକୁ ବେଶ୍ ଉପଭୋଗ କରୁଥିବାର ଭିଡିଓରେ ଦେଖିବାକୁ ମିଳୁଛି। ନବାବ୍‌ର ଏହି ପାରାଗ୍ଲାଇଡିଂ ଭିଡିଓ ଶେୟାର ହେବା ପରେ ଏହାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଢେର୍ ଉତ୍କଣ୍ଠା ସୃଷ୍ଟି ହୋଇଛି।

# ସ୍ମାର୍ଟ ବାଥ୍‌ରୁମ୍

ୱାଶିଂଟନ: କରୋନା ସମୟରେ ସ୍ମାର୍ଟ ବାଥ୍‌ରୁମ୍‌କୁ ଗଲେ ସଂକ୍ରମଣ ଆଦୌ ହେବ ନାହିଁ। ଏମିତି ଏକ ସ୍ମାର୍ଟ ବାଥରୁମ୍ ଏବେ ତିଆରି ହୋଇଛି ଆମେରିକାର ଡାଲାସ ବିମାନବନ୍ଦରରେ। ସ୍ମାର୍ଟ ବାଥ୍‌ରୁମ୍, ଯେଉଁଠିକୁ ଆପଣ ଥରେ ଗଲେ ସବୁକିଛି ଆପେ ଆପେ ହୋଇଯିବ। ଏମିତି କି ବାଥ୍‌ରୁମ୍ ଭିତରକୁ ଯିବାପାଇଁ କବାଟର ହ୍ୟାଣ୍ଡେଲ ବି ଧରିବାକୁ ପଡ଼ିବ ନାହିଁ। କବାଟ ଆପେ ଆପେ ଖୋଲିବା ସହିତ ବାଥରୁମ୍ ଭିତରେ ଲାଇଟ୍ ବି ଆପେ ଜଳିବ। ସେହିପରି ୟୁଭିସି ଲାଇଟ୍ ସହିତ ବାଥରୁମ୍ ସଫା କରିବା ପାଇଁ ରହିଥିବା ସମସ୍ତ ଯନ୍ତ୍ର ବି ଆପେ ଆପେ ଚାଳିତ ହୋଇପାରିବ। ତେଣୁ ଏହି ବାଥରୁମ୍ ଥରେ ବ୍ୟବହାର କରିବା ପରେ କରୋନା ସଂକ୍ରମଣର ଭୟ ଆଦୌ ରହିବ ନାହିଁ। ବିଭିନ୍ନ ଏୟାରପୋର୍ଟରେ ଥିବା ବାଥରୁମ୍ ତୁଳନାରେ ଏହି ବାଥରୁମ୍ ହେଉଛି ଅତ୍ୟାଧୁନିକ ମଡେଲ, ଯେଉଁଠାରେ ସମସ୍ତ ପ୍ରକାରର ଲାଟେଷ୍ଟ ଟେକ୍ନୋଲୋଜି ବ୍ୟବହାର କରାଯାଇଛି ବୋଲି ଡାଲାସ୍ ଏୟାରପୋର୍ଟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବାଥରୁମ୍‌ରେ ଲାଗିଥିବା ସେନ୍‌ସରରୁ ଜାଣିହେବ କି ଏହା ଭିତରକୁ ମୋଟ କେତେଜଣ ବ୍ୟକ୍ତି ଯିବାଆସିବା କରିଛନ୍ତି। ଏହା ସହିତ ବାଥରୁମ୍‌ରେ ଥିବା ସାବୁନ, ଟାୱେଲ, ଟଏଲେଟ୍ ପେପର ଆଦି ନିମ୍ନ ମାନର ହୋଇଥିଲେ ଏଠାରେ ଲାଗିଥିବା ସେନ୍‌ସର ମାଧ୍ୟମରେ କ୍ରିଉ ମେମ୍ବରମାନଙ୍କ ପାଖକୁ ସତର୍କ ସୂଚନା ବି ଦିଆଯିବ। କରୋନା ସଂକ୍ରମଣ ପରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବହୁତ କମ୍ ହୋଇଯାଇଥିବାରୁ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ବିମାନବନ୍ଦରଗୁଡ଼ିକରେ ସାନିଟାଇଜେସନ୍ ଓ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।




# ଶୀଘ୍ର ଖାଇବାରେ ଗିନିଜ୍ ରେକର୍ଡ



ନୂଆଦିଲ୍ଲୀ: କିଛି ଲୋକଙ୍କର ଶୀଘ୍ର ଖାଇବାର ଅଭ୍ୟାସ ରହିଛି। କିନ୍ତୁ ଏହି ଅଭ୍ୟାସକୁ କିଛି ଲୋକ ଏପରି କରିଥାନ୍ତି ଯେ, ସେମାନେ ବିଶ୍ୱ ରେକର୍ଡ କରିବାକୁ ସକ୍ଷମ ହୋଇଥାନ୍ତି। ଠିକ୍ ଏମିତି ଏକ ରେକର୍ଡ କରିଛନ୍ତି ଲେହ ଶୁକ୍ରେଭର। ଅତିଶୀଘ୍ର ଖାଇବାରେ ସେ ଏହି ରେକର୍ଡ କରିଛନ୍ତି। ସେ ମାତ୍ର ୩୫ ସେକେଣ୍ଡରେ ଏକ ବୁରିଟୋ (ମେକ୍ସିକୋର ଏକ ଜଳଖିଆ ଯାହା ଅଟା ଏବଂ ଅନ୍ୟ ପରିବାରେ ତିଆରି) ଖାଇ ଶେଷ କରିପାରିଛନ୍ତି। ସେହିପରି ଅଟାରେ ତିଆରି ବଡ଼ ଗୋଲ ମିଠା ୧୦ଟି ଖାଇବାକୁ ତାଙ୍କୁ ଲାଗିଛି ମାତ୍ର ୩ ମିନିଟ୍। ଏତେ କମ୍ ସମୟରେ ଏତେ ସବୁ ଖାଦ୍ୟ ଖାଇ ପାରୁଥିବାରୁ ଶୁକ୍ରେଭର ଏବେ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିପାରିଛନ୍ତି। ବ୍ରିଟେନର ମହିଳା ହେଉଛନ୍ତି ଶୁକ୍ରେଭର। ଶୀଘ୍ର ଖାଇ ପାରୁଥିବାରୁ ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡରେ ସ୍ଥାନ ପାଇଛନ୍ତି। ତେବେ ଏହି ରେକର୍ଡକୁ ମିଶାଇ ସେ ଏବେ ସୁଦ୍ଧା ମୋଟ ୧୭ଟି ରେକର୍ଡ ହାସଲ କରିଛନ୍ତି। ଏବେ ସେ ମାତ୍ର ୩୫.୩୬ ସେକେଣ୍ଡରେ ଏକ ବୁରିଟୋ ଖାଇ ଶେଷ କରି ଆଶ୍ଚର୍ଯ୍ୟ କରିଦେଇଛନ୍ତି। ବୁରିଟୋ ହେଉଛି ଅଟାରେ ମୋଟା କରି ରୋଲ ଭଳି ତିଆରି ହୋଇଥିବା ଏକ ଜଳଖିଆ, ଯେଉଁଥିରେ ଭିତରେ ବିଭିନ୍ନ ପ୍ରକାରର ପରିବା ରହିଥାଏ। କିନ୍ତୁ ଏତେ ବଡ଼ ବୁରିଟୋକୁ ସେ ମାତ୍ର କେଇ ସେକେଣ୍ଡରେ ପୂରା ଶେଷ କରିଥିଲେ। ଏହା ସହିତ୧୦ଟି ଜାମ୍ ଡଫ୍‌ନଟ୍(ଗୋଲ ମିଠା) ଖାଇବାକୁ ଲାଗିଛି ମାତ୍ର ୩ ମିନିଟ୍। ଏହିଭଳି ଭାବରେ ବିଭିନ୍ନ ଜିନିଷକୁ ବହୁତ କମ୍ ସମୟରେ ଖାଇପାରୁଥିବାରୁ ଗିନିଜ୍ ବୁକ୍‌ରେ ତାଙ୍କ ନାଁ ସାମିଲ ହୋଇଛି। ଶୁକ୍ରେଭର ଏବେ ଏହି ରେକର୍ଡ କରିବା ପରେ ତାଙ୍କର ଏକ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କର ଏହି ପୋଷ୍ଟକୁ ଶେୟାର କରିବାର ମାତ୍ର ଦିନକ ପରେ ଏହାକୁ ୪୭ହଜାରରୁ ଅଧିକ ଲୋକ ଦେଖି ସାରିଲେଣି ଏବଂ ସୁନ୍ଦର କମେଣ୍ଟ ସବୁ ଦେଉଛନ୍ତି। ଶୁକ୍ରେଭରଙ୍କର ଏଭଳି ଏକ ଟ୍ୟାଲେଣ୍ଟ ପାଇଁ ତାଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି।

# ୧୪ ପୁଅ ପରେ ପରିବାରରେ ପ୍ରଥମ ଝିଅ

ମିଶିଗାନ୍: ପରିବାରରେ ଝିଅଟିଏ ଜନ୍ମନେଲେ ସୌଭାଗ୍ୟ ବୋଲି ବିଶ୍ୱାସ ରହିଛି। କିନ୍ତୁ ଅନେକ ଲୋକ କନ୍ୟା ସନ୍ତାନକୁ ହତାଦର କରିବା ମଧ୍ୟ ଦେଖାଯାଏ। କିନ୍ତୁ ଆମେରିକାର ମିଶିଗାନ୍ ରାଜ୍ୟର ଏକ ଦମ୍ପତି ୧୪ଟି ପୁଅଙ୍କୁ ଜନ୍ମ ଦେଇଥିବାବେଳେ ନିକଟରେ ପରିବାରରେ ପ୍ରଥମକରି ଝିଅଟିଏ ଜନ୍ମନେଇଛି। ଏହାପରେ କଟେରି-ଜୟ ସ୍ୱାଣ୍ଡ୍ ପରିବାରରେ ଖୁସିର ଲହରି ଖେଳିଯାଇଛି। ଦୁହେଁ ଝିଅର ନାଁ ମ୍ୟାଗି ଜୟନେ ରଖିଛନ୍ତି। ଜୟଙ୍କ କହିବା ହେଲା ଉଭୟ ସ୍ତ୍ରୀ ଏବଂ ସ୍ୱାମୀଙ୍କ ବୟସ ୪୫। ଏଥିପୂର୍ବରୁ ତାଙ୍କର ୧୪ଟି ପୁଅ ଅଛନ୍ତି। କିନ୍ତୁ ତାଙ୍କର ପୁଅ କିମ୍ବା ଝିଅ ହେବ, ସେ ନେଇ ଦୁହେଁ କେବେ ମଧ୍ୟ ଜାଣିବାକୁ ଚାହିଁ ନ ଥିଲେ ବୋଲି ସେ କହିଛନ୍ତି। କିନ୍ତୁ ୧୫ତମ ସନ୍ତାନ ଭାବେ ମ୍ୟାଗି ଆମ ପରିବାର ପାଇଁ ଏ ବର୍ଷ ଭଗବାନର ଏକ ବଡ଼ ଉପହାର। ତେଣୁ ଆମ ପରିବାର ବେଶ୍ ଆନନ୍ଦିତ ବୋଲି ସେ କୁହନ୍ତି। ୧୪ ପୁଅ ଏବଂ ୧୬ ସଦସ୍ୟଙ୍କୁ ନେଇ ପରିବାର ଆଗରୁ ମଧ୍ୟ ଚର୍ଚ୍ଚାରେ ରହିଥିଲା। ମ୍ୟାଗିଙ୍କ ଜନ୍ମ ପରେ ଏହି ୧୭ ଜଣିଆ ପରିବାରକୁ ନେଇ ଆହୁରି ଚର୍ଚ୍ଚା ବଢ଼ିଯାଇଛି। ଅନ୍ୟପକ୍ଷରେ ପରିବାରର ବଡ଼ ପୁଅ ଟାଇଲର୍(୨୮) କୁହନ୍ତି, ଆମ ପରିବାରକୁ ପ୍ରଥମ ଭଉଣୀ ଆସିଛି। ତେଣୁ ଭାଇମାନଙ୍କୁ ଆଡ୍‌ଜଷ୍ଟ କରିବା ପାଇଁ କିଛି ସମୟ ନିଶ୍ଚୟ ଲାଗିବ।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
ଫୋନ୍ କରନ୍ତୁ - 8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

MUDRA FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8930928851

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ୟୁଟିଲିଟି ଗ୍ରୁପ୍
ଦ୍ୱାରା 3G/4G ମୋବାଇଲ ଉପକରଣ ନିଜର ଖାଲି ଜମି କିମ୍ବା ପ୍ଲଟ୍‌ରେ ଲଗାନ୍ତୁ
ଅଗ୍ରିମ 55 ଲକ୍ଷ
ଭଡ଼ା ମାସିକ 45,000
25,000ର ଅନ୍ୟାନ୍ୟ ସୁବିଧା
9351425214
Add. : 730-22A, Marathahalli, Bangalor

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସୌନ୍ଦର୍ଯ୍ୟ



# ସୌନ୍ଦର୍ଯ୍ୟ ପାଇଁ ଘରୋଇ ଉପଚାର

**କେତେକଙ୍କର ମୁହଁରେ ଅନାବଶ୍ୟକ ସ୍ଥାନରେ ଲୋମ ଉଠିଥାଏ। ମୁହଁକୁ ସୁନ୍ଦର କରିବା ପାଇଁ ଏହି ଅନାବଶ୍ୟକ ଲୋମକୁ ସଫା କରିବାକୁ ସମସ୍ତେ ପାର୍ଲର ଯାଇଥାନ୍ତି । ଏହି ଲୋମକୁ ସଫା କରିବା ପାଇଁ ବିଭିନ୍ନ ଘରୋଇ ଉପାୟ ସମ୍ପର୍କରେ ଜାଣି ରଖନ୍ତୁ...**

**ଓଟ୍ସ ସ୍କ୍ରବ:** ଏକ ପାଚିଲା କଦଳୀକୁ ଭଲଭାବେ ଚକଟି ସେଥିରେ ଦୁଇ ବଡ଼ ଚାମଚ ଓଟ୍ସ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ପ୍ରାୟ ୨୦ ମିନିଟ୍ ପରେ ପାଣିରେ ଭଲଭାବେ ଧୋଇ ଦିଅନ୍ତୁ।

**ଅଟା ମାସ୍କ:** ଏକ ଚାମଚ ଦଳଦୀ ଗୁଣ୍ଡ, ଏକ ଚାମଚ କ୍ରିମ୍, ଅଧା କପ୍ କ୍ଷୀର, ଅଧା କପ୍ ଛୋଲେରୁ ତିଆରି ହୋଇଥିବା ଅଟା ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଅଧଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ମିଶ୍ରଣ ଭଲଭାବେ ଶୁଖିଗଲା ପରେ ଲୋମ ଉଠିବାର ବିପରୀତ ଦିଗରେ ମୁହଁକୁ ଘଷି ସାମାନ୍ୟ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ।

**ଅଣ୍ଡା ମାସ୍କ:** ଅଣ୍ଡାରେ ଏକ ଚାମଚ ଚିନି ସହିତ ଅଧା ଚାମଚ କର୍ନଷ୍ଟାର୍ଚ ମିଶାଇ ଗାଢ଼ା ପେଷ୍ଟ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଧୀରେ ଧୀରେ ହାତରେ ଘଷି ଛଡ଼ାନ୍ତୁ ଓ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହକୁ ଦୁଇରୁ ତିନି ଥର ଏପରି କରନ୍ତୁ।

**ଅମୃତଭଣ୍ଡା ମାସ୍କ:** ଅଳ୍ପ ପାଚିଲା ଅମୃତଭଣ୍ଡାକୁ ପେଷ୍ଟ କରି ସେଥିରେ ହଳଦୀ ଗୁଣ୍ଡ ଓ ତିନି ବଡ଼ ଚାମଚ ଆଲୋଭେରା ଜେଲ୍ ମିଶାଇ ଭଲଭାବେ ଗୋଳାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁର ବିପରୀତ ଦିଗରେ ଘଷି ଉଷୁମ ପାଣିରେ ଧୋଇ ଦିଅନ୍ତୁ।

**ଯଅ ମାସ୍କ:** ଯଅ ଗୁଣ୍ଡରେ ଏକ ଚାମଚ କ୍ଷୀର ଓ ଲେମ୍ବୁ ରସ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ଶୁଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।



# କେମିତି ପାଳିବେ ଦୀପାବଳି







**ଆଲୋକର ପର୍ବ ଦୀପାବଳିକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସମସ୍ତଙ୍କ ମନରେ ରହିଥାଏ ସ୍ୱତନ୍ତ୍ର ଉତ୍ସାହ। କିନ୍ତୁ କରୋନା ପାଇଁ ଏଥର ଫିକା ଲାଗୁଛି ଏହି ପର୍ବ । ଦୀପାବଳି ପାଳିବାକୁ ମନରେ ସେମିତି ଉତ୍ସାହ ନାହିଁ । ହେଲେ ଏହାରି ଭିତରେ କିନ୍ତୁ ଘରେ ରହି ଭିନ୍ନ ଭିନ୍ନ ଢଙ୍ଗରେ ଦୀପାବଳି ପାଳନ କରିବାକୁ ସଜ ହେଉଛନ୍ତି ସମସ୍ତେ...**

କରୋନା ସଂକ୍ରମଣ କମ୍ ହେବାର ନାଁ ଧରୁନି। ଏଥିପାଇଁ ସବୁ ପର୍ବପର୍ବାଣି ବି ପାଳନ ହେଉଛି ନିରାଡମ୍ବରଭାବେ। ଏଥର ଦୀପାବଳି ବି ସେମିତି କଟକଣାରେ ପାଳନ ହେବ। ବାଣ ଫୁଟିବନି କି ସାଙ୍ଗସାଥୀଙ୍କ ଘରକୁ ଯାଇ ହେବନି। ତେବେ ଏସବୁ ଭିତରେ ବି ଦୀପାବଳି ପାଳିବାକୁ ପ୍ରସ୍ତୁତି କରୁଛନ୍ତି ଗୃହିଣୀମାନେ।

**ଉତ୍ସବ ନ ଥାଉ ଉଲ୍ଲାସ ତ ରହିଛି:** କରୋନା ଯୋଗୁ ଏଥରର କାଳୀପୂଜା ଓ ଦୀପାବଳି ମନେଇରହିବ। ଏଥର ଦୀପାବଳିରେ ଆମେ କେବଳ ଦୀପ ଜଳାଇ ପରିବେଶକୁ ଆଲୋକିତ କରିବୁ। ଦୀପର ଆଲୁଅ ସମାଜରୁ କରୋନା ଅନ୍ଧାରକୁ ଦୂର କରିଦେଉ ବୋଲି ପ୍ରାର୍ଥନା କରିବୁ। ଆଉ ଥରକୁ ଯେମିତି କରୋନା ନ ଥିବ ଏହି ଆଶା ନେଇ ଏଥର ଆମେ ଦୀପାବଳି ପାଳିବୁ। ଦୀପାବଳିରେ ଆମେ ଏଥର ବି ସବୁବର୍ଷ ପରି ଘରେ ଶ୍ରାଦ୍ଧ ଦେଇ ପରମ୍ପରା ରକ୍ଷା କରିବୁ। ସମସ୍ତଙ୍କ ସୁଖ ପାଇଁ ମା' କାଳୀଙ୍କୁ ପୂଜା କରି ଗୁହାରି ଜଣାଇବି। ଉତ୍ସବ ନ ହେଲେ ବି ଉଲ୍ଲାସଭରା ମନରେ ଆମେ ସମସ୍ତେ ଦୀପାବଳି ପାଳନ କରିବୁ।

*-କବିତାରାଣୀ ପତି, ଗୃହିଣୀ, ଭେଲଙ୍ଗ ରାହାସୋଇ, ଯାଜପୁର ଟାଉନ୍*

**ପିଲାଙ୍କ ମନପସନ୍ଦର ଖାଦ୍ୟ ତିଆରି କରିବି:** କରୋନା କଟକଣା ଯୋଗୁଁ ଏଥର ଅନ୍ୟ ବର୍ଷ ପରି ମନ୍ଦିର ଯାଇ ହେବନି। ତେଣୁ ଘରେ ରହି ମା' କାଳୀଙ୍କୁ ପୂଜା କରିବି। ଏହା ସହିତ ଘରେ ପିଲାମାନଙ୍କ ପାଇଁ ପିଠା ଆଉ ମିଠା ବି ତିଆରି କରିବି। ପିଲାମାନେ ବାଣ ଫୁଟାଇ ପାରିବେନି ବୋଲି ମନଦୁଃଖ କରୁଛନ୍ତି, ସେଥିପାଇଁ ସେମାନଙ୍କ ମନପସନ୍ଦର ବିଭିନ୍ନ ଖାଦ୍ୟ ତିଆରି କରିବି ବୋଲି କହିସାରିଛି। ସନ୍ଧ୍ୟାବେଳେ ଏଥର ଘରର ସବୁଆଡ଼େ ବହୁ ଅଧିକ ଦୀପ ଲଗାଇବା ପାଇଁ ଯୋଜନା କରିଛୁ। ସେଥିପାଇଁ ମୁଁ ଦୀପ ଆଉ ସଳିତା କିଣି ଆଣିସାରିଛି। ମା' କାଳୀ ସାରା ବିଶ୍ୱକୁ କରୋନା ସଙ୍କଟରୁ ରକ୍ଷା କରନ୍ତୁ ଏହି ପ୍ରାର୍ଥନା କରି ଏଥର ଦୀପାବଳି ପାଳନ କରିବି।

ଅରୁନ୍ଧତୀ ମହାନ୍ତି, ଗୃହିଣୀ, ଚୂଡ଼ାମଣି, ବାସୁଦେବପୁର, ଭଦ୍ରକ

**ରଙ୍ଗୋଲୀ କରିବି, ଦୀପ ଜାଳିବି:** ଦୀପାବଳିରେ ସବୁବର୍ଷ ମୁଁ ସୁନ୍ଦର ସୁନ୍ଦର ଝୋଟି ତିଆରି କରେ। ଏଥର ବି କରିବି। ବାଣ ଫୁଟାଇବାକୁ ସିନା କଟକଣା ରହିଛି ହେଲେ ଦୀପ ଜାଳିବା, ପିଠା ତିଆରି କରିବା ଆଉ ପୂଜା କରିବାରେ ତ ଅସୁବିଧା ନାହିଁ। ଏମିତିରେ ମୋର ଦୁଇ ଝିଅ ଏବେ ବହୁତ ଛୋଟ ଅଛନ୍ତି, ତେଣୁ ସେମାନେ ତ ବାଣ ଫୁଟାଇ ପାରି ନ ଥାନ୍ତେ। ହେଲେ ସେମାନେ ବାଣ ଦେଖିବାକୁ ଭଲପାନ୍ତି ବୋଲି ପ୍ରତିବର୍ଷ ମାମୁଘରକୁ ଯାନ୍ତି। କିନ୍ତୁ ଏବର୍ଷ ଆମେ କେହି କୁଆଡ଼େ ଯିବୁନି। ପିଲାମାନେ ଘରେ ରହି ନୂଆ ଡ୍ରେସ ପିନ୍ଧିବେ ଆଉ ମୁଁ ପିଠା ତିଆରି କରିବି, ସେମାନେ ଖାଇବେ। ରାତିରେ ତ ରଙ୍ଗୋଲୀ ସାଙ୍ଗକୁ ଦୀପ ଲଗାଇବି। ଦୀପର ଆଲୁଅ ଭଳି ଘରେ ସବୁବେଳେ ଖୁସିର ପରିବେଶ ଏମିତି ରହିଥାଉ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା କରିବି।

*-ଶିବାନୀ ପ୍ରିୟଦର୍ଶିନୀ ସ୍ୱାଇଁ, ଶିକ୍ଷୟିତ୍ରୀ, ନଖରା, କଟକ*

**ଘରେ ସବୁ ପୂଜା ହେବ:** ଦୀପାବଳିରେ ବାଣ ସିନା ଫୁଟାଇ ହେବନି। ବାକି ଘରେ ଶ୍ରାଦ୍ଧ ପଡ଼ିବା ଠାରୁ ପିଠାପଣା, ବଡ଼ବଡୁଆ ଟେକା ସବୁ ତ ହେବ। ସ୍କୁଲ ଖୋଲି ନ ଥିବାରୁ ଆମେ ସମସ୍ତେ ଏପ୍ରିଲ ମାସରୁ ଗାଁରେ ଅଛୁ। ତେଣୁ ସକାଳୁ ଘରେ ଶ୍ରାଦ୍ଧ ପଡ଼ିବ ଆଉ ସାହିରେ ଦାଦା ବଡ଼ବାପା ଘରର ସମସ୍ତେ ଏକାଠି ଖାଇବା ପାଇଁ ରୋଷେଇ କରିବି। ସନ୍ଧ୍ୟାରେ ଘରେ ରଙ୍ଗୋଲୀ ହେବ ଆଉ ବଡ଼ବଡୁଆ ଡକା ପାଇଁ ସମସ୍ତେ ଏକାଠି ହେବେ। ସନ୍ଧ୍ୟାରେ ପିଠା କରି ଶାଶୁଙ୍କ ସହିତ ପୂଜା କରିବି। ରାତିରେ ସମସ୍ତଙ୍କୁ ପିଠା ଭୋଗ ବି ବଣ୍ଟାହେବ। ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ଆମର ଦୀପ, ସଳିତା ଆଉ ତେଲ ସବୁ କିଣା ସରିଛି। ବଡ଼ବଡୁଆ ଡାକିବା ପାଇଁ କାଉଁରିଆ କାଠି ବି ଆସିଛି। ଖାଲି ପୂଜା ପରେ ବାଣ ଫୁଟା ହେବନି ବୋଲି ପିଲାମାନେ ମନ ଦୁଃଖ କରୁଛନ୍ତି।

*-ଅମିତା ରାଉତ, ଗୃହିଣୀ, ଭଗବାନପୁର, କେନ୍ଦ୍ରାପଡ଼ା*

**ବୋଉ ହାତ ତିଆରି ପିଠା ଖାଇହେବନି:** ଦୀପାବଳିରେ ବାଣ ଫୁଟାଇ ପାରିବି ନାହିଁ ବୋଲି ମନ ଦୁଃଖ ହେଉଛି। କାହିଁକି ନା ମତେ ବାଣ ଫୁଟାଇବାକୁ ବହୁତ ଭଲ ଲାଗେ। ସବୁବର୍ଷ ମୁଁ ସକାଳୁ ଘରେ ପୂଜା ସାରି ଆମ ଘରକୁ ଯାଏ ଓ ସେଠାରେ ଏକାଠି ସମସ୍ତେ ବାଣ ଫୁଟାଇ ମଜାକରୁ ଆଉ ବୋଉ ପିଠା କରିଥାଏ ଖାଉ। ହେଲେ ଏଥର ସେହି ସୁଯୋଗ ମିଳିବନି। ତଥାପି ମୁଁ ଏଥର ଘରେ ମିଠା ତିଆରି କରିବା ପାଇଁ ସବୁ ପ୍ରସ୍ତୁତି କରିଛି। ଏହା ସହିତ ରଙ୍ଗୋଲୀ କରି ଦୀପ ଜାଳିବି।

*-ସୁରଶ୍ରୀ ପ୍ରିୟଦର୍ଶିନୀ, ଗୃହିଣୀ, ଭିଏସଏସ ନଗର, ଭୁବନେଶ୍ୱର*


ଅମିତା


ଅରୁନ୍ଧତୀ


କବିତାରାଣୀ


ସୁରଶ୍ରୀ


ଶିବାନୀ

# ଏମିତି ପିନ୍ଧନ୍ତୁ ଲେହେଙ୍ଗା

ଲେହେଙ୍ଗା ଡିଜାଇନ୍ ଏପରି ହୋଇଥାଏ ଯେ ଥରେ ପିନ୍ଧିବା ପରେ ଏହାକୁ ପୁଣି ଥରେ ପିନ୍ଧିଲେ ରିପିଟ୍ କରିବା ଭଳି ମନେ ହେବ। କିନ୍ତୁ ଲେହେଙ୍ଗାକୁ ବିଭିନ୍ନ ଢଙ୍ଗରେ ପିନ୍ଧିଲେ ତାହା ନୂଆ ଡିଜାଇନ୍ ଭଳି ମନେହେବ। ତେଣୁ ଲେହେଙ୍ଗାକୁ କିପରି ପିନ୍ଧିଲେ ତାହା ନୂଆ ପରି ଲାଗିବ ଜାଣି ରଖନ୍ତୁ।

**ଶର୍ଟସ କିମ୍ବା ଟପ୍ ସହିତ:** ଲେହେଙ୍ଗାର ସ୍କର୍ଟ ସହିତ ଟ୍ରେଣ୍ଡି ଟପ୍ କିମ୍ବା ଶର୍ଟସ ମଧ୍ୟ ପିନ୍ଧିପାରିବେ। ଶୁଣିବାକୁ ଏହା ଅଜବ ମନେହେଲେ ବି ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ସେଲିବ୍ରିଟିମାନେ ବି ଏପରି ପିନ୍ଧୁଛନ୍ତି। ଲେହେଙ୍ଗା ଷ୍ଟାଇଲ୍ ସ୍କର୍ଟ ସହିତ ମ୍ୟାଚିଂ ଟପ୍ କିମ୍ବା ଶର୍ଟସ ପିନ୍ଧିଲେ ତାହା ଏକ ଟ୍ରେଣ୍ଡି ଲୁକ୍ ଦେଇପାରିବ।

**ଚୋଲୀ କିମ୍ବା ବ୍ଲାଉଜ୍ ସହ ପ୍ଲାଜୋ:** ଲେହେଙ୍ଗାର ଚୋଲୀକୁ ଆପଣ ପ୍ଲାଜୋ ସହିତ ମ୍ୟାଚ କରି ପିନ୍ଧିପାରିବେ। ବଲିଉଡ୍ ଅଭିନେତ୍ରୀମାନେ ଏପରି ଭାବେ ପିନ୍ଧି ଫ୍ୟାଶନ ଟ୍ରେଣ୍ଡରେ ନୂଆ ଲୁକ୍ ଦେଇଛନ୍ତି।

**ଶାଢି ସହିତ:** ଲେହେଙ୍ଗାର ବ୍ଲାଉଜ୍‌କୁ ଶାଢି ସହ ବି ପିନ୍ଧିହେବ। ଯଦି ଆପଣଙ୍କ ଲେହେଙ୍ଗା ବ୍ଲାଉଜ୍ ଗୋଲ୍ଡେନ ରଙ୍ଗର ଏବଂ ସେଥିରେ ହେଭି କାମ ହୋଇଛି ତେବେ ଆପଣ ତାକୁ ପ୍ଲେନ୍ ଲୁକିଙ୍ଗ୍ ଶାଢି କିମ୍ବା ଗୋଲ୍ଡେନ ବର୍ଡର ଶାଢି ସହିତ ପିନ୍ଧି ପାରିବେ। ଆପଣ ଚାହିଁଲେ କଣ୍ଟ୍ରାଷ୍ଟିଙ୍ଗ୍ ଲୁକ୍‌ରେ ବି ଶାଢି ପିନ୍ଧିପାରିବେ। ଆଜିକାଲି ଫ୍ୟାଶନ୍ ଟ୍ରେଣ୍ଡରେ ଏହି ଲୁକ୍ ବି ବେଶ୍ ଚାଲିଛି।



# ଘରକରଣା



- ବଟରକୁ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟବହାର କରିବାକୁ ଚାହୁଁଥିଲେ ତାକୁ ଫ୍ରିଜରରେ ରଖନ୍ତୁ। ଫ୍ରିଜରେ ରଖନ୍ତୁ ନାହିଁ। ତେବେ ଏହାକୁ ଅଧିକ ଗନ୍ଧଥିବା କୌଣସି ଜିନିଷ ପାଖରେ ରଖନ୍ତୁ ନାହିଁ। କାରଣ ବଟର ଶୀଘ୍ର ଅନ୍ୟ ଜିନିଷର ଗନ୍ଧକୁ ଗ୍ରହଣ କରିନିଏ।
- ଆଳୁ ପିଆଜକୁ ଏକାଠି ରଖନ୍ତୁ ନାହିଁ। ଏହା ଶୀଘ୍ର ଖରାପ ହୋଇଯାଏ। ଆଳୁକୁ ବେଶି ଦିନ ରଖିବା ପାଇଁ ଥଣ୍ଡା ଏବଂ ପବନ ବାଜୁଥିବା ସ୍ଥାନରେ ହିଁ ରଖନ୍ତୁ।
- ପନିପରିବାକୁ ଧୋଇବା ପରେ ତାକୁ ଶୁଖାଇ ପେପର ଟାୱେଲରେ ବାନ୍ଧି ରଖନ୍ତୁ। ଫଳରେ ଅଧିକ ଦିନ ପର୍ଯ୍ୟନ୍ତ ପରିବା ନଷ୍ଟ ନ ହୋଇ ତାଜା ରହିବ।
- ସବୁ ପ୍ରକାରର ଫଳକୁ ଏକାଠି ଗୋଟିଏ ଝୁଡ଼ିରେ ରଖନ୍ତୁ ନାହିଁ। କାରଣ କିଛି ଫଳରୁ ଇଥୋଲିନ୍ ଗ୍ୟାସ ବାହାରି ଅନ୍ୟ ଫଳକୁ ଖରାପ କରିଦିଏ। ତେଣୁ କଦଳୀ, ସେଓ, ନାଶପାତି ଆଦି ସବୁ ଫଳକୁ ଅଲଗା ଅଲଗା କରି ରଖନ୍ତୁ, ନଷ୍ଟ ନ ହୋଇ ବେଶି ଦିନ ରହିବ।
- ଟମାଟୋକୁ ଫ୍ରିଜରେ ରଖିବା ଉଚିତ ନୁହେଁ। କାରଣ ଫ୍ରିଜରେ ରହିବା ପରେ ଟମାଟୋ ସିଝିବାକୁ ଅଧିକ ସମୟ ନିଏ। ଥଣ୍ଡା ଏବଂ ପବନ ଚଳାଚଳ ସ୍ଥାନରେ ଟମାଟୋକୁ ରଖିଲେ ତାହା ଅନେକ ଦିନ ରହିଥାଏ।
- ବଳକା ଖାଦ୍ୟକୁ ଫ୍ରିଜରେ ରଖିବାକୁ ହେଲେ ବଡ଼ ପାତ୍ର ବଦଳରେ ଛୋଟ ପାତ୍ରରେ ହିଁ ରଖନ୍ତୁ। କାରଣ ଏହା ଶୀଘ୍ର ଥଣ୍ଡା ହୁଏ ଏବଂ ବେଶି ସମୟ ଭଲ ରହେ।
- ଶସ୍ ଏବଂ ଟମାଟୋ କ୍ୟାଚଅପ୍ ଆଦି ଫ୍ରିଜରେ ରଖିବା ପୂର୍ବରୁ ବଟଲ୍‌ର ମୁହଁକୁ ଭଲଭାବେ ସଫା କରି ବନ୍ଦ କରି ରଖନ୍ତୁ। ନଚେତ୍ ତାହା ଶୀଘ୍ର ଖରାପ ହୋଇଯିବ।



ଖାଦ୍ୟରୁଚି

# ମିନି ସୁଜି ପିଜା

**ଆବଶ୍ୟକ ସାମଗ୍ରୀ: ପିଜା ବେସ୍ ପାଇଁ**–ସୁଜି– ଅଧା କପ୍, ଗାଉଳ ଗୁଣ୍ଡ– ୨ଚାମଚ, ଦହି– ଅଧା କପ୍, ଚିଲି ଫ୍ଲେକ୍ସ– ଅଧା ଚାମଚ, ଅଦା ଓ ରସୁଣ ପେଷ୍ଟ– ଅଧା ଚାମଚ, ଗୋଲମରିଚ ଗୁଣ୍ଡ– ଅଳ୍ପ, ବେକିଂ ପାଉଡର– ଅଧା ଛୋଟଚାମଚ, ଲୁଣ ସ୍ୱାଦ ଅନୁସାରେ। **ପିଜା ଟପିଂ ପାଇଁ**– ପିଆଜ ୧ଟି (ମଧ୍ୟମ ଆକାର), କ୍ୟାପସିକମ୍– ୧ଟି ଛୋଟ, ଟମାଟୋ– ୧ଟି ଛୋଟ, ଲହୁଣି– ଅଧାକପ୍, ପିଜା ଶସ୍– ଅଧା କପ୍, କଞ୍ଚା ଲଙ୍କା ଓ ଚିଲି ଫ୍ଲେକ୍ସ– ଅଳ୍ପ, ଚାଟ ମସଲା– ୧ ଚାମଚ, ଆବଶ୍ୟକ ଅନୁସାରେ ତେଲ।

**ପ୍ରଣାଳୀ:** ପ୍ରଥମେ ପିଜା ବେସ୍ ପାଇଁ ଥିବା ସାମଗ୍ରୀ ମଧ୍ୟରୁ କେବଳ ବେକିଂ ସୋଡାକୁ ଛାଡ଼ି ଅନ୍ୟ ସବୁକୁ ମିଶାଇ ଦିଅନ୍ତୁ। ଆବଶ୍ୟକ ହେଲେ ଅଳ୍ପ ପାଣି ମିଶାଇ ଏକ ଗାଢ଼ା ଘୋଳ ତିଆରି କରନ୍ତୁ। ମିଶ୍ରଣକୁ ୨୦ ମିନିଟ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ ସେଥିରେ ବେକିଂ ସୋଡା ପକାଇ ଭଲଭାବେ ଗୋଳାନ୍ତୁ। ନନ୍‌ଷ୍ଟିକ୍ ତାୱା ବସାଇ ସେଥିରେ ତେଲ ପକାନ୍ତୁ। ତାୱାରେ ଏକ ଚାମଚ ଘୋଳ ପକାଇ ଉତ୍ତପମ୍ ଭଳି କରନ୍ତୁ। ଦୁଇ ପଟକୁ କମ୍ ଆଞ୍ଚରେ ଭଲଭାବେ ସେକନ୍ତୁ। ମିନି ଉତ୍ତପମ୍ ଉପରେ ପିଜା ଶସ୍ ଲଗାଇ ତା'ପରେ ଚାଟ୍ ମସଲା ପକାନ୍ତୁ। ଏହାପରେ ସମସ୍ତ କଟା ହୋଇଥିବା ପରିବାକୁ ପକାଇ ତା' ଉପରେ ଲହୁଣି ପକାନ୍ତୁ। ମିନି ପିଜାକୁ ନନ୍‌ଷ୍ଟିକ୍ ତାୱା ଉପରେ ଲହୁଣି ତରଳିବା ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ତାୱାରୁ କାଢ଼ି ଚିଲି ଫ୍ଲେକ୍ସ ଓ ଗୋଲମରିଚ ଗୁଣ୍ଡ ପକାଇ ସର୍ଭ କରନ୍ତୁ।



# ବେଡ୍‌ରୁମ୍ ଡେକୋର

**ଥକ୍କା ଲାଗିଲେ ସମସ୍ତେ ଆରାମ କରିବା ପାଇଁ ବେଡ୍‌ରୁମ୍‌କୁ ଆସନ୍ତି। ବେଡ୍‌ରୁମ୍‌କୁ ସୁନ୍ଦରଭାବେ ସଜାଇ ରଖିଲେ ହିଁ ମନ ଖୁସି ରହିବା ସହିତ ତାଜାପଣର ଅନୁଭବ ହୋଇପାରିବ। ବେଡ୍‌ରୁମ୍‌କୁ କିପରି ବିଭିନ୍ନ ଲୁକ୍‌ରେ ସଜାଇବେ ସେ ସମ୍ପର୍କରେ ଜାଣି ରଖନ୍ତୁ...**

- ବେଡ୍‌ରୁମ୍‌କୁ ସବୁବେଳେ ହାଲ୍‌କା ରଙ୍ଗ ଦିଅନ୍ତୁ। ଏହା ଫଳରେ ବେଡ୍‌ରୁମ୍ ଭିତରେ ରହିବା ପାଇଁ ଭଲ ଲାଗିବ। କ୍ରିମ୍ ହ୍ୱାଇଟ୍ କିମ୍ବା ପାଉଡର ବ୍ଲୁ କଲର, ବେଡ୍‌ରୁମ୍‌ର ଲୁକ୍ ପାଇଁ ବହୁତ ଭଲ।
- ବେଡ୍ ପାଖରେ ଛୋଟ ସାଇଡ୍ ଟେବୁଲ୍ ରଖନ୍ତୁ। ଏହା ସହିତ ହ୍ୟାଙ୍ଗିଙ୍ଗ୍ ଲ୍ୟାମ୍ପ ବି ଘରକୁ ଭିନ୍ନ ଲୁକ୍ ଦେବ।
- ବେଡ୍‌ରୁମ୍‌କୁ ଆରାମଦାୟକ କରିବାକୁ ଚାହୁଁଥିଲେ ବେଡ୍ ଉପରେ ଧଳା ରଙ୍ଗର ଚଦର ବିଛାନ୍ତୁ। ବେଡ୍ ପାଖରେ ଅନ୍ୟ ଯେକୌଣସି ରଙ୍ଗର ଜିନିଷ ରଖିଲେ ହିଁ ଭଲ ଲାଗିବ।
- ବେଡ୍ ପାଖରେ ଫୁଲ ସଜାଇ ରଖିଲେ ବି ବହୁତ ସୁନ୍ଦର ଦିଶିବ। ଏହା ସହିତ ଏକ ଆରାମ ଚେୟାର ବି ଘରେ ରଖିପାରିବେ। ବିଭିନ୍ନ ଡିଜାଇନର ଲାଇଟ୍ ବି ଆଜିକାଲି ବେଡ୍‌ରୁମ୍‌କୁ ଭିନ୍ନ ଲୁକ୍ ଦେଉଛି।
- ଘରର ସାଇଜ୍ ଅନୁସାରେ ଘର ସଜାନ୍ତୁ। ଯଦି ଘର ଛୋଟ ହୋଇଥାଏ ତେବେ ଲାଲ୍ ରଙ୍ଗ ବ୍ୟବହାର କରନ୍ତୁ ଏବଂ ଘର ବଡ଼ ହୋଇଥିଲେ କାନ୍ଥର ଗୋଟିଏ କଡ଼ରେ ୱାଲ୍ ପେଣ୍ଟିଂ କରନ୍ତୁ।
- ଯେତିକି ଆବଶ୍ୟକ ସେତିକି ଫର୍ନିଚର ହିଁ ରଖନ୍ତୁ।
- ଘରେ ଅଧିକ ହ୍ୟାଙ୍ଗିଙ୍ଗ୍ ଜିନିଷ ରଖନ୍ତୁ। ଫଳରେ ଘରେ ଅଧିକ ସ୍ପେଶ୍ ରହିବ ଓ ଲୁକ୍ ମଧ୍ୟ ଭଲ ଲାଗିବ।
- ଘରେ କବାଟ ଓ ଝରକାର ପରଦା ହିଁ ଘରକୁ ପୂରା ଅଲଗା ଲୁକ୍ ଦେଇଥାଏ। ତେଣୁ ଫର୍ନିଚରକୁ ଦୃଷ୍ଟିରେ ରଖି ସେହି ଅନୁସାରେ ପରଦା ଚୟନ କରନ୍ତୁ।
- ଘରର ଆକାର ଅନୁସାରେ ସେହି ସାଇଜ୍‌ର ବେଡ୍ ରଖନ୍ତୁ। ବାହାରେ କୌଣସି ଜିନିଷ ନ ରଖି ବକ୍ସ ଥିବା ବେଡ୍ ରଖନ୍ତୁ। ଅଧିକ ଜିନିଷ ସେଥିରେ ରହିଯିବ।
- ବେଡ୍ ସଜାଇବା ପାଇଁ ଭଲ କ୍ୱାଲିଟିର ଚଦର ଏବଂ ଡିଜାଇନ୍ ତକିଆ ବ୍ୟବହାର କରନ୍ତୁ।





# ମୁମ୍ବାଇ-ଦିଲ୍ଲୀ ଟାଇଟଲ ମୁକାବିଲା ଆଜି




**ଦୁବାଇ,୯।୧୧(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ୧୩ତମ ସଂସ୍କରଣ ଅନ୍ତିମ ଚରଣରେ ପହଞ୍ଚିଛି। ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ମଙ୍ଗଳବାର ଫାଇନାଲ ମୁକାବିଲା ଖେଳାଯିବ। ଟାଇଟଲ ପାଇଁ ଏହି ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ ଓ ଶ୍ରେୟାସ ଆୟାରଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ସାରା ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ କରିବା ସହ ଶକ୍ତିଶାଳୀ ମୁମ୍ବାଇ ଦଳ ସବୁ ଦୃଷ୍ଟିକୋଣରୁ ବେଶ୍ ସନ୍ତୁଳିତ ମନେହେଉଛି। ଅନ୍ୟପଟେ ଅସ୍ଥିର ପ୍ରଦର୍ଶନ ସତ୍ତ୍ୱେ ଦିଲ୍ଲୀ ଏବେ ମୁମ୍ବାଇକୁ ଟକ୍କର ଦେବାକୁ ପ୍ରସ୍ତୁତିପର୍ବ ଶେଷ କରିଛି। ଦିଲ୍ଲୀର ଅନ୍- ପ୍ରେଡିକ୍‌ଟେବୁଲ ପ୍ରଦର୍ଶନ ପ୍ରତି ମୁମ୍ବାଇ ସତର୍କ ନିଶ୍ଚିତ ଭାବେ ରହିବ। ବିପର୍ଯ୍ୟୟ ଘଟାଇବାର କ୍ଷମତା ଦିଲ୍ଲୀ ପାଖରେ ରହିଛି ବୋଲି ମୁମ୍ବାଇ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଥିବ ନିଶ୍ଚୟ।

ଗତ ୫୨ଦିନ ଧରି ଖେଳାଯାଇ ଆସୁଥିବା ଆଇପିଏଲ୍‌କୁ ବହୁସଂଖ୍ୟକ ଦର୍ଶକ ଉପଭୋଗ କରିଛନ୍ତି। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରିଥିବା ବେଳେ ଆଇପିଏଲ୍‌ର ଲୋକପ୍ରିୟତା କମିନାହିଁ। ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଟୁର୍ନାମେଣ୍ଟର ସଫଳ ପରିସମାପ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ଆଉ ଏକ ସଫଳତାର ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଆଘାତ ସମସ୍ୟା କାରଣରୁ ଚର୍ଚ୍ଚରେ ରହିଥିବା ଆଇପିଏଲ୍‌ର ସଫଳତମ ଅଧିନାୟକ ରୋହିତ ଶର୍ମା ପଞ୍ଚମ ଟାଇଟଲ ହାସଲରୁ ଆଉମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। ଅପରପକ୍ଷରେ ଆଇପିଏଲ୍ ଇତିହାସରେ ଉଚ୍ଚକୋଟୀର ପ୍ରଦର୍ଶନ କରିପାରି ନ ଥିବା ଦିଲ୍ଲୀ କିନ୍ତୁ ଶେଷରେ ଯୁବ ଖେଳାଳିମାନଙ୍କ ପ୍ରୟାସରେ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ମୁମ୍ବାଇ ୧୫ଟି ମ୍ୟାଚ୍ ଖେଳି ୧୦ଟି ବିଜୟୀ ହେବା ସହ ଫାଇନାଲକୁ ଉଠିଛି। ସେହିପରି ଦିଲ୍ଲୀ ୧୬ଟି ମ୍ୟାଚ୍‌ରୁ ୯ଟିରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏକ ସନ୍ତୁଳିତ ଦଳ ହେବା ସହ ମୁମ୍ବାଇ ପ୍ରଦର୍ଶନରେ ମଧ୍ୟ ସନ୍ତୁଳନ ଦେଖିବାକୁ ମିଳିଛି। ଅନ୍ୟ କୌଣସି ଦଳ ପାଖରେ ଏହା ଦେଖିବାକୁ ମିଳିନାହିଁ। ମୋଟ ଉପରେ ମୁମ୍ବାଇ ଖେଳାଳିମାନେ ୧୩୦ଟି ଛକା ମାରିଥିବା ବେଳେ ଦିଲ୍ଲୀର ଖେଳାଳିମାନେ ମାତ୍ର ୮୪ଟି ଛକା ମାରିଛନ୍ତି। ଏହି ପରିସଂଖ୍ୟାନରୁ ମୁମ୍ବାଇର ଶକ୍ତି କେତେ ତାହା ସହଜରେ ଅନୁମାନ କରାଯାଇପାରେ।

ଦୁଇ ଓପନର ରୋହିତ ଓ କ୍ୱିଣ୍ଟନ ଡିକକ୍ ଦଳ ପାଇଁ ଭଲ ଆରମ୍ଭ ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ଯୁବ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଜବରଦସ୍ତ ଫର୍ମରେ ରହିଛନ୍ତି। ସେ ଏପର୍ଯ୍ୟନ୍ତ ୬୦ଟି ବାଉଣ୍ଡାରି ମାରିବା ସହ ୧୦ଟି ଛକା ମାରିଛନ୍ତି। ଚଳିତ ସଂସ୍କରଣରେ ସେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

ସେହିପରି ଯୁବ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଇଶାନ କିଶନ ଏପର୍ଯ୍ୟନ୍ତ ୨୯ଟି ଛକା ମାରିଛନ୍ତି। ସେହିପରି କରିନ ପୋଲାର୍ଡଙ୍କର ଷ୍ଟ୍ରାଇକ୍‌ରେଟ୍ ୧୯୦ରୁ ଊର୍ଦ୍ଧ୍ୱ ରହିଛି।

ଦିଲ୍ଲୀ କାଗିସୋ ରବାଡ଼ା ୨୯ ଓ ଏନ୍‌ରିଚ୍ ନର୍ଜେ ୨୦ ଉଇକେଟ ହାସଲ କରିଛନ୍ତି। ତେବେ ଫାଇନାଲରେ ମୁମ୍ବାଇର ପାଣ୍ଡ୍ୟା ବ୍ରଦର୍ସ କ୍ରୁନାଲ ଓ ହାର୍ଦ୍ଦିକଙ୍କୁ ସାମ୍ନା କରିବାକୁ ହେବ। ଏହି ଦୁଇ ଭାଇ ବିଗ୍ ହିଟରଭାବେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି।

ଦିଲ୍ଲୀର ଅଭିଜ୍ଞ ଓପନର ଶିଖର ଧାୱନ ୬୦୩ ରନ ସଂଗ୍ରହ କରି ଏଥର ଆଇପିଏଲ୍‌ରେ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ତେବେ ଫାଇନାଲ ମ୍ୟାଚ୍‌ରେ ତାଙ୍କୁ ଯଶପ୍ରୀତ ବୁମ୍‌ରାଙ୍କ ୟର୍କର ଓ ଟ୍ରେଣ୍ଟ ବୋଲ୍ଟଙ୍କ ବାଉନସର ବଲକୁ ନିୟନ୍ତ୍ରଣ କରିବାକୁ ହେବ। ଚଳିତ ସଂସ୍କରଣରେ ମୁମ୍ବାଇ ୩ଟି ଯାକ ମ୍ୟାଚ୍‌ରେ ଦିଲ୍ଲୀ ସମ୍ପୂର୍ଣ୍ଣ ଭାବେ ପ୍ରଭାବ ବିସ୍ତାର କରି ପରାସ୍ତ କରିଛି। ଦିଲ୍ଲୀକୁ ଟାଇଟଲ ହାସଲ କରିବାକୁ ହେଲେ ଚତୁର୍ଥ ମ୍ୟାଚ୍‌ରେ ଭାଗ୍ୟଶାଳୀ ସାବ୍ୟସ୍ତ ହେବାକୁ ପଡିବ। ଦ୍ୱିତୀୟ କ୍ୱାଲିଫାୟରରେ ଦିଲ୍ଲୀ ଅଲରାଉଣ୍ଡର ମାର୍କୁସ ଷ୍ଟୋଇନିସ୍‌ଙ୍କୁ ଓପନିଂ କରିବାକୁ ସୁଯୋଗ ଦେଇ ସଫଳ ହୋଇଛି। ଷ୍ଟୋଇନିସ୍ ୧୨ଟି ଉଇକେଟ ହାସଲ କରିବା ସହ ୩୫୨ ରନ ସଂଗ୍ରହ କରିଛନ୍ତି। ଇନିଂସ ଓପନ କରିବା ସହ ଷ୍ଟୋଇନିସ୍ ଦଳରେ ସନ୍ତୁଳନ ଆଣିଛନ୍ତି। ଆୟାର ଓ ରିଷଭ ପନ୍ତ ଛକା ମାରିବାରେ ସେତେଟା ସଫଳ ହୋଇ ନ ଥିଲେ ମଧ୍ୟ ଶିମରନ ହେଟମେୟର ଏ ଦୃଷ୍ଟିକୋଣରୁ ଯଥେଷ୍ଟ ଆଗରେ ରହିଛନ୍ତି। ପାୱାରପ୍ଲେରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଦିଲ୍ଲୀ ଟାଇଟଲ ଜିତିଲେ କୋଚ୍ ତଥା ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂଙ୍କ ପାଇଁ ଏହା ବିଶେଷ ଉପଲବ୍ଧି ସାବ୍ୟସ୍ତ ହେବ। ତେବେ ୨୦୧୭ ପରଠାରୁ ସବୁ ଫାଇନାଲରେ ସାମିଲ ହୋଇ ଆସୁଥିବା ମହେନ୍ଦ୍ର ସିଂ ଧୋନୀଙ୍କୁ ଏଥର ଦେଖିବାକୁ ମିଳିବ ନାହିଁ। ଆଇପିଏଲ୍ ଫାଇନାଲ ମ୍ୟାଚ୍ ରୋମାଞ୍ଚକ ହେବ ଓ ସମସ୍ତଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।

| ଆଇପିଏଲ୍ (ମଙ୍ଗଳବାର ମ୍ୟାଚ୍) ଫାଇନାଲ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ<br>ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦<br>ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ |
|---|---|

# 'ଭାରତ ବିପକ୍ଷରେ ଓପନିଂ କରନ୍ତୁ ପୁକୋଭସ୍କି'



ୱିଲ୍ ପୁକୋଭସ୍କି

**ମେଲବୋର୍ନ, ୯।୧୧ (ପି.ଟି.)**

ଭାରତ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆ ଦଳ ତରଫରୁ ଓପନିଂ କରିବା ଲାଗି ଯୁବ ଖେଳାଳି ୱିଲ୍ ପୁକୋଭସ୍କିଙ୍କୁ ସୁଯୋଗ ଦେବା ଉଚିତ୍ ବୋଲି ଇନାନ ଚାପେଲ ଓ ମାଇକେଲ କ୍ଲାର୍କଙ୍କ ସମେତ ବହୁ ପୂର୍ବତନ ଅଧିନାୟକ ମତବ୍ୟକ୍ତ କରିଛନ୍ତି। ଭିକ୍ଟୋରିଆର ପୁକୋଭସ୍କି ଶେଫିଲ୍ଡ ଶିଲ୍‌ଡ ଘରୋଇ କ୍ରିକେଟ ପ୍ରତିଯୋଗିତାରେ କ୍ରମାଗତ ଦୁଇଟି ଦ୍ୱିଶତକ ହାସଲ କରିଛନ୍ତି। ଗତ ସପ୍ତାହରେ ସାଉଥ ଅଷ୍ଟ୍ରେଲିଆ ବିପକ୍ଷରେ ସେ ୨୫୫ରନ କରି ଅପରାଜିତ ରହିଥିବାବେଳେ ନିକଟରେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ବିପକ୍ଷରେ ସେ ୨୦୨ ରନ କରିଛନ୍ତି। ଏହି ୨୨ ବର୍ଷୀୟ କ୍ରିକେଟର ଏହି ସିଜନରେ ୪୫୭ ରନ ସ୍କୋର କରିସାରିଲେଣି। ଡିସେମ୍ବର ୧୭ରୁ ଅଷ୍ଟ୍ରେଲିଆର ଭାରତ ବିପକ୍ଷ ଟେଷ୍ଟ ସିରିଜ ଆରମ୍ଭ ହେବ। ଏଥିରେ ପୁକୋଭସ୍କିଙ୍କୁ ନିହାତି ସୁଯୋଗ ଦେବା ଉଚିତ୍ ବୋଲି କ୍ଲାର୍କ କହିଛନ୍ତି। ଭାରତ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ତାଙ୍କୁ ଡେଭିଡ୍ ୱାର୍ନରଙ୍କ ଓପନିଂ ପାର୍ଟନର କରାଯାଉ। ମାର୍ନସ

### ପୂର୍ବତନ ଖେଳାଳିଙ୍କ ମତ

ଲାବୁସାନେ ୩ୟ ଏବଂ ଷ୍ଟିଭ୍ ସ୍ମିଥ୍ ୪ର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଲେ ଭଲ। ଅନ୍ୟପକ୍ଷରେ ୧୯୭୧ରୁ ୧୯୭୫ ପର୍ଯ୍ୟନ୍ତ ଭାରତର ଅଧିନାୟକ ଦାୟିତ୍ୱ ତୁଲାଇଥିବା ଚାପେଲ କହିଛନ୍ତି, ଟେଷ୍ଟ ଓପନର ଜୋ ବର୍ନ୍ସ ତୁଳନାରେ ପୁକୋଭସ୍କି ଲମ୍ବା ସମୟ ପାଇଁ ଜଣେ ଉନ୍ନତ ଓପନର। ଗତ ଗ୍ରୀଷ୍ମଋତୁରେ ଅଷ୍ଟ୍ରେଲିଆ ତରଫରୁ ଖେଳିବା ବେଳେ ବର୍ନ୍ସଙ୍କ ଆଭରେଜ ମାତ୍ର ୩୨ ରହିଥିଲା। ଚଳିତ ସିଜନରେ କୁଇନ୍ସଲାଣ୍ଡ ପାଇଁ ସେ ୭, ୨୯, ୦' ଓ ୧୦ ରନ ସ୍କୋର କରିଥିଲେ। ତେଣୁ ବର୍ତ୍ତମାନ ପୁକୋଭସ୍କିଙ୍କୁ ଚେଷ୍ଟ କରି ଦେଖିବା ଉଚିତ୍ ବୋଲି ସେ କହିଛନ୍ତି। ୨୨ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରେ ପୁକୋଭସ୍କି ୫୭.୯୩ ଆଭରେଜରେ ୬ଟି ଶତକ ହାସଲ କରିଛନ୍ତି। ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ଏହି ୟଙ୍ଗଷ୍ଟର ବ୍ୟାଟ୍ସମ୍ୟାନଙ୍କୁ ଖେଳାଯାଇବା ସପକ୍ଷରେ ଅଷ୍ଟ୍ରେଲିଆର ପୂର୍ବତନ ଓପନର ମାର୍କ ୱ' ମଧ୍ୟ ମତବ୍ୟକ୍ତ କରିଛନ୍ତି।

# ଏଚ୍‌ପିସି କମ୍ପିଟିଶନ ସିରିଜ: ଅମ୍ଲାନ, ଟପ୍ପୋଙ୍କ ଚମକ

**ଭୁବନେଶ୍ୱର,୯।୧୧(ସ୍ପୋର୍ଟ୍ସବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଆଥଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ପ୍ରାରମ୍ଭିକ କମ୍ପିଟିଶନ ସିରିଜ ଅନୁଷ୍ଠିତ ହୋଇଯାଇଛି। ୪ଟି ସିରିଜ୍‌ରେ ଏଚ୍‌ପିସିର ଆଥଲେଟମାନେ ୧୦୦ଟି ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ପ୍ରଦର୍ଶନ କରିଛନ୍ତି। ଅକ୍ଟୋବର ୨୪ ତାରିଖରେ ସ୍ପ୍ରିଣ୍ଟ ଓ ମିଡିଲ ଡିଷ୍ଟାନ୍ସ ଫେଷ୍ଟ ଆରମ୍ଭ ହୋଇଥିଲା। ଏହାପରେ ୨୮ ଓ ୩୧ରେ ଆଉ ଦୁଇଟି ଇଭେଣ୍ଟର ଆୟୋଜନ ହୋଇଥିଲା। ଶେଷରେ ରବିବାର ଫାଇନାଲ ଇଭେଣ୍ଟ ଖେଳାଯାଇଥିଲା। ଫରଫର୍ମାନ୍ସ ଗ୍ରେଡେଡ ରେସ୍ ଉପରେ ଏହି ସିରିଜ ପର୍ଯ୍ୟବସିତ ଥିଲା।

ରବିବାର ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ଅମ୍ଲାନ ବୋର୍ଗୋହେନ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୨୧.୨୦ ସେକେଣ୍ଡ ସମୟ ସହ ଦେଶର ଶ୍ରେଷ୍ଠ ୨୦୦ମିଟର ସ୍ପ୍ରିଣ୍ଟର ସାବ୍ୟସ୍ତ ହୋଇଛନ୍ତି। ସେହିପରି ୧୦୦ମି.ରେ ମଧ୍ୟ ଅମ୍ଲାନ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୧୦.୬୩ ସେକେଣ୍ଡ ସମୟ ସହ ଶ୍ରେଷ୍ଠ ସାବ୍ୟସ୍ତ ହୋଇଛନ୍ତି। କମ୍ପିଟିଶନ ସିରିଜର ଗତ ୬ଟି ରେସ୍‌ରେ (୨୦୦ ଓ ୧୦୦ ମିଟରର ୩ଟି ଲେଖାଏ)ରେ ଅଂଶଗ୍ରହଣ କରି ସେ ତାଙ୍କର ଷଷ୍ଠ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏଥିସହ ସେ ପୂରା ସ୍ପ୍ରିଣ୍ଟ୍ ଓ ମିଡିଲ ଡିଷ୍ଟାନ୍ସ ଫେଷ୍ଟରେ ବେଷ୍ଟ ଓଭରଅଲ ପରଫର୍ମାନ୍ସ ପୁରସ୍କାର ହାସଲ କରିଛନ୍ତି। ଏଚ୍‌ପିସିର ହେଡ୍ କୋଚ୍ ଜେମ୍ସ ହିଲେର ୪ ସପ୍ତାହ ବ୍ୟାପୀ ଟ୍ରାଏଲ୍‌ର ୨୨ ବର୍ଷୀୟ ଅମ୍ଲାନଙ୍କୁ ଚୟନ କରିଥିଲେ। ଏବେ ଟାଇମିଂକୁ ୨୧ସେକେଣ୍ଡ ତଳକୁ କମାଇବାକୁ ଅମ୍ଲାନ ଲକ୍ଷ୍ୟ ରଖିଛନ୍ତି।

ସେହିପରି ସ୍ପ୍ରିଣ୍ଟ ହଡଲର ସବିତା ଟପ୍ପୋ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସୁନ୍ଦରଗଡ ଜିଲାର ୧୫ ବର୍ଷୀୟ ଟପୋ ଗତ ଅଗଷ୍ଟରେ ଏଚ୍‌ପିସିରେ ଯୋଗ ଦେଇଥିଲେ। ୬ଟି ରେସ୍‌ରେ ୪ଟି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏଥିରେ ତାଙ୍କ ଫେଭରାଇଟ୍ ୧୦୦ମି ହର୍ଡଲ୍ସ ରେସ୍‌ରେ ୩ଟି ଶ୍ରେଷ୍ଠ ପ୍ରଦର୍ଶନ ସାମିଲ ରହିଛି। ରବିବାର ଫାଇନାଲରେ ସବିତା ୧୪.୫୪ ସେକେଣ୍ଡ ସମୟ ନେଇଥିଲେ। ଏବେ ସେ ତାଙ୍କ ଟାଇମିଂରେ ୨ ସେକେଣ୍ଡ ଉନ୍ନତି ଆଣିଛନ୍ତି। ଏବେ ଆଥଲେଟମାନେ ୩ ସପ୍ତାହ ବିଶ୍ରାମ ନେବେ।

ଏହି କମ୍ପିଟିଶନ ସିରିଜରେ ମହମ୍ମଦ ଆଲମାଗିର ହୁସେନ ବେଷ୍ଟ ମେଲ୍ ପରଫର୍ମାନ୍ସ ଭାବେ ସମ୍ମାନିତ ହୋଇଛନ୍ତି। ସେହିପରି ସବିତା ବେଷ୍ଟ ଫିମେଲ ପରଫର୍ମାନ୍ସ ଭାବେ ପୁରସ୍କୃତ ହୋଇଛନ୍ତି। ମୋଷ୍ଟ ଇମ୍ପ୍ରୁଭଡ୍ ଆଥ୍‌ଲେଟ ଭାବେ ବଳଭଦ୍ର ଭାତ୍ରା ପୁରସ୍କୃତ ହୋଇଛନ୍ତି। ମୋଷ୍ଟ କନ୍‌ସିଷ୍ଟେଣ୍ଟ ଆଥଲେଟ ଭାବେ ଦେବୀ ପ୍ରସାଦ କର, ବେଷ୍ଟ ମନିଟୋରିଙ୍ଗ୍ କୋହର୍ଟ ଫରଫର୍ମାନ୍ସ ଭାବେ ମହେନ୍ଦ୍ର ସାନ୍ତା, ବେଷ୍ଟ ନ୍ୟୁକମର ଭାବେ ଲକ୍ଷ୍ମୀପ୍ରୀୟା କିଶାନ ଓ ଆଥଲେଟମାନଙ୍କ ଦ୍ୱାରା ମତଦାନ ମାଧ୍ୟମରେ ଆଥଲେଟ ଅଫ୍ ଦି ଇୟର ଭାବେ ବିର୍ସା ଗାଗାରାଇ ପୁରସ୍କୃତ ହୋଇଛନ୍ତି।

ବର୍ଷଶେଷରେ ଅତିରିକ୍ତ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଏହି କ୍ରମରେ ମତଦାନ ମାଧ୍ୟମରେ ସ୍ପୋର୍ଟ୍ସମ୍ୟାନଶିପ ଆଥଲେଟ ଅଫ ଦି ଇୟର ଭାବେ ବିର୍ସା ଗାଗାରାଇ, ଡେଡିକେଟେଡ ଆଥଲେଟ ଅଫ୍ ଦି ଇୟର ଭାବେ ଆର୍ଯ୍ୟନ୍ ଏକ୍କା, ଏଚ୍‌ପିସି ଓ ଏମ୍‌ସିର ବେଷ୍ଟ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ଭାବେ ସାୱନ ଟପ୍ପୋ, ମତଦାନ ମାଧ୍ୟମରେ ମେଲ୍ କ୍ୟାପଟେନ ଫର ୨୦୨୦ ଭାବେ ଅମ୍ଲାନ ବୋର୍ଗୋହେନ ଓ ଫିମେଲ କ୍ୟାପେଟେନ ଫର ୨୦୨୦-୨୦୨୧ ଭାବେ ଲକ୍ଷ୍ମୀପ୍ରୀୟା କିଶାନ ପୁରସ୍କୃତ ହୋଇଛନ୍ତି। ଏକାଡେମିକ୍ସରେ ସାୱନ ଭଲ ପ୍ରଦର୍ଶନ କରିଥିଲେ।



ମହିଳା ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସବିତା ଟପ୍ପୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍ ପୁରସ୍କୃତ କରୁଛନ୍ତି।

# ଟେଷ୍ଟ ଦଳରେ ରୋହିତ ସାମିଲ

- ପିତୃତ୍ୱ ଛୁଟିରେ ଯିବେ କୋହଲି, ୩ଟି ଟେଷ୍ଟ ଖେଳିବେ ନାହିଁ
- ବରୁଣଙ୍କ ସ୍ଥାନରେ ନଟରାଜନ
- ଟେଷ୍ଟରେ ଖେଳିପାରନ୍ତି ଈଶାନ୍ତ

**ନୂଆଦିଲ୍ଲୀ, ୯।୧୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ଅଧିନାୟକ ବିରାଟ କୋହଲିଙ୍କୁ ପିତୃତ୍ୱ ଛୁଟି ମଞ୍ଜୁର କରିଛି। ଆସନ୍ତା ମାସରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ପରେ ସେ ଛୁଟିରେ ଯିବେ। ଅନ୍ୟପକ୍ଷରେ ତାଙ୍କ ସୀମିତ ଓଭର ଉପଅଧିନାୟକ ରୋହିତ ଶର୍ମାଙ୍କୁ ଟେଷ୍ଟ ଦଳରେ ନିଆଯାଇଛି। ହାମଷ୍ଟ୍ରିଙ୍ଗ ଇଞ୍ଜୁରି ପାଇଁ ପ୍ରଥମାବସ୍ଥାରେ ରୋହିତଙ୍କୁ ଦଳରେ ସ୍ଥାନ ମିଳି ନ ଥିଲା। ଜାନୁୟାରୀ ପ୍ରଥମ ଭାଗରେ କୋହଲିଙ୍କ ଅଭିନେତ୍ରୀ ସ୍ତ୍ରୀ ପ୍ରଥମ ସନ୍ତାନ ଜନ୍ମ ଦେବେ। ଉଭୟେ ସେମାନଙ୍କ ପ୍ରଥମ ସନ୍ତାନକୁ ସ୍ୱାଗତ କରିବେ। ଏଥିପାଇଁ କୋହଲି ଅଷ୍ଟ୍ରେଲିଆରେ ଅବଶିଷ୍ଟ ୩ଟି ମ୍ୟାଚ ଖେଳିବେ ନାହିଁ। ଛୁଟିରେ ଯିବା ଲାଗି ଅନୁମତି ପାଇଁ କୋହଲି ଅନୁରୋଧ କରିଥିବା ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ଟୁର୍ ଅବସରରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ, ସମାନ ସଂଖ୍ୟକ ଟି୨୦ ଏବଂ ୪ ଟେଷ୍ଟ ମ୍ୟାଚ ଖେଳିବ। ସିରିଜ ନଭେମ୍ବର ୨୭ରେ ଆରମ୍ଭ ହେବ। ଡିସେମ୍ବର ୧୭ରୁ ଆଡିଲେଡ୍‌ଠାରେ ପ୍ରଥମ ଟେଷ୍ଟ ଖେଳାଯିବ। ରୋହିତଙ୍କ ଫିଟ୍‌ନେସ୍ ଉପରେ ସଦ୍ୟ ସୂଚନା ଦେବାକୁ ଯାଇ ଶାହା କହିଛନ୍ତି ଏହି ଷ୍ଟାର ବ୍ୟାଟ୍ସମ୍ୟାନ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ସିରିଜ ମିସ୍ କରିବେ। ବିସିସିଆଇ ମେଡିକାଲ ଟିମ୍ ରୋହିତ ଶର୍ମାଙ୍କ ଫିଟ୍‌ନେସ୍ ଉପରେ ନଜର ରଖିଛି। ଅଲ୍‌ଇଣ୍ଡିଆ ସିନିୟର ସିଲେକ୍ସନ କମିଟିକୁ ରିପୋର୍ଟ ପ୍ରଦାନ କରିଛି। ସମ୍ପୂର୍ଣ୍ଣ ଫିଟ୍‌ନେସ୍ ଫେରିପାଇବା ଲକ୍ଷ୍ୟରେ ରୋହିତଙ୍କ ସହିତ ପରାମର୍ଶ ପରେ ଅଷ୍ଟ୍ରେଲିଆରେ ତାଙ୍କୁ ଦିନିକିଆ ଓ ଟି୨୦ରୁ ବିଶ୍ରାମ ଦିଆଯାଇଛି। କିନ୍ତୁ ତାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଭାରତର ଟେଷ୍ଟ ଦଳରେ ସାମିଲ କରାଯାଇଛି। ଫିଟ୍‌ନେସ୍ ଥିଲେ ଈଶାନ୍ତ ଶର୍ମାଙ୍କୁ ଟେଷ୍ଟ ଦଳରେ ସାମିଲ କରାଯିବ ବୋଲି ମଧ୍ୟ ବିସିସିଆଇ ସୂଚନା ଦେଇଛି। କାନ୍ଧରେ ଆଘାତପ୍ରାପ୍ତ ଥିବାରୁ ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଅନ୍ତର୍ଜାତୀୟ ଟି୨୦ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଟି. ନଟରାଜନଙ୍କୁ ନିଆଯାଇଛି। ପୂର୍ବରୁ ଟି୨୦ ଦଳରେ ସ୍ଥାନ ପାଇଥିବା ସଞ୍ଜୁ ସାମ୍‌ସନଙ୍କୁ ଦିନିକିଆ ଦଳରେ ଜଣେ ଅତିରିକ୍ତ ଉଇକେଟକିପର ଭାବେ ନିଆଯାଇଛି।



ବିରାଟ କୋହଲି ଓ ରୋହିତ ଶର୍ମା।

**ସଂଶୋଧିତ ଟି୨୦ ଦଳ**

ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ମୟଙ୍କ ଅଗ୍ରୱାଲ, କେ.ଏଲ୍ ରାହୁଲ (ଉପ-ଅଧିନାୟକ ଓ ଉଇକେଟ କିପର), ଶ୍ରେୟାସ ଆୟାର, ମିନଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି, ଦୀପକ ଚହର, ଟି. ନଟରାଜନ।

**ଦିନିକିଆ ଦଳ**

ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ୍, କେଏଲ୍ ରାହୁଲ (ଉପଅଧିନାୟକ ଓ ଉଇକେଟକିପର), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର, ସଞ୍ଜୁ ସାମସନ (ଉଇକେଟକିପର)।

**ଟେଷ୍ଟ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, କେ.ଏଲ୍ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପଅଧିନାୟକ), ହନୁମା ବିହାରୀ, ଶୁବମନ ଗିଲ୍, ରିଦ୍ଧିମାନ ଶାହା (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଉମେଶ ଯାଦବ, ନବଦୀପ ସଇନି, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ଆର୍. ଅଶ୍ୱିନ, ମହମ୍ମଦ ସିରାଜ।

# ଓଡ଼ିଶା ଏଫ୍‌ସି ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର, ୯।୧୧(କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୨୦ରୁ ଗୋଆରେ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)ର ସପ୍ତମ ସଂସ୍କରଣ ପାଇଁ ସୋମବାର ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସିର ଜର୍ସି ଉନ୍ମୋଚିତ ହୋଇଛି। ଓଡ଼ିଶାର କଳା ଓ ସଂସ୍କୃତିକୁ ଭିତ୍ତିକରି ଜର୍ସି ଡିଜାଇନ୍ କରାଯାଇଛି ଏବଂ ପୂରା ଓଡ଼ିଆ ସ୍ପିରିଟରେ ଏହି ଉତ୍ସବକୁ ପାଳନ କରାଯାଇଛି। ଓଡ଼ିଶା ଏପରି ଏକ ରାଜ୍ୟ ଯିଏକି ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍‌ନା କଲେ ମଧ୍ୟ ଏଥିରୁ ବାହାରି ଆସି ଆଗକୁ ବଢ଼ି ସଫଳତା ପାଇଛି। ଏବେ ଏହା ଭାରତର କ୍ରୀଡ଼ା ରାଜଧାନୀଭାବେ ପରିଚିତ ହେଉଛି। ଓଏଫ୍‌ସି କ୍ଲବ ନୂଆ ଜର୍ସି ଉନ୍ମୋଚନ କରି ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛି। ଏଥିରେ ସପୋର୍ଟଷ୍ଟାଫ୍‌ମାନେ ଅକ୍ଳାନ୍ତ ପରିଶ୍ରମ କରି କିପରି ଖେଳାଳିମାନେ ସମ୍ପୂର୍ଣ୍ଣ ଫିଟ୍ ରହି ପଡ଼ିଆକୁ ଓହ୍ଲାଇବେ ସେଥିପାଇଁ କାର୍ଯ୍ୟକରୁଥିବା ପରିଲକ୍ଷିତ ହେଉଛି। ଓଡ଼ିଶାର ଇତିହାସ, ସଂସ୍କୃତି ଓ ପରମ୍ପରାକୁ ଆଖିଆଗରେ ରଖି ଜର୍ସିର ଡିଜାଇନ୍ କରାଯାଇଛି। ଏ ସମ୍ପର୍କରେ ଓଏଫ୍‌ସି ସଭାପତି ରୋହନ ଶର୍ମା କହିଛନ୍ତି ଯେ, ଆମେ ଏଥର ଓଡ଼ିଶାର କଳା ଓ ସଂସ୍କୃତିକୁ ଯୋଡ଼ି ନୂଆ କିଟ୍ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଛୁ। ତେଣୁ ଯେତେବେଳେ ଆମ ଖେଳାଳି କିମ୍ବା ପ୍ରଶଂସକମାନେ ଏହି କିଟ୍‌କୁ ପିନ୍ଧିବେ ଓଡ଼ିଶା ସହିତ ଯୋଡ଼ିହୋଇ ରହିବେ। ପ୍ରଶଂସକଙ୍କ ଚାହିଦା ଅନୁସାରେ ଏଥର ପର୍ପଲ(ନୀଳଲୋହିତ) ରଙ୍ଗର ଜର୍ସି ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫସି ଚଳିତ ମାସ ୨୩ ତାରିଖରେ ବାମ୍ବୋଲିମ୍‌ସ୍ଥିତ ଜିଏମସି ଷ୍ଟାଡିୟମରେ ହାଇଦ୍ରାବାଦ୍ ଏଫସି ସହିତ ଖେଳି ଅଭିଯାନ ଆରମ୍ଭ କରିବ।



ନୂଆ ଜର୍ସି ସହ ଓଡ଼ିଶା ଏଫ୍‌ସିର ଖେଳାଳିମାନେ।

## ପୂର୍ବତନ ଡିଫେଣ୍ଡର ସତ୍ୟଜିତ୍ ଘୋଷଙ୍କ ଦେହାନ୍ତ

**କୋଲକାତା, ୯।୧୧ (ପି.ଟି.):** ଭାରତ ଓ ମୋହନବାଗାନର ପୂର୍ବତନ ଡିଫେଣ୍ଡର ସତ୍ୟଜିତ୍ ଘୋଷଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଘୋଷ ୧୯୮୫ ନେହେରୁ କପ୍‌ରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ୧୯୮୦ରେ ରେଲୱେ ଏଫ୍‌ସି ସହ ତାଙ୍କ କ୍ୟାରିୟର ଆରମ୍ଭ କରିବା ପରେ ଘୋଷ ପରବର୍ତ୍ତୀ ସିଜନରେ ମୋହନବାଗାନରେ ଯୋଗ ଦେଇଥିଲେ। ଏହି ଦଳରେ ସେ ଭାରତର ଷ୍ଟାର ଡିଫେଣ୍ଡର ସୁବ୍ରତ ଭଟ୍ଟାଚାର୍ଯ୍ୟଙ୍କ ସହ ବ୍ୟାକ୍‌ଲାଇନ୍ ପୋଜିଶନରେ ଖେଳୁଥିଲେ। ଏହି କମ୍ବିନେଶନ ଦଳକୁ ଅଧିକ ଶକ୍ତିଶାଳୀ କରିଥିଲା। ଆଘାତଜନିତ ସମସ୍ୟା ଯୋଗୁ ୧୯୮୬ରେ ଘୋଷ ମୋହନ ବାଗାନ ଛାଡ଼ିଥିଲେ। ଫିଟ୍ ହେବା ପରେ ସେ ମହମ୍ମଡାନ ସ୍ପୋର୍ଟିଂ ଜର୍ସି ପିନ୍ଧିଥିଲେ। ଘୋଷ ପରେ ୧୯୮୯ରେ ମୋହନବାଗାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ୧୯୯୩ ପର୍ଯ୍ୟନ୍ତ ରହିଥିଲେ।

# ଟ୍ରେଲ୍‌ବ୍ଲେଜର୍ସ ପ୍ରଥମଥର ଚାମ୍ପିୟନ


ପ୍ଲେୟର୍ ଅଫ୍ ଦି ସିରିଜ୍ ସୁପରନୋଭାସ୍‌ର ରାଧା ଯାଦବ।

**ଶାରଜା, ୯।୧୧**

ଟ୍ରେଲ୍‌ବ୍ଲେଜର୍ସ ମହିଳା ଟି୨୦ ଚ୍ୟାଲେଞ୍ଜରେ ପ୍ରଥମଥରପାଇଁ ଚାମ୍ପିୟନ ହୋଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ ସ୍ମୃତି ମାନ୍ଧାନାଙ୍କ ଏହି ଦଳ ଗତ ୨ ଥର ଚାମ୍ପିୟନ ସୁପରନୋଭାସକୁ ୧୬ ରନରେ ପରାସ୍ତ କରିଛି। ସ୍ପିନରଙ୍କ ପ୍ରାଧାନ୍ୟ ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଟ୍ରେଲ୍‌ବ୍ଲେଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୧୮ ରନ କରିଥିଲା। ୧୧୯ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସୁପରନୋଭାସ ୨୦ ଓଭରରେ ୭ ଉଇକେଟ ହରାଇ ୧୦୨ ରନ କରି ପାରିଥିଲା। ଫଳରେ ଟୁର୍ନାମେଣ୍ଟର ପ୍ରଥମ ଖେଳାଳିଭାବେ ୫ ଉଇକେଟ ସଫଳତା ଲାଭ କରିଥିବା ସୁପରନୋଭାସ୍‌ର ରାଧା ଯାଦବଙ୍କ ପ୍ରଦର୍ଶନ ଫିକା ପଡ଼ିଛି। ପୂର୍ବ ଦୁଇ ସଂସ୍କରଣରେ ସୁପରନୋଭାସ ଚାମ୍ପିୟନ ହୋଇଥିଲା। ଏଥର ପରାଜୟ ଯୋଗୁ ଦଳର ହ୍ୟାଟ୍ରିକ ଟାଇଟଲ ଆଶା ଅଧୁରା ରହିଛି। ୨୦୧୮ ଫାଇନାଲରେ ଟ୍ରେଲ୍‌ବ୍ଲେଜର୍ସକୁ ହରାଇଥିଲା ସୁପରନୋଭାସ। ୨୦୨୦ରେ ଚାମ୍ପିୟନ ହୋଇ ସ୍ମୃତିଙ୍କ ଦଳ ଏହାର ମଧୁର ପ୍ରତିଶୋଧ ନେଇଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ସୁପରନୋଭାସ ଅଧିନାୟିକା ହରମନପ୍ରୀତ କୌର। ଟ୍ରେଲବ୍ଲେଜର୍ସ କିନ୍ତୁ ବଢ଼ିଆ ଆରମ୍ଭ କରିଥିଲା। ଅଧିନାୟିକା ସ୍ମୃତି ମାନ୍ଧାନା ଓ ଡିଅଣ୍ଡ୍ରା ଡୋଟିନ ପାୱାରପ୍ଲେ ୬ ଓଭରରେ ୪୫ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଡୋଟିନ ଧିମା ଖେଳିବାରୁ ପରବର୍ତ୍ତୀ ୮ରୁ ୧୧ ଓଭର ମଧ୍ୟରେ ମାତ୍ର ୧୫ ରନ ସଂଗ୍ରହ ହେବାରୁ ରନହାର କମି ଯାଇଥିଲା। ଓପନିଂ ଯୋଡ଼ିରେ ୭୧ ରନ ଯୋଗ

## ମହିଳା ଟି୨୦ ଚ୍ୟାଲେଞ୍ଜ

ହେବାପରେ ସଂଘର୍ଷ କରୁଥିବା ଡୋଟିନ ୧୨ତମ ଓଭରର ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ। ପୁନମ ଯାଦବ ସୁପରନୋଭାସକୁ ଏହି ବ୍ରେକ୍‌ଥ୍ରୁ ଦେଇଥିଲେ। ଡୋଟିନ ୩୨ ବଲ୍‌ରୁ ମାତ୍ର ୨୦ ରନ କରି ପାରିଥିଲେ। ମାନ୍ଧାନା ଖେଳିଥିଲେ ଅଧିନାୟିକା ଇନିଂସ। ସେ ମାତ୍ର ୩୮ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ମାତ୍ର ତାଙ୍କୁ ଅପରପଟରେ କେହି ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳିପାରି ନ ଥିଲେ। ଫଳରେ ୧୫ତମ ଓଭରରେ ଯାଇ ଦଳୀୟ ସ୍କୋର ୧୦୦ ଅତିକ୍ରମ କରିଥିଲା। ୧୫ତମ ଓଭର ବୋଲିଂ କରିଥିବା ଶଶିକଳା ଶିରିବର୍ଦ୍ଧନେଙ୍କ ୫ମ ବଲ୍‌କୁ ବଡ଼ ଶଟ୍ ଖେଳିବାକୁ ଯାଇ ଷ୍ଟମ୍ପିଂ ହୋଇଯାଇଥିଲେ ମାନ୍ଧାନା। ୪୯ ବଲ୍ ଖେଳିଥିବା ମାନ୍ଧାନା ୫ ଚୌକା ଓ ୩ ଛକା ସହାୟତାରେ ୬୮ ରନ ସ୍କୋର କରିଥିଲେ। ଫଳରେ ୧୫ ଓଭର ଶେଷ ବେଳକୁ ଦଳୀୟ ସ୍କୋର ୧୦୧/୨ ହୋଇ ଯାଇଥିଲା। ମାତ୍ର ଶେଷ ୫ ଓଭରରେ ଟ୍ରେଲବ୍ଲେଜର୍ସ ଲଜ୍ଜାଜନକ ବ୍ୟାଟିଂ କରି ମାତ୍ର ୧୭ ରନରେ ୫ ଉଇକେଟ ହରାଇଥିଲା। ଫଳରେ ସ୍କୋର ୧୧୮/୮ରେ ରହିଯାଇଥିଲା। କେବଳ ରାଧା ଯାଦବଙ୍କ ଶେଷ ଓଭରରେ ୪ଟି ଉଇକେଟ ପତନ ଘଟିଥିଲା। ରାଧା ୩ଟି ଉଇକେଟ ନେଇଥିବାବେଳେ ନଟକନ ଚନ୍ତମ ରନ୍‌ଆଉଟ ହୋଇଥିଲେ। ଟ୍ରେଲ୍‌ବ୍ଲେଜର୍ସର ୬ ବ୍ୟାଟ୍ସୱମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ମହିଳା ଟି୨୦ ଚ୍ୟାଲେଞ୍ଜରେ ପ୍ରଥମ ଖେଳାଳିଭାବେ ୫ ଉଇକେଟ ସଫଳତା ଲାଭକରି ରାଧା ରେକର୍ଡ କରିଥିଲେ। ସେ ନିଜ ୪ ଓଭର ସ୍ପେଲରେ ମାତ୍ର ୧୬ ରନ ଦେଇ ୫ ଉଇକେଟ ନେଇଥିଲେ। ଏହା ପୂର୍ବରୁ ରାଧା କେବେ ୫ ଉଇକେଟ ସଫଳତା ପାଇ ନ ଥିଲେ। ଅନ୍ୟ ସୁପରନୋଭାସ ବୋଲରଙ୍କ ମଧ୍ୟରେ ପୁନମ ଯାଦବ ଓ ଶଶିକଳା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ୩୭ ରନ ମଧ୍ୟରେ ୩ଟି ଉଇକେଟ ହରାଇ ସୁପରନୋଭାସ ଚାପକୁ ଆସିଥିଲା। ଫର୍ମରେ ଥିବା ଚାମରି ଆଟାପାଟ୍ଟୁ ୬, ଜେମିମା ରୋଡ୍ରିଗ୍ସେଜ ୧୩ ଓ ତାନିୟା ଭାଟିଆ ୧୪ ରନ କରି ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ଶଶିକଳା ଶିରିବର୍ଦ୍ଧନେ ୧୮ ବଲ୍‌ରୁ ୧୯ ରନ କରି ଆଉଟ ହୋଇ ଯାଇଥିଲେ। ୨ ଓଭରରୁ ୨୮ ରନ ଆବଶ୍ୟକ ହେଉଥିବାରୁ ସ୍ୱାଭାବିକଭାବେ ଉଷ୍ମତା ବଢ଼ିଥିଲା। ୧୯ତମ ଓଭରରେ ଅନୁଜା ପାଟିଲ ରନ୍‌ଆଉଟ ହୋଇ ଯାଇଥିବାବେଳେ ହରମନପ୍ରୀତ ୩୦(୩୬ ବଲ, ୨ ଚୌକା) ସଲ୍‌ମା ଖାତୁନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଏହି ଓଭରରେ ପୂଜା ବସ୍ତ୍ରକାର ମଧ୍ୟ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଶେଷ ଓଭରରୁ ମାତ୍ର ୭ ରନ ସଂଗ୍ରହ କରିବାରୁ ସୁପରନୋଭାସ ଇନିଂସ ୧୦୨/୭ରେ ସୀମିତ ରହିଥିଲା। ଟ୍ରେଲ୍‌ବ୍ଲେଜର୍ସ ପକ୍ଷରୁ ସଲ୍‌ମା ଖାତୁନ ସର୍ବାଧିକ ୩ଟି, ଦୀପ୍ତି ଶର୍ମା ୨ଟି ଓ ସୋଫି ଏକେଲଷ୍ଟୋନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଟ୍ରେଲ୍‌ବ୍ଲେଜର୍ସ ୨୦ ଓଭରରେ ୧୧୮/୮(ମାନ୍ଧାନା-୬୮, ରାଧା-୫/୧୬, ପୁନମ-୧/୨୩, ଶଶିକଳା-୧/୨୨)। ସୁପରନୋଭାସ ୨୦ ଓଭରରେ ୧୦୨/୭ (ହରମନପ୍ରୀତ-୩୦, ସଲ୍‌ମା-୩/୧୮, ଦୀପ୍ତି-୨/୯, ଏକଲେଷ୍ଟୋନ-୧/୨୬)।

# ବାୟୋ-ବବଲରେ ଦୀର୍ଘଦିନ ରହିବା କଷ୍ଟକର: ଷ୍ଟାର୍କ

**ମେଲବୋର୍ନ,୯।୧୧(ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏବେ ବାୟୋ- ବବଲ ତଥା ଜୈବ ସୁରକ୍ଷିତ ପରିବେଶ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଥିରେ ଖେଳାଳିଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ବାୟୋ- ବବଲରେ ବିଭିନ୍ନ ନିୟମ କାନୁନ ଥିବାରୁ ଏଥିରେ ଦୀର୍ଘଦିନ ଧରି ରହିବା ବ୍ୟବହାରିକ ନୁହେଁ। ସାରା ବିଶ୍ୱରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଛି। ଏପରିସ୍ଥଳେ କ୍ରିକେଟ ଜୈବ ସୁରକ୍ଷିତ ପରିବେଶ ତଥା ବାୟୋ- ବବଲରେ ଖେଳାଯାଉଛି। ନିକଟ ଭବିଷ୍ୟତରେ ଏଥିରେ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ବାୟୋ- ବବଲ୍‌ରେ ରହିବା ଏକ ସ୍ଥାୟୀ ଜୀବନ ଶୈଳୀ ନୁହେଁ ବୋଲି 'କ୍ରିକେଟ.କମ. ଏୟୁ'କୁ ସାକ୍ଷାତକାର ଦେଇ ସେ କହିଛନ୍ତି। ଖେଳାଳିମାନେ ହୋଟେଲ ରୁମ୍‌ରେ ରହୁଛନ୍ତି ଓ ବାହ୍ୟଜଗତ ସହ ସେମାନଙ୍କର ଆଦୌ କୌଣସି ସମ୍ପର୍କ ନାହିଁ। ଆଇପିଏଲ୍ ଖେଳୁଥିବା କେତେଜଣ ଖେଳାଳି ଦୀର୍ଘଦିନ ହେବ ସେମାନଙ୍କ ପିଲାମାନଙ୍କୁ ଦେଖି ନାହାନ୍ତି। ଗତ ଅଗଷ୍ଟରୁ ଖେଳାଳିମାନେ ବାୟୋ- ବବଲରେ ରହୁଛନ୍ତି। ପୁଣି ଏହି ଖେଳାଳିମାନେ ଅଗାମୀ ସିରିଜରେ ସେମାନଙ୍କ ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ ଓ ସେମାନଙ୍କୁ ପୁଣି ବାୟୋ-ବବଲରେ ରହିବାକୁ ହେବ। ତେଣୁ ଏଥିରେ ରହିବା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ ବୋଲି ଷ୍ଟାର୍କ କହିଛନ୍ତି। ଆଇପିଏଲ୍ ଫାଇନାଲ ପରେ ଭାରତୀୟ ଦଳ ଏକ ଦୀର୍ଘ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଆଇପିଏଲ୍ ଖେଳୁଥିବା ଅଷ୍ଟ୍ରେଲିଆ ଖେଳାଳି ଯଥା ଷ୍ଟିଭ ସ୍ମିଥ୍, ପ୍ୟାଟ କମିନ୍ସ, ଜୋଶ ହାଜେଲଉଡ ଓ ଡେଭିଡ୍ ୱାର୍ନର ମଧ୍ୟ ଭାରତ ବିପକ୍ଷରେ ସିରିଜ ଖେଳିବେ। ସେହିପରି ଆଇପିଏଲ୍ ଖେଳୁଥିବା ଇଂଲଣ୍ଡ ଖେଳାଳି ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ ଓ ୱେଷ୍ଟଇଣ୍ଡିଜ ଖେଳାଳି ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ। ତେଣୁ କେବଳ ଖେଳାଳି ନୁହେଁ, ସପୋର୍ଟ ଷ୍ଟାଫ୍, ଅଫିସିଆଲ ମଧ୍ୟ ସମାନ ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ପୁଣି ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣ ଆସନ୍ତା ୨୦୨୧ ଏପ୍ରିଲ ଓ ମେ'ରେ ଖେଳାଯିବ। ଆଇପିଏଲ ପୂର୍ବରୁ ମଧ୍ୟ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜର କେତେକ ଖେଳାଳି ସିରିଜ ଖେଳିବା ପାଇଁ ବାୟୋ- ବବଲରେ ରହୁଥିଲେ। ତେଣୁ ଏପରିସ୍ଥଳେ ଖେଳାଳିଙ୍କ ମାନସିକ ବିଷାଦ ସୃଷ୍ଟି ହେବା ନିଶ୍ଚିତ। ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଦଳ ୩ ଟି୨୦, ୩ ଦିନିକିଆ ଓ ୪ଟି ଟେଷ୍ଟ ଖେଳିବ।

# କୋହଲିଙ୍କ ଅନୁପସ୍ଥିତିରେ ରୋହିତ ନେତୃତ୍ୱ ନେବା ଉଚିତ: ଇର୍ଫାନ

**ନୂଆଦିଲ୍ଲୀ, ୯।୧୧(ପି.ଟି.):** ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଟେଷ୍ଟ ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେ ନୁହଁ ରୋହିତ ଶର୍ମା ଦଳରେ ନେତୃତ୍ୱ ନେବା ସପକ୍ଷରେ ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ଦ୍ରୁତ ବୋଲର ଇର୍ଫାନ ପଠାନ। ପ୍ରଥମ ଟେଷ୍ଟ ପରେ କୋହଲିଙ୍କୁ ପାର୍ଟେର୍ନିଟି ଲିଭ୍ ପ୍ରଦାନ କରାଯାଇଛି। ତେଣୁ ବାକିଥିବା ୩ଟି ଟେଷ୍ଟରେ ସେ ଖେଳିବେ ନାହିଁ ଓ ଏହାର ପ୍ରଭାବ ଦଳ ଉପରେ ନିଶ୍ଚିତ ଭାବେ ପଡିବ। ଦୁଇବର୍ଷ ତଳେ କୋହଲିଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲା। କୋହଲିଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଆଯିବା ଆବଶ୍ୟକ। କ୍ରିକେଟପରେ ବ୍ୟକ୍ତିଗତ ଜୀବନର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି। କିନ୍ତୁ ରାହାନେଙ୍କ ବଦଳରେ ରୋହିତଙ୍କୁ ନେତୃତ୍ୱ ପ୍ରଦାନ କରାଗଲେ ଭାରତ ପାଇଁ ଲାଭଦାୟକ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ରୋହିତ ଏକାଧିକ ଟାଇଟଲ ଜିତିଛନ୍ତି। ସେ ମଧ୍ୟ ନିଦାହାସ ଟ୍ରଫି ଓ ଏସିଆ କପ୍‌ରେ ନେତୃତ୍ୱ ନେଇ ଭାରତକୁ ଚାମ୍ପିୟନ କରାଇଥିଲେ। ରାହାନେଙ୍କୁ ବିରୋଧ କରୁନାହିଁ। କିନ୍ତୁ ପ୍ରଦର୍ଶନ ଓ ଅଭିଜ୍ଞତା ସୃଷ୍ଟିକୋଣରୁ ରୋହିତଙ୍କୁ ନେତୃତ୍ୱ ନେବାକୁ ହେବ। ସେ ମଧ୍ୟ ନିଜ ନେତୃତ୍ୱର ପରାକାଷ୍ଠାକୁ ପ୍ରମାଣିତ କରିଛନ୍ତି। ଓପନର ହିସାବରେ ମଧ୍ୟ ରୋହିତଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅଷ୍ଟ୍ରେଲିଆ ମାଟିରେ ରୋହିତ ନିର୍ଣ୍ଣାୟକ ସାବ୍ୟସ୍ତ ହେବେ। ୨୦୦୮ରେ ନୂଆକରି ଆସିଥିଲେ ମଧ୍ୟ ରୋହିତ ଅଷ୍ଟ୍ରେଲିଆରେ ଭଲ ଖେଳିଥିଲେ। ବିଦେଶରେ ଖେଳିବା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ୍। କିନ୍ତୁ ରୋହିତ ଫର୍ମରେ ଥିଲେ ବିପକ୍ଷ ଦଳ ପାଇଁ ସମସ୍ୟା ସୃଷ୍ଟି କରିବେ। ୨୦୦୪ ସିରିଜରେ ବୀରେନ୍ଦ୍ର ସେହ୍ୱାଗ ଯେପରି ଖେଳିଥିଲେ ରୋହିତ ମଧ୍ୟ ଠିକ୍ ସେହିଭଳି ଖେଳିପାରିବେ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ